
# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁନ୍ ୬/୨୦୨୧ (୧୨ ପୃଷ୍ଠା) | Sambalpur, Sunday, June 6/2021 | ★★

୧୭ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
कमलापसन्द
अनोखा स्वाद
KP GROUP Quality Since 1965
पान मसाला
Rs.10/-
6g.
Watch at: You Tube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଳା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ରବିବାର, ଜୁନ୍ ୬/୨୦୨୧ Sunday, June 6/2021 



## ଜୋକୋଭିଚ୍‌ଙ୍କ ରେକର୍ଡ

ନୋଭାକ୍ ଜୋକୋଭିଚ୍ କ୍ରମାଗତ ୧୨ବର୍ଷ ଫ୍ରେଞ୍ଚ୍ ଓପନ ଟେନିସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରି ଏକ ରେକର୍ଡ କରିଛନ୍ତି ।

୧୦

୦୮

## ଅଭିନୟ ପାଇଁ ସ୍ତ୍ରୀଙ୍କ ଗହଣା ବିକିଥିଲେ

ଚାକିରି ଛାଡ଼ି ଅଭିନୟକୁ ଆସିବା ପରେ ଅର୍ଥ ଅଭାବ ଦେଖାଦେଇଥିଲା। ଏଥିପାଇଁ ସ୍ତ୍ରୀଙ୍କ ଗହଣା ବିକ୍ରି କରିବାକୁ ପଡ଼ିଥିଲା ବୋଲି କହିଛନ୍ତି 'ଦ ଫାମିଲି ମ୍ୟାନ ୨'ର ଶାରିବ ହାସ୍‌ମୀ।



# ଟୁଇଟର-କେନ୍ଦ୍ର ଶୀତଳଯୁଦ୍ଧ

୩ ବିବାଦୀୟ କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ବେଳେ କେନ୍ଦ୍ର ସରକାର ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟୁଇଟର ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଏବେ ଚରମସୀମାରେ ପହଞ୍ଚିଛି। ସେତେବେଳେ କୃଷକଙ୍କ ଧାରଣାସ୍ଥଳକୁ ଦିଲ୍ଲୀ ପୋଲିସ କଣ୍ଟକିତ ତାରବାଡ଼ରେ ଘେରିଥିଲା, ଯାହାର ଦୃଶ୍ୟ ଟୁଇଟର ଜରିଆରେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। କରୋନା ଭାଇରସ୍‌ର ଦ୍ୱିତୀୟ ଲହର ବେଳେ ହସ୍ପିଟାଲଗୁଡ଼ିକରେ ଭର୍ତ୍ତି ହୋଇଥିବା ରୋଗୀ ଅକ୍ସିଜେନ ଅଭାବରୁ ମରୁଥିବା ଦୃଶ୍ୟ ମଧ୍ୟ ସର୍ବାଧିକ ଶେୟାର କରାଯାଇଛି ଟୁଇଟରରେ। ସେହିପରି ମହାମାରୀ ସମୟରେ ସେଣ୍ଟ୍ରାଲ ଭିଷ୍ଟାର ନିର୍ମାଣକୁ ଛାଇ ବିରୋଧ ସାମାଜିକ ଗଣମାଧ୍ୟମରେ ହୋଇରହିଥିଲା। କେନ୍ଦ୍ରରେ କ୍ଷମତାସୀନ ଭାଜପା ଏହାକୁ କଂଗ୍ରେସର ଟୁଲକିଟ୍ ଆଖ୍ୟାଦେଇ ଟୁଇଟର ଉପରେ ଦୋଷ ଲଦିଥିଲା। ଜବାବରେ ଟୁଇଟର ଭାଜପା ମୁଖପାତ୍ର ସମ୍ବିତ ପାତ୍ରଙ୍କ ପୋଷ୍ଟକୁ 'ମାନିପୁଲେଟେଡ୍ ମିଡିଆ'ର ଟ୍ୟାଗ୍ ଦେଇଥିଲା। ମେ' ୨୪ରେ ଦିଲ୍ଲୀ ପୋଲିସର ୬ ଜଣିଆ ଟିମ୍ ଟୁଇଟରର ଗୁରୁଗ୍ରାମ ଓ ଲାଡୋସରାୟ ଅଫିସରେ ପହଞ୍ଚିବା ପରେ ଏହି ପ୍ଲାଟ୍‌ଫର୍ମ ଅସନ୍ତୋଷ ବ୍ୟକ୍ତ କରିଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ନୂଆ ଆଇନ ଆଣିଥିବାବେଳେ ଟୁଇଟର ବ୍ୟତୀତ ଅନ୍ୟ ସାଇଟ୍‌ଗୁଡ଼ିକ ଏହାକୁ ମାନିବାକୁ ରାଜି ହୋଇଛନ୍ତି। ଗତ ୨୭ ତାରିଖରେ ଟୁଇଟର ଡିଜିଟାଲ ନିୟମଗୁଡ଼ିକ ଉପରେ ଆପତ୍ତି ଉଠାଇ ଏହା 'ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ବିପଦ' ବୋଲି ଦର୍ଶାଇଥିଲା। ଫଳରେ ଟୁଇଟର ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରକୁ ବଦନାମ କରିବା ପାଇଁ ଉଦ୍ୟମ ଚଳାଇଥିବା କେନ୍ଦ୍ର ସରକାର ସମାଲୋଚନା କରିଥିଲେ। ଶନିବାର କେନ୍ଦ୍ର ପକ୍ଷରୁ ଟୁଇଟରକୁ ଶେଷ ନୋଟିସ ପଠାଯିବା ସହ ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।



## ସରକାରଙ୍କ ଶେଷ ନୋଟିସ

**ନୂଆଦିଲ୍ଲୀ,୫।୬**

ନୂଆ ସୂଚନା ପ୍ରଯୁକ୍ତି ନିୟମାବଳୀ, ୨୦୨୧ ଅନୁପାଳନ କରିବା ଲାଗି କେନ୍ଦ୍ର ସରକାର ଶନିବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟୁଇଟରକୁ ଚୂଡ଼ାନ୍ତ ନୋଟିସ ପଠାଇଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପଠାଇଥିବା ନୋଟିସ୍‌ରେ କୁହାଯାଇଛି, ମନ୍ତ୍ରଣାଳୟ ପୂର୍ବରୁ ଯେଉଁ ଚିଠିଗୁଡ଼ିକ ପଠାଇଥିଲା ସେଥିରେ ଟୁଇଟରର ଜବାବ ନୈରାଶ୍ୟଜନକ। ଏହା ମନ୍ତ୍ରଣାଳୟକୁ ନା ସ୍ପଷ୍ଟୀକରଣ ଦେଇଛି, ନା ନିୟମାବଳୀ ସମ୍ପୂର୍ଣ୍ଣ ଅନୁପାଳନ କରିବ ବୋଲି ସୂଚାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଟୁଇଟର ଜବାବରେ ମୁଖ୍ୟ କମ୍ପ୍ଲିଆନ୍ସ ଅଫିସରଙ୍କ ସମ୍ପର୍କରେ ସବିଶେଷ ସୂଚନା ଦେଇନାହିଁ। ଜଣେ କମ୍ପ୍ଲିଆନ୍ସ ଅଫିସରଙ୍କ ସମେତ କମ୍ପାନୀର ଜଣେ କର୍ମଚାରୀଙ୍କୁ ଗ୍ରିଭାନ୍ସ ଅଫିସର ଏବଂ ଅନ୍ୟ ଜଣେ ନୋଡାଲ କଣ୍ଟାକ୍ଟ ପର୍ସନ ନିଯୁକ୍ତି କରିବା ଲାଗି କେନ୍ଦ୍ର ସରକାର ଉକ୍ତ ମାଇକ୍ରୋ-ବ୍ଲଗିଂ ପ୍ଲାଟ୍‌ଫର୍ମକୁ ନିର୍ଦ୍ଦେଶ ଦେଇଥିଲେ। ସଦିଚ୍ଛା ପୂର୍ବକ ଟୁଇଟରକୁ ଶେଷ ନୋଟିସ୍ ପଠାଯାଇ ତୁରନ୍ତ ନିୟମାବଳୀ ମାନିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ଅନୁପାଳନ ନ କଲେ ଟୁଇଟର ଆଇଟି ଆଇନରେ ଥିବା ଉତ୍ତରଦାୟିତ୍ୱ କ୍ଷମା ପାଇବା ସୁଯୋଗ ହରାଇବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଡିଜିଟାଲ ମିଡ଼ିଆ ପାଇଁ ସରକାରଙ୍କ ନୂଆ ଆଇଟି ନିୟମାବଳୀକୁ ଟୁଇଟର ସମେତ ସମସ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ଅନୁପାଳନ କରିବାକୁ ପଡ଼ିବ ବୋଲି ବୁଧବାର ଦିଲ୍ଲୀ ହାଇକୋର୍ଟ କହିଥିଲେ। ଟୁଇଟର ନିୟମାବଳୀ ପାଳନ କରିବା ସହ ଆବାସିକ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିଥିବା କୋର୍ଟଙ୍କୁ ଜଣାଇଥିଲା ଓ ପିଟିଶନର ଜବାବ ରଖିବ ବୋଲି କହିଥିଲା। କିନ୍ତୁ କେନ୍ଦ୍ର ସରକାର ଉକ୍ତ ଦାବିକୁ ନେଇ ବିବାଦ ସୃଷ୍ଟି କରିଛନ୍ତି। ନୂଆ ଡିଜିଟାଲ ନିୟମାବଳୀ ଅନୁଯାୟୀ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଏବଂ ଟୁଇଟର ଭଳି ସୋସିଆଲ ମିଡିଆ କମ୍ପାନୀକୁ ମେସେଜଗୁଡ଼ିକର ସୃଷ୍ଟିକର୍ତ୍ତାଙ୍କୁ ୩୬ ଘଣ୍ଟା ମଧ୍ୟରେ ଚିହ୍ନଟ କରିବା ସହ ମୁଖ୍ୟ କମ୍ପ୍ଲିଆନ୍ସ ଅଫିସର, ନୋଡାଲ ଯୋଗାଯୋଗ ବ୍ୟକ୍ତି ଏବଂ ଆବାସିକ ଗ୍ରିଭାନ୍ସ ଅଫିସର ନିଯୁକ୍ତ କରିବା ଲାଗି କୁହାଯାଇଥିଲା।

## ନାଇଜେରିଆ ଯିବ 'କୁ'?




**ନୂଆଦିଲ୍ଲୀ,୫।୬**

ଆଫ୍ରିକୀୟ ଦେଶ ନାଇଜେରିଆ ଶୁକ୍ରବାର ଟୁଇଟରକୁ ବନ୍ଦ କରିଦେବା ପରେ ଭାରତୀୟ ସୋସିଆଲ ନେଟ୍‌ୱର୍କିଂ କମ୍ପାନୀ 'କୁ' ଏବେ ସେଠାରେ ପ୍ରବେଶ ଲାଗି ବିଚାର କରୁଛି। ନିୟମ ଉଲ୍ଲଂଘନ ପାଇଁ ଟୁଇଟର କମ୍ପାନୀ ନାଇଜେରିଆ ରାଷ୍ଟ୍ରପତି ମୁହମ୍ମଦୁ ବୁହାରିଙ୍କ ଆକାଉଣ୍ଟକୁ ହଟାଇ ଦେବା ପରେ ସେଠାର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏବେ ନାଇଜେରିଆରେ @kooindia ଉପଲବ୍ଧ ହେବ। ଏହାକୁ ସ୍ଥାନୀୟ ଭାଷାରେ ସମର୍ଥ କରାଇବା ପାଇଁ ଚିନ୍ତା କରାଯାଉଥିବା କମ୍ପାନୀର ସହ ପ୍ରତିଷ୍ଠାତା ଅପ୍ରମେୟ ରାଧାକ୍ରିଷ୍ଣ ଟୁଇଟ୍ କରିଛନ୍ତି। ତେବେ ଭାରତୀୟ ଟୁଇଟର ବୋଲାଯାଉଥିବା ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ନାଇଜେରିଆରେ କେତେ ଗ୍ରହଣୀୟ ହେଉଛି ତାହା ଦେଖିବାକୁ ବାକି ରହିଲା। ପ୍ରକାଶ ଯେ, ୧୦ ଭାଷାର ୫୦ ଲକ୍ଷରୁ ଅଧିକ ଭାରତୀୟ ଏହି ଆପ୍ ସହିତ କନେକ୍ଟ ଥିବା କମ୍ପାନୀ ପକ୍ଷରୁ ଉଲ୍ଲେଖ କରାଯାଉଛି। କେନ୍ଦ୍ରର ଅନେକ ମନ୍ତ୍ରୀ, ବରିଷ୍ଠ ଭାଜପା ନେତା ଓ ସମର୍ଥକମାନେ ଏହି ଆପ୍‌ର ୟୁଜର୍ସ ଥିବା ଜଣାପଡ଼ିଛି।





## ଉପରାଷ୍ଟ୍ରପତି ଓ ଭାଗବତଙ୍କ ହ୍ୟାଣ୍ଡଲ୍‌ର ବ୍ଲୁ ଟିକ୍ ହଟାଇ ଫେରାଇଲା

**ନୂଆଦିଲ୍ଲୀ,୫।୬**

ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ବ୍ୟକ୍ତିଗତ ହ୍ୟାଣ୍ଡଲ୍ ବ୍ଲୁ ଟିକ୍‌କୁ ଟୁଇଟର ହଟାଇବାର କିଛି ଘଣ୍ଟା ପରେ ଏହାକୁ ଫେରାଇ ଦେଇଛି। ସୋସିଆଲ ମିଡିଆ କମ୍ପାନୀ ଯାଞ୍ଚ ସୂଚନାକୁ ହଟାଇଦେବାକୁ ନେଇ ପ୍ରଶ୍ନ ଉଠାଯାଇଛି। ତେବେ ଲଗ୍‌ଇନ୍‌ରେ ଅଧିକ ବ୍ୟବଧାନ ଯୋଗୁ ଏପରି ହୋଇଥିବା ଟୁଇଟର ପକ୍ଷରୁ କୁହାଯାଇଛି। ଉପରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଟୁଇଟର ହ୍ୟାଣ୍ଡଲ୍ Naidu @MVenkaiahNaidu ଦୀର୍ଘ ସମୟ ଧରି ଅଚଳ ରହିଥିଲା ଏବଂ ଟୁଇଟର ଆଲଗୋରିଦିମ୍ ଏହାର ବ୍ଲୁ ବ୍ୟାଜ୍‌କୁ ହଟାଇଦେଇଥିଲା। ବ୍ୟକ୍ତିଗତ ହ୍ୟାଣ୍ଡଲରେ ଶେଷ ପୋଷ୍ଟ ଗତବର୍ଷ ଜୁଲାଇ ୨୩ରେ କରାଯାଇଥିଲା ବୋଲି ତାଙ୍କ ସଚିବାଳୟର ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଉପରାଷ୍ଟ୍ରପତିଙ୍କ ☞ପୃଷ୍ଠା-୨

## ଚାଲିଗଲେ 'ଶଳାବୁଢ଼ା'



ଅଟଳ ବିହାରୀ ପଣ୍ଡା

**ସୋନପୁର,୫।୬(ନି.ପ୍ର.)**

ଲୋକପ୍ରିୟ ସମ୍ବଲପୁରୀ ଫିଲ୍ମ ଶଳାବୁଢ଼ା ଫେମ୍ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତା ଡ. ଅଟଳ ବିହାରୀ ପଣ୍ଡା(୯୧)ଙ୍କ ପରଲୋକ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଶନିବାର ବୁର୍ଲାସ୍ଥିତ ମହାନଦୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗ କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ପଶ୍ଚିମ ଓଡ଼ିଶାର ଜଣେ ପରିଚିତ ଚେହେରା ହେଉଛନ୍ତି ଅଟଳ ବିହାରୀ ପଣ୍ଡା। ସେ ଏକାଧାରରେ ଥିଲେ କବି, ଲେଖକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ ଓ ସିନେ ଅଭିନେତା। ୧୦୦ରୁ ଊର୍ଦ୍ଧ୍ୱ ନାଟକରେ ☞ପୃଷ୍ଠା-୨

## ରାଜ୍ୟରେ ୮ଲକ୍ଷ ଡେଇଁଲା ସଂକ୍ରମଣ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୮,୦୬,୦୯୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭,୨୪,୪୦୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୮,୬୮୭ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭,୩୯୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୪,୧୬୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଏବଂ ସ୍ଥାନୀୟ ସଂକ୍ରମଣରୁ ୩,୨୨୬ଜଣ ଚିହ୍ନଟ ହୋଇଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦୬୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଅନୁଗୋଳରୁ ୪୪୩, ବାଲେଶ୍ୱରରୁ ୨୮୫ , ବରଗଡ଼ରୁ ୧୭୧, ଭଦ୍ରକରୁ ୨୩୮, ବଲାଙ୍ଗୀରରୁ ୮୧, ବୌଦ୍ଧରୁ ୧୩୩, କଟକରୁ ୮୬୮, ଦେବଗଡ଼ରୁ ୫୬, ଢେଙ୍କାନାଳରୁ ୮୧, ଗଜପତିରୁ ୫୨, ଗଞ୍ଜାମରୁ ୬୯, ଜଗତ୍‌ସିଂହପୁରରୁ ୨୮୮, ଯାଜପୁରରୁ ୫୧୬, ଝାରସୁଗୁଡ଼ାରୁ ୬୬, କଳାହାଣ୍ଡିରୁ ୧୬୬, କନ୍ଧମାଳରୁ ୭୬, କେନ୍ଦ୍ରାପଡ଼ାରୁ ୩୪୧, କେନ୍ଦୁଝରରୁ ୧୫୮, କୋରାପୁଟରୁ ୧୬୧, ମାଲକାନଗିରିରୁ ୧୧୦, ମୟୂରଭଞ୍ଜରୁ ୩୮୪, ନବରଙ୍ଗପୁରରୁ ୧୯୬, ନୟାଗଡ଼ରୁ ୨୪୩, ନୂଆପଡ଼ାରୁ ୨୨, ପୁରୀରୁ ୩୫୬, ରାୟଗଡ଼ାରୁ ୧୨୫, ସମ୍ବଲପୁରରୁ ୧୩୭, ସୋନପୁରରୁ ୯୧, ସୁନ୍ଦରଗଡ଼ରୁ ୨୬୭ ଓ ଷ୍ଟେଟ୍ ପୁଲ୍‌ରୁ ୧୪୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

**ଆଜିର ସମ୍ପାଦକୀୟ**

### ଏହା ହିଁ ବାସ୍ତବ ସ୍ଥିତି

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କ ଟିକା ଆବଣ୍ଟନ ନୀତିରେ ସ୍ୱଚ୍ଛତା ନ ଥିବାରୁ ଟିକାକରଣରେ ଅସମାନତା ଦେଖାଦେଇଛି।


-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଯୁକ୍ତ ୨ ମୂଲ୍ୟାୟନ: ବିଶେଷଜ୍ଞ କମିଟି ଗଠିତ

**୧୦ ଦିନ ଭିତରେ ରିପୋର୍ଟ ଦେବେ**

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ଯୁକ୍ତ୨ ରେଗୁଲାର ଏବଂ ଏକ୍ସ-ରେଗୁଲାର ବାର୍ଷିକ ପରୀକ୍ଷା-୨୦୨୧ ବାତିଲ ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ମାର୍କ ମୂଲ୍ୟାୟନ ନିମନ୍ତେ ରାଜ୍ୟ ସରକାର ୧୪ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ବିଏସ୍‌ଇ)ର ପୂର୍ବତନ ସଭାପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ସୁଶାନ୍ତ କୁମାର ଦାସ, ଏସ୍‌ସିଇଆର୍‌ଟିଆଇ ଏକାଡେମିକ ପରଫରମାନ୍ସ ମନିଟରିଂ ସେଲ୍‌ର ରାଜ୍ୟସ୍ତରୀୟ ପ୍ରୋଗ୍ରାମ ମ୍ୟାନେଜର ସୁବାସ ଚନ୍ଦ୍ର ଦାସ, ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ସମ୍ବିତ କୁମାର ନାୟକ, ସିଏଚ୍‌ଏସ୍‌ଇ ଉପାଧ୍ୟକ୍ଷ ତୁଷାରକାନ୍ତି ତ୍ରିପାଠୀ, ଓଏସ୍‌ଏଚ୍‌ଇସି ଏକାଡେମିକ କନ୍‌ସଲଟ୍ଟାଣ୍ଟ ମିହିର କୁମାର ଦାସ, ଓଏସ୍‌ଏଚ୍‌ଇସି ଏକାଡେମିକ କନ୍‌ସଲଟ୍ଟାଣ୍ଟ ପ୍ରଦୀପ କୁମାର ବେହେରା, ଖଲ୍ଲିକୋଟ କ୍ଲଷ୍ଟର ୟୁନିଭରସିଟିର ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର ବନମାଳୀ ପଣ୍ଡା, ଡିଏଚ୍‌ଏସ୍‌ଇ ଉପନିର୍ଦ୍ଦେଶକ ଭାଗୀରଥି କାଣ୍ଡି, ବିଜେବି ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ବଳ, ରମାଦେବୀ ମହିଳା ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ମମତା ପତ୍ରି, ଏକାମ୍ର କଲେଜ ଅଧ୍ୟକ୍ଷ ପରୀକ୍ଷିତ ଦାଶ, ରମାଦେବୀ ମହିଳା ହାୟର ସେକେଣ୍ଡାରୀ ସ୍କୁଲ ଧନ୍ଦାମୂଳକ ଶିକ୍ଷା କନିଷ୍ଠ ଅଧ୍ୟାପିକା ରଞ୍ଜିତା ମିଶ୍ର, ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ (ସିଓଇ) ବିଜୟ କୁମାର ସାହୁ ଏବଂ ସିଏଚ୍‌ଏସ୍‌ଇ ଡେପୁଟି ସିଓଇ ଶୁଭ୍ରାଂଶୁ ବେହେରା ସଦସ୍ୟ ରହିଛନ୍ତି। ଏହି କମିଟି ଆସନ୍ତା ୧୦ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ ☞ପୃଷ୍ଠା-୨




## ୧୬୦ ବର୍ଷ ପରେ ଦ୍ୱୀପ ଫେରିପାଇଲେ

ୟୁରୋପୀୟମାନଙ୍କ ସହିତ ପ୍ରଥମେ ଯୋଗାଯୋଗ ସ୍ଥାପନ କରିବାରେ ଆମେରିକୀୟ ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ପାସାମାକୋଡି ଉପନିବେଶବାଦୀଙ୍କ ଚକ୍ରାନ୍ତର ଶିକାର ହୋଇଥିଲେ। ଧୀରେ ଧୀରେ ସେମାନଙ୍କଠାରୁ ନିଜର ହଜାର ହଜାର ବର୍ଷର ବାସସ୍ଥାନ ଛଡ଼ାଇ ନିଆଯାଇଥିଲା। ହେଲେ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଆସିଥିଲେ ବି ଘରକୁ ଫେରିବାର ଆଶା ଛାଡ଼ି ନ ଥିଲେ ଏହି ଆଦିବାସୀ ସମୁଦାୟ। ବିଭିନ୍ନ ସ୍ଥାନରେ ବାସ କରୁଥିବା ଏହି ଗୋଷ୍ଠୀ ଦୀର୍ଘ ୧୬୦ ବର୍ଷ ପରେ ଶେଷରେ ସ୍ୱପ୍ନ ସାକାର କରିବାରେ ସଫଳ ହୋଇଛନ୍ତି। ପ୍ରାୟ ୨.୬ କୋଟି ଟଙ୍କା ଯୋଗାଡ଼ ହେବା ପରେ ସେମାନେ ପାଇନ ଦ୍ୱୀପ କିଣି ଏବେ ନିଜ ପୂର୍ବପୁରୁଷଙ୍କ ସ୍ଥାନକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି।



**୨.୬ କୋଟି ଟଙ୍କାରେ ନିଜର କଲା ପାସାମାକୋଡି**

**ୱାଶିଂଟନ୍, ୫।୬**

ଆମେରିକୀୟ ଆଦିବାସୀ ପାସାମାକୋଡିଙ୍କ ପ୍ରାୟ ୧୦ ହଜାର ବର୍ଷ ପୁରୁଣା ବାସସ୍ଥାନ ବୋଲି କୁହାଯାଉଥିବା କୁଓ୍ୱେସୁଓ୍ୱି ମୋନିହକ୍ ତଥା ପାଇନ ଦ୍ୱୀପକୁ ୧୬୦ ବର୍ଷ ପରେ ସେମାନେ ଫେରିପାଇଛନ୍ତି। 'ଲ୍ୟାଣ୍ଡ ବ୍ୟାକ୍' ଅଭିଯାନରେ ୩ ଲକ୍ଷ ୫୫ ହଜାର ଡଲାର(ପ୍ରାୟ ୨.୬ କୋଟି ଟଙ୍କା)ରେ ଏହି ଆଦିବାସୀ ସମ୍ପ୍ରଦାୟ ଦ୍ୱୀପ କ୍ରୟ କରିଛନ୍ତି। ଆମେରିକାରେ ବାସ କରୁଥିବା ପାସାମାକୋଡି ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ହୋଇଥିବାବେଳେ ଏବେ ମାତ୍ର ୩,୬୦୦ ଜଣ ରହିଛନ୍ତି। ଏହି ଦ୍ୱୀପ ଉକ୍ତ ଜନଜାତିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ସ୍ଥାନ ବୋଲି ବିବେଚନା କରାଯାଏ। ୧୫ଶହରୁ ୧୮ଶହ ଶତାବ୍ଦୀରେ ୟୁରୋପରେ ଆସିଥିବା ଅନେକ ମହାମାରୀର ଶିକାର ହୋଇ ଏହି ଜନଜାତିର ପ୍ରାୟ ୯୦ ପ୍ରତିଶତ ଜନସଂଖ୍ୟା ହ୍ରାସ ପାଇଯାଇଥିଲା। ଅନେକ ଲୋକଙ୍କୁ ବିଭିନ୍ନ ଦ୍ୱୀପକୁ ଯାଇ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିଥିଲା। ବୈପ୍ଲବିକ ଯୁଦ୍ଧରେ ପାସାମାକୋଡିଙ୍କ ଯୋଗଦାନକୁ ନେଇ ୧୭୯୪ ମସିହାରେ ☞ପୃଷ୍ଠା-୨

## ବିଦେଶ ଯାଉଥିବା ଛାତ୍ରୀଛାତ୍ରଙ୍କୁ ମିଳିବ ଟିକା

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ପାଠପଢ଼ିବା ପାଇଁ ବିଦେଶ ଯିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହଯୋଗର ହାତ ବଢ଼ାଇଛି। କରୋନା ମହାମାରୀ ସମୟରେ ବିଦେଶ ଯିବା ପାଇଁ ଟିକାକରଣ ବାଧ୍ୟତାମୂଳକ ଥିବାରୁ ଅନେକ ଛାତ୍ରୀଛାତ୍ରଙ୍କ ବିଦେଶରେ ପାଠ ପଢିବା ସ୍ୱପ୍ନ ଭାଙ୍ଗି ଯିବାକୁ ବସିଛି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଟିକାକରଣ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୯୨୯ରେ କଲ୍ କରି ନାମ ପଞ୍ଜୀକରଣ ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୫।୬(ବ୍ୟୁରୋ)-ବାତ୍ୟା 'ୟାସ୍' କ୍ଷୟକ୍ଷତି ଆକଳନ କରିବାକୁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଏକ ୭ ଜଣିଆ କେନ୍ଦ୍ରୀୟ ଟିମ୍ ରବିବାର ରାତି ୯ଟାରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟିମ୍ ୨ ଦିନ ଅଧିକ ପ୍ରଭାବିତ ୪ଟି ଜିଲାର କ୍ଷୟକ୍ଷତି ଆକଳନ କରିବ। ସୋମବାର ଓ ମଙ୍ଗଳବାର ବାଲେଶ୍ୱର , ଭଦ୍ରକ, ମୟୂରଭଞ୍ଜ , କେନ୍ଦ୍ରାପଡା ଗସ୍ତ କରିବ। କ୍ଷୟକ୍ଷତି ଆକଳନ ପରେ ଟିମ୍‌ର ସଦସ୍ୟମାନେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। କମିଟିକୁ ରାଜ୍ୟ ସରକାର ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ଆକଳନ ଅନୁଯାୟୀ ବାତ୍ୟା 'ୟାସ୍' ଯୋଗୁ ୬୧୦ କୋଟି ଟଙ୍କାର କ୍ଷତି ହୋଇଛି। ଏଥିରେ ୫୨୦ କୋଟି ଟଙ୍କାର ସରକାରୀ ଭିତ୍ତିଭୂମି ଓ ୯୦ କୋଟି ଟଙ୍କାର ବ୍ୟକ୍ତିଗତ ସମ୍ପତ୍ତି କ୍ଷତି ହୋଇଛି । ୧୫୦ ଗ୍ରାମ ଜଳମଗ୍ନ ହୋଇଥିବା ବେଳେ ବାତ୍ୟାରେ ୧୧ ହଜାର ଗ୍ରାମର ୬୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ମେ' ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକ ପରେ ତତ୍କାଳ ୫୦୦ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା କ୍ଷୟକ୍ଷତି ଭରଣା ପାଇଁ ସମୀକ୍ଷା ବୈଠକରେ କୌଣସି ଦାବି କରାଯାଇ ନ ଥିଲା। ପରେ ବାତ୍ୟାକୁ ପ୍ରତିହତ କରିପାରୁଥିବା ବିଦ୍ୟୁତ୍ ଭିତ୍ତିଭୂମି ଓ ସଡ଼କ ଆଦି ନିର୍ମାଣ କରିବାକୁ ରାଜ୍ୟ ପକ୍ଷରୁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି।

# ଟିକାକରଣ ସଚେତନତା କାର୍ଯ୍ୟକ୍ରମ

ଝାରବନ୍ଧ,୫।୬ (ଡି.ଏନ.ଏ)

ମହାମାରୀ କରୋନା ଦାଉରୁ ରକ୍ଷା ପାଇବା ପାଇଁ ମାସ୍କ ପରିଧାନ ଓ ଟିକାକରଣ ହିଁ ଏକମାତ୍ର ବିକଳ୍ପ। ଏଥିପାଇଁ ସରକାର ଏହି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି କ୍ରମରେ ଝାରବନ୍ଧ ବ୍ଲକର ବିଳାସପୁରରେ ଝାରବନ୍ଧ ବିଡିଓ ସୁଶ୍ରୀ ଦମୟନ୍ତୀ ସାହୁ, ତହସିଲଦାର ସୀମା ସବିତା କୁଲୁ, ଏବିଡିଓ ଦେବାଶିଷ ସିହ୍ନା, କେତନ ପ୍ରଧାନ, ନବୀନ ରାଉତ, ଧନଞ୍ଜୟ ଭୁଏ, ଲିଙ୍କନ ସରାଫ, ଲଳିତ କୁମାର ମେହେର ଘର ଘର ବୁଲି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ କରି ମହିଳାମାନଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ନିଜ ପରିବାରର ସୁରକ୍ଷା ପାଇଁ ମାସ୍କ ବ୍ୟବହାର ଓ ଟିକାକରଣରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା ।

# ଅଟଳ ବିହାରୀ ପଣ୍ଡାଙ୍କ ବିୟୋଗରେ ଶୋକ



ଶଲାବୁଢ଼ାର ବଦଳା ସୁଟିଂସେଟ୍‌ରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ସହକଳାକାରଙ୍କ ସହ ଅଟଳ ବିହାରୀ ପଣ୍ଡା।

**ବଲାଙ୍ଗୀର ଅଫିସ,୫।୬: ବର୍ଷିୟାନ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ବୁର୍ଲା ଭୀମସାର୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଶନିବାର ବୁର୍ଲାଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଏ ନେଇ ବିଶିଷ୍ଟ ବ୍ୟକ୍ତିବିଶେଷ ଯାହା କୁହନ୍ତି....**

"କୋଶଲୀ ଓ ଓଡିଆ ଭାଷାର ଆକାଶବାଣୀ ଗୀତିକାର, ଏକ ଶତନାଟକର ନିର୍ଦ୍ଦେଶକ ଓ ଅଭିନେତା, ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ବିୟୋଗ ପଶ୍ଚିମ ଓଡିଶା ସହ ସମଗ୍ର ଓଡିଶାକୁ ଦୋହଲାଇ ଦେଇଛି। ୯୨ ବର୍ଷ ବୟସ ପର୍ଯ୍ୟନ୍ତ ଅଭିନୟ କଳା ଓ ସାରସ୍ୱତ ସାଧନାପ୍ରତି ସେ ଥିଲେ କର୍ମତତ୍ପର। ଜୀବନର ବିଳମ୍ବିତ କ୍ଷଣରେ ସେ ଆନ୍ତର୍ଜାତିକ ଖ୍ୟାତିପ୍ରାପ୍ତ ଶଲାବୁଢ଼ା, ଜାତୀୟ ପୁରସ୍କାରପ୍ରାପ୍ତ ଆଦିମ ବିଚାର ଓ ଶଲାବୁଢ଼ାର ବଦଳାରେ ତାଙ୍କର ନିଖିଳ ଅଭିନୟ ଅନେକ କ୍ଷେତ୍ରରେ ଧାରାପ୍ରବର୍ତ୍ତକ ଥିଲା । ସେହି କର୍ମଯୋଗୀଙ୍କ ସ୍ଥାନ ଅପୁରଣୀୟ ରହିଯିବ। ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଓ ପରିବାରବର୍ଗଙ୍କ ସମବେଦନା ଜଣାଉଛି ।

**-ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବଲାଙ୍ଗୀର**

"ଆଜି ଏ ମାଟି ତାର ସୁଯୋଗ୍ୟ ସନ୍ତାନକୁ ହରାଇଛି । ୯୨ ବର୍ଷରେ ବୟସରେ ତାଙ୍କର ଯେଉଁ ପାରଙ୍ଗମତା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇରହିଥିବ। ସେ ପରମପିତାଙ୍କ ସହ ମିଳନ ହୋଇଛନ୍ତି। ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ।

**ଗୁରୁଶ୍ରୀ ଡ ଘାସିରାମ ମିଶ୍ର, ଅଭିନେତା ଓ ଗବେଷକ, ବଲାଙ୍ଗୀର**

"ଅଟଳ ବିହାରୀ ପଣ୍ଡାଙ୍କ ନିରନ୍ତରେ ବିଶେଷ ଭାବରେ ମୁଁ ମର୍ମାହତ । ସୁବୁଠାରୁ ବେଶୀ ଧକ୍କା ମୋତେ ଲାଗିଲା । ତାଙ୍କୁ ୮୩ ବର୍ଷ ବୟସରେ ମୁଁ ଫିଲ୍ମରେ ଇଣ୍ଟ୍ରଡ୍ୟୁସ କରିଥିଲି । ୩ଟି ସିରିଜ ତିଆରି ସରିଥିଲା । ଶଲାବୁଢ଼ା, ଆଦିମ ବିଚାରରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲେ। ଆଦିମ ବିଚାର ପାଇଁ ଶ୍ରେଷ୍ଠ ଡାଇଲଗ ପୁରସ୍କାର ପାଇଥିଲେ। ଆଉ ଦୁଇଟି ଫିଲ୍ମ ପାଇଁ ସ୍କ୍ରିପ୍ଟ ରେଡିଥିଲା । ଅଟଳ ବାବୁଙ୍କ ସହ କଥା ସରିଥିଲା। କରୋନା ମହାମାରୀ ସବୁକିଛି ବିଗାଡି ଦେଲା। ସେ ଜଣେ ବିଚକ୍ଷଣ କଳାକାର, ଅଭିନେତା । ସେ ଜଣେ ନେଚୁରାଲ ଆର୍ଟିଷ୍ଟ ଥିଲେ । ଓଡ଼ିଶା ମାଟି ଜଣେ ମହାନ କଳାକାରଙ୍କୁ ହରାଇଲା । ବ୍ୟକ୍ତିଗତ ଭାବେ ମୁଁ ବହୁତ କିଛି ହରାଇଲି ।

**ସବ୍ୟସାଚୀ ମହାପାତ୍ର, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସିନେମା ନିର୍ଦ୍ଦେଶକ**

"ଅଟଳ ବିହାରୀ ଜଣେ ମହାନ କଳାକାର। ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ। ଶଲାବୁଢ଼ାର ସୁଟିଂ ବେଳେ ତାଙ୍କୁ ୮୩ ବର୍ଷ ବୟସ ହେଉଥିଲା ଓ ସେ ସମସ୍ତ ପୂର୍ବରୁ ସୁଟିଂ ସେଟରେ ପହଞ୍ଚୁଥିଲେ । ସେ ପ୍ରକୃତରେ ଅଗ୍ରଣୀ ଥିଲେ। ଆଜି ତାଙ୍କ ବିୟୋଗର ବିରାଟ ଶୁନ୍ୟସ୍ଥାନ ସୃଷ୍ଟି ହୋଇଛି।

**-ଗୋପାଳ ପ୍ରଧାନ, ପ୍ରଖ୍ୟାତ କ୍ୟାମେରା ସଞ୍ଚାଳକ, ବଲାଙ୍ଗୀର**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଜନ୍ମ ଚନ୍ଦ୍ର ହେତୁ ଆର୍ଥିକ ଦିଗ ଅନୁକୂଳ ରହିଲେ ମଧ୍ୟ କିଛି ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସବୁ ଭଲ ମଧ୍ୟରେ ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନା ବିଦ୍ୟମାନ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ରହିପାରନ୍ତି। ଅବଶ୍ୟ ଦ୍ୱିଜା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ଧନାଧିପ ଅସ୍ତଗତ ହେତୁ ଯେତିକି ପାଇବେ ତା'ଠାରୁ ଅଧିକ ଦେବାକୁ ପଡ଼ିପାରେ। ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସମ୍ୟକ୍ ସୂଚନା ରହିଛି। ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତା ବଢ଼ାଇ ଦେବ। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** ଆର୍ଥିକ ସ୍ଥିତି ଭଲଥିବା କାରଣରୁ ଋଣ ପରିଶୋଧ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ମାର୍ଗଦର୍ଶକ ସାଜିବା ସାଙ୍ଗକୁ କିଛିଟା ସାହାଯ୍ୟ ମଧ୍ୟ ପାଇବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆର୍ଦ୍ରା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ସାମାନ୍ୟ ବ୍ୟତିକ୍ରମ ସୃଷ୍ଟ କରିପାରେ।

**କର୍କଟ** ଆଜି ଚନ୍ଦ୍ର ଓ ମଙ୍ଗଳଙ୍କ କ୍ଷେତ୍ର ବିନିମୟ ଯୋଗ ରହିଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ଯୋଗୁ ଆଶ୍ୱସ୍ତି ଲଭିବେ। ମନରେ ବିଭିନ୍ନ ଦୁର୍ଭାବନା ଦୂରେଇବାରେ ସମର୍ଥ ହେବେ। ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିନବାରେ ଅସୁବିଧା ରହିବ ନାହିଁ।

**ସିଂହ** ଆଜି ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ବାତିଲ ହୋଇପାରେ। କର୍ମକ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ, ନଚେତ୍ ନତୁବା କଳହର ସମ୍ମୁଖୀନ ହେବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା** ସାମଗ୍ରିକ ଦିଗରୁ ଦିନଟି ଭଲ ମନେ ହେଲେ ମଧ୍ୟ ଆପଣଙ୍କ ଉପଭୋଗ୍ୟ ହୋଇପାରିବ ନାହିଁ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଅନାଗତ ଭୟ ଓ ଆଶଙ୍କା ସୃଷ୍ଟି କରିପାରେ। ଚିତ୍ରା ନକ୍ଷତ୍ରର ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନତୁବା ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି । ସ୍ୱାତୀ ନକ୍ଷତ୍ର ଅଫିସ୍‌ରୁ ଫେରିବା ସମୟରେ ଘରକୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ର କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ମନଟା ଗୋଳେଇଘାଣ୍ଟି ଲାଗିବ। ଅନ୍ୟମାନଙ୍କ କଥାରେ ଭାସି ନଯାଇ ଲୋକକୁ ପରଖି ଯାହା କରିବା କଥା କରନ୍ତୁ। ଆକସ୍ମିକ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଧାର କରଜ କରି ବାକୁ ବାଧ ହେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ।

**ଧନୁ** ମନ ଭିତରେ ଅସନ୍ତୋଷ ଚାପି ରଖି ଶ୍ରୁତିମଧୁର କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ। ଗଣ ଯୋଗାଯୋଗ, ସାମ୍ବାଦିକତା, ଆମଦାନୀ କାରବାର, ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ଖୁସି ରହିବେ। ମୂଳା ନକ୍ଷତ୍ର ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଶ୍ରବଣା ନକ୍ଷତ୍ର କେତେକ କ୍ଷେତ୍ରରେ ବନ୍ଧୁଙ୍କ କଥା ମାନି ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ଆତ୍ମୀୟଙ୍କଠାରୁ ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶିକ୍ଷା, ଗଠନମୂଳକ ଆଲୋଚନା, ଆନୁଷ୍ଠାନିକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ବୃଦ୍ଧି ପାଇଁ ବ୍ୟାଙ୍କ ଜମା କିମ୍ବା ପଲିସ୍ କରିପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ସମ୍ଭାବନା ରହିଛି। ବିନା ଖର୍ଚ୍ଚରେ କିମ୍ବା ସହଜରେ କୌଣସି କାମ ହାସଲ ଦୁରୂହ ହୋଇପଡିବ। ଶତଭିଷା ନକ୍ଷତ୍ରର ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହିପାରିବ ନାହିଁ। ବନ୍ଧୁମାନଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ଆଜି କର୍ମକ୍ଷେତ୍ର ସକାଶେ ସାମୟିକ ଚିନ୍ତିତ ରହିବେ କିନ୍ତୁ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଶିକ୍ଷା, ସନ୍ତାନ, ଅଧ୍ୟାପନା, ଆଲୋଚନା ପାଇଁ ଦିନଟି ପ୍ରକୃଷ୍ଟ। ଯାତ୍ରା, ବାଣିଜ୍ୟ, ମାଲି ମକଦ୍ଦମା, ସଂଗଠନରେ ସମସ୍ୟା ସମାଧାନ ହୋଇଯିବ। ପୂର୍ବଭାଦ୍ରବ ନକ୍ଷତ୍ର ସ୍ୱାସ୍ଥ୍ୟ ଭଲ ରହିବ ଓ କୌଣସି କାମ ଆରମ୍ଭ ସକାଶେ ମନ ବଳାଇବେ।

ଆଜି ଜ୍ୟେଷ୍ଠ କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ ଅପରା ଏକାଦଶୀ, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ, ବୈଷ୍ଣବ ସମ୍ମତ ଉନ୍ମିଳିନୀ ଏକାଦଶୀ, ରବିବାର, ଜୁନ୍ ୬ ତାରିଖ, ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର ଓ ଘାତଚନ୍ଦ୍ର, ଅଦ୍ୟ ବିବାହ ପାଣିଗ୍ରହଣ ଓ ବିଦ୍ୟାରମ୍ଭ ପାଇଁ ଶୁଭ। ଦିବା ଘ.୦୬।୫୫ ଗତେ ଘ.୦୯।୩୩ ମଧ୍ୟେ, ଘ.୧୨।୧୧ ଗତେ ଘ.୦୨।୪୯ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪।୩୪ ଗତେ ଘ.୦୫।୨୭ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୪।୪୧ମି ଗତେ ଘ.୦୬।୨୦ ମି. ମଧ୍ୟେ ରାହୁକାଳ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଛି କହେ ନାହିଁ ସରମରେ**
**ପଦିଏ ପଦିଏ କହି ଦେଉଥାଏ**
**ବିନ୍ଧି ଯାଉଥାଏ ମରମରେ।**

ଉପରକୁ ଲାଜ ସରମର ଦ୍ୱାହି ଦେଇ କେତେକ ବ୍ୟକ୍ତି ମୁହଁ ଉପରେ କିଛି କହିବାକୁ ଇଛା କରି ନ ଥାନ୍ତି। ପରନ୍ତୁ ବେଳ ପଡିଲେ ଏମିତି କଥା କହିଦିଅନ୍ତି ଯେ ମରମକୁ ଖୁବ ବାଧିଥାଏ, ଅନ୍ତର ଜଳି ପୋଡି ପାଉଁଶ ହୋଇଯାଇଥାଏ। ନୂଆ ଭୁଆଶୁଣିର ମର୍ମହଣା କଥା ଶୁଣି ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଇଁଫୁଲିଆ ନାଗର ବର**
**ଶିମୁଳି ଫୁଲରେ ବାଇ**
**ପୋକଶୁଙ୍ଘା ଫୁଲ ଗୋଟିଏ ପାଇଲେ**
**ବୁଲୁଥାଇ ସାଇ ସାଇ।**

ରସିକ ପଣକୁ ଠିକ୍। ମାତ୍ର ତା'ର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ଏସ୍‌ସିବିରେ ଖୋଲିବ ଡିସିଏଚ୍

କଟକ ଅଫିସ,୫।୬- କୋଭିଡ୍-୧୯ର ସମ୍ଭାବ୍ୟ ତୃତୀୟ ଲହର ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରିପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ଏସ୍‌ସିବି ମେଡିକାଲରେ ଶିଶୁଙ୍କ ପାଇଁ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ (ଡିସିଏଚ୍) ଖୋଲାଯିବ । ଏନେଇ ଶନିବାର କୋଭିଡ୍ ନୋଡାଲ ଅଫିସର ଉମେଶ ରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ବିଶେଷ ସଚେତନତା ଜାରି କରାଯାଇଛି। ଏସ୍‌ସିବିରେ ସେମାନଙ୍କ ଚିକିତ୍ସା ପାଇଁ ଡିସିଏଚ୍ ବ୍ୟବସ୍ଥା କରାଯିବ। ଏସ୍‌ସିବିରେ ପୂର୍ବରୁ କୋଭିଡ୍ ହସ୍ପିଟାଲ ରହିଛି। ସେଠାରେ ଆବଶ୍ୟକ ସରଞ୍ଜାମ ପର୍ଯ୍ୟାପ୍ତ ପରିମାଣର ରହିଛି। ଏଥିସହ ଡାକ୍ତରମାନଙ୍କର ଏ ନେଇ ଅନୁଭୂତି ରହିଥିବାରୁ ସେଠାରେ ଡିସିଏଚ୍ ଖୋଲାଯିବା ପାଇଁ ଯୋଜନା କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଉପରାଷ୍ଟ୍ରପତି ଓ ଭାଗବତଙ୍କ ...

ସରକାରୀ ହ୍ୟାଣ୍ଡଲ୍ Vice President of India, @VPSecretariatର ବ୍ଲୁ ଟିକ୍ ବଜାୟ ରହିଥିଲା। ଏଥିରେ ୯.୩ ଲକ୍ଷ ଫଲୋର୍ସ ଅଛନ୍ତି। ବ୍ୟକ୍ତିଗତ ହ୍ୟାଣ୍ଡଲ୍ ବ୍ଲୁ ଟିକ୍ ହଟାଯିବା ନେଇ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଟୁଇଟର ଇଣ୍ଡିଆ ନିକଟରେ ଆପତ୍ତି ଉଠାଇଥିଲା। ତେବେ ଜାଣିଶୁଣି ଏହା କରାଯାଇ ନାହିଁ। ଗତବର୍ଷ ଜୁଲାଇରୁ ଉକ୍ତ ଆକାଉଣ୍ଟ ଲଗ୍‌ଇନ ହୋଇ ନ ଥିବାରୁ ନିଷ୍କ୍ରିୟତା ଯୋଗୁ ଏହା ସ୍ୱତଃ ଯାଞ୍ଚ ସ୍ଥିତି ହରାଇଥିବା ଟୁଇଟର କହିଛି। କେବଳ ଉପରାଷ୍ଟ୍ରପତି ନୁହନ୍ତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ ସମେତ ଏହାର ୫ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଟୁଇଟର ହ୍ୟାଣ୍ଡଲ୍ ବ୍ଲୁ ଟିକ୍ ଭେରିଫିକେଶନ ବ୍ୟାଜ୍ ହରାଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଭାଗବତଙ୍କ ସହକର୍ମୀ ସୁରେଶ ସୋନି, ଅରୁଣ କୁମାର, ସୁରେଶ ଜୋଷୀ ଏବଂ କ୍ରିଷ୍ଣ କୁମାର।

### ଚାଲିଗଲେ ...

ସେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ବହୁ କୋସଲି, ସମ୍ବଲପୁରୀ ଓ ଓଡ଼ିଆ ନାଟକ ରଚନା କରିଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ କବିତା ମଧ୍ୟ ଲେଖିଛନ୍ତି। ଦୀର୍ଘଦିନର ମଞ୍ଚ ଅଭିନୟ ପରେ ୮୩ ବର୍ଷ ବୟସରେ ସେ ନିଜର ପ୍ରଥମ ଫିଲ୍ମ ଶଲାବୁଢ଼ାରେ ମୁଖ୍ୟ ଚରିତ୍ରରେ ଅଭିନୟ କରି ଖୁବ୍ ପ୍ରଶଂସା ସାଉଁଟିଥିଲେ। ପରେ ଶଲାବୁଢ଼ାର ବଦଳା ଓ ଅଦିମ ବିଚାର ଫିଲ୍ମରେ ଅଭିନୟ କରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖୁବ୍ ପ୍ରଶଂସା ଓ ପୁରସ୍କାର ପାଇଛନ୍ତି। ପରିଣତ ବୟସରେ ସିନେମାରେ ଅଭିନୟ କରି ଅଟଳ କ୍ରମାଗତ ୨ ଥର ଶ୍ରେଷ୍ଠ ଅଭିନେତା ଓ ଶ୍ରେଷ୍ଠ ସଂଳାପ ଲେଖକ ଭାବେ ଓଡ଼ିଶା ରାଜ୍ୟ ଫିଲ୍ମ ଆୱାର୍ଡ ପାଇଥିଲେ। ଗତ ମେ' ୧୬ତାରିଖରେ ଡ. ପଣ୍ଡାଙ୍କ ସହଧର୍ମିଣୀ ଲଳିତାଙ୍କ ମୃତ୍ୟୁ ପରେ ସେ ଭାଙ୍ଗି ପଡ଼ିଥିଲେ। ଖାଦ୍ୟ ଗ୍ରହଣ ନ କରିବାରୁ ସୁଗାରସ୍ତର ବଢ଼ିଯାଇଥିଲା। ୧୯ ତାରିଖରେ ତାଙ୍କୁ ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ପରେ ସେ ସେପ୍ଟିସିମିଆ ରୋଗରେ ପୀଡ଼ିତ ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା । ଡ. ପଣ୍ଡାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ସହରରେ। ତାଙ୍କର ୩ ଝିଅ ଓ ୩ ପୁଅ ଅଛନ୍ତି । ମଝିଆ ପୁଅ ଅଶ୍ୱିନୀ କୁମାର ପଣ୍ଡା ମୁଖାଗ୍ନି ଦେଇଛନ୍ତି। ଡ. ପଣ୍ଡାଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକପ୍ରକାଶ କରିଛନ୍ତି।

### ଯୁକ୍ତ ୨ ମୂଲ୍ୟାୟନ...

କରିବେ। କୋଭିଡ୍-୧୯ ମହାମାରୀ ସଂକ୍ରମଣ ସମୟରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯୁକ୍ତ୨ ପରୀକ୍ଷାକୁ ବାତିଲ କରି ଦେଇଛନ୍ତି। ତେବେ ମୂଲ୍ୟାୟନ କିପରି ହେବ ସେ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଉପରୋକ୍ତ କମିଟି ମୂଲ୍ୟାୟନ ନେଇ ବିକଳ୍ପ ପନ୍ଥା ବିଷୟରେ ରିପୋର୍ଟ ଦେବ। ସିବିଏସ୍‌ଇ ଦ୍ୱାରା ନିଆଯାଉଥିବା ନୀତିକୁ ଅନୁଧ୍ୟାନ କରି କମିଟି ସଦସ୍ୟମାନେ ତର୍ଜମା କରିବେ। ଏହାପରେ ନିଷ୍ପତ୍ତି ହେବ ଯେ କେଉଁ ଆଧାରରେ ମାର୍କ ଦିଆଯିବ ଓ ଫଳ ପ୍ରକାଶ କରାଯିବ। ସିବିଏସ୍‌ଇ ଓ ସିଆଇଏସ୍‌ସିଇ ପରୀକ୍ଷାଫଳ ଯେଉଁ ସମୟରେ ବାହାରିବ, ସେହି ସମୟରେ ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇବ। ରାଜ୍ୟର ଛାତ୍ରୀଛାତ୍ର ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେନେଇ ଗୁରୁତ୍ୱ ଦିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

### ବିଦେଶ ଯାଉଥିବା ...

କରିବାକୁ ପଡିବ। ଏହାପରେ ବିଏମ୍‌ସି ପକ୍ଷରୁ ସେମାନଙ୍କ ଟିକାକରଣ ନେଇ ତୁରନ୍ତ ବ୍ୟବସ୍ଥା କରାଯିବ। ତେବେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ବୟସ ୧୮ରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ସେହିପରି ଫରେନ୍ ୟୁନିଭର୍ସିଟିରେ ଆଡ୍‌ମିଶନ ନେଇ ନିଶ୍ଚିତ ଥିବା ଛାତ୍ରୀଛାତ୍ରମାନେ ପଞ୍ଜୀକରଣ କରି ପାରିବେ। ଟିକା ନେବାକୁ ଯିବା ସମୟରେ ସମ୍ପୃକ୍ତ ଫରେନ୍ ୟୁନିଭର୍ସିଟିର କନ୍‌ଫର୍ମେଶନ ଲେଟର ସହ ଆଧାର କାର୍ଡ କିମ୍ବା ଅନ୍ୟ କୌଣସି ପରିଚୟ ପତ୍ର ନେବା ବାଧ୍ୟତାମୂଳକ କରାଯାଇଛି। ରବିବାରଠାରୁ ଏଥିପାଇଁ ପଞ୍ଜୀକରଣ ଆରମ୍ଭ କରାଯିବ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ସୂଚନା ଦେଇଛନ୍ତି।

### ୧୬୦ ବର୍ଷ ପରେ ଦ୍ୱୀପ ...

ମାସାଚ୍ୟୁସେଟ୍ସ ସରକାର ଏକ ଚୁକ୍ତି କରି ଏହି ସମ୍ପ୍ରଦାୟକୁ ଆଦିବାସୀ ବର୍ଗ ଅନ୍ତର୍ଭୁକ୍ତ କରିଥିଲେ। କିନ୍ତୁ ୧୮୨୦ରେ ମେନ୍‌କୁ ଆମେରିକାର ଏକ ରାଜ୍ୟ ବୋଲି ମାନ୍ୟତା ମିଳିବା ପରେ ଉପନିବେଶବାଦୀମାନେ ଚୁକ୍ତିନାମା ଖିଲାପ କରି ଦ୍ୱୀପର ଟାଇଟଲ ପରିବର୍ତ୍ତନ କଲେ। ପରେ ସେମାନଙ୍କଠାରୁ ତାଙ୍କ ମୂଳ ବାସସ୍ଥାନ ମଧ୍ୟ ଛଡ଼ାଇ ନେଇଥିଲେ। ୧୮୫୧ ଜନଗଣନା ଅନୁସାରେ ମାତ୍ର ୨୦ ଜଣ ପାସାମାକୋଡି ରହୁଥିଲେ। ୧୮୬୧ ମସିହାରେ ସେଠାରେ ଏହି ଜନଜାତି ବିଲୁପ୍ତ ପ୍ରାୟ ହୋଇଯାଇଥିଲା। ୨୦୨୧ ସୁଦ୍ଧା ସେମାନେ ସବୁକିଛି ହରାଇଥିଲେ ଏବଂ ୧୬୦ ବର୍ଷ ହେବ ଏହି ଜନଜାତି ନିଜ ବାସସ୍ଥଳୀ ପାଇନ୍ ଦ୍ୱୀପରେ ପାଦ ମଧ୍ୟ ରଖିପାରି ନ ଥିଲେ।

ଭାରତୀୟ ଟାଉନଶିପ୍ ସଂରକ୍ଷଣଧାରୀ ପାସାମାକୋଡ଼ି ମୁଖ୍ୟ ୱିଲିୟମଙ୍କ ନିକୋଲାସ୍‌ଙ୍କ କହିବା ଅନୁଯାୟୀ, ପାଇନ୍ ଦ୍ୱୀପକୁ ସେମାନଙ୍କଠାରୁ ଛଡ଼ାଇ ନିଆଯାଇଛି। ଏହାକୁ ଫେରାଇ ଆଣିବା ସମ୍ପ୍ରଦାୟର ପ୍ରତି ମୁଖ୍ୟଙ୍କ ଲକ୍ଷ୍ୟ ରହିଥିଲା। ଗତ ବର୍ଷ ଜୁଲାଇ ୪ରେ ଏହି ଦ୍ୱୀପଟି privateislandsonline.comରେ ୪ ଲକ୍ଷ ୪୯ ହଜାର ଡଲାରରେ ବିକ୍ରି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିବା ସେ ଦେଖିଥିଲେ। ପରେ ଏହାକୁ ନିଜର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଥିଲା। ଗତ ମାର୍ଚ୍ଚରେ, ବିଭିନ୍ନ ଦାତବ୍ୟ ସଂସ୍ଥାର ଅନୁଦାନ ସହିତ ଏହି ଜନଜାତି ପ୍ରାୟ୨.୬ କୋଟି ଟଙ୍କା ସଂଗ୍ରହ କରିବା ପରେ ଦ୍ୱୀପକୁ କିଣିପାରିଛନ୍ତି। ରୋଗର ମୁକାବିଲା ସହ ଅନେକ ସଂଘର୍ଷ ପରେ ନିଜ ବାସସ୍ଥାନ ଫେରିପାଇବା ବେଶ୍ ଗୁରୁତ୍ୱ ରଖେ ବୋଲି ସେ କହିଛନ୍ତି।

ଜନଜାତିର ଐତିହାସିକ ସଂରକ୍ଷଣ ଅଧିକାରୀ ଡୋନାଲ୍ଡ ସୋକ୍ଟୋମା କହିଛନ୍ତି, ଅନ୍ୟ କେହି ଏହି ଜମିର ମାଲିକ ନୁହନ୍ତି। ଦ୍ୱୀପର ସୁରକ୍ଷା ଆମର ପ୍ରମୁଖ କର୍ତ୍ତବ୍ୟ। ହଜିଯାଇଥିବା ନିଜ ଲୋକଙ୍କୁ ପୁଣି ଫେରି ପାଇଲେ ଯେପରି ଖୁସି ମିଳେ ସେପରି ଅନୁଭବ ହେଉଛି। ଆମେରିକୀୟ ଆଦିବାସୀ ଗୋଷ୍ଠୀ ଦ୍ୱାରା ପାଇନ୍ ଦ୍ୱୀପର ପୁନରୁଦ୍ଧାର 'ଲାଣ୍ଡ ବ୍ୟାକ୍' ଅଭିଯାନର ଏକ ସଫଳ ପ୍ରୟାସ। ୧୭୭୬ ମସିହାରୁ ୧.୫ ବିଲିୟନ ଏକର ଜାଗାରେ କ୍ଷୟକ୍ଷତି ସହ ଏହି ଗୋଷ୍ଠୀ ହିଂସା, ଉତ୍ପୀଡ଼ନ, ଉତ୍କଟ ଦାରିଦ୍ର୍ୟର ସମ୍ମୁଖୀନ ହୋଇଥିଲା।

ଗତ ବର୍ଷ ଜୁଲାଇରେ ଭୂମିହୀନ ଏସେଲେନ୍ ଆଦିବାସୀ ୨୫୦ ବର୍ଷ ପରେ କାଲିଫର୍ନିଆର ବିଗ୍ ସୁର୍‌ରେ ୪.୫ ମିଲିୟନ ଡଲାରରେ ୧୨ଶହ ଏକର ଜାଗା କିଣିପାରିଥିଲେ। ଏକ ଗଣହତ୍ୟାକାଣ୍ଡର ୧୫୯ ବର୍ଷ ପରେ ୨୦୧୯ରେ ୱିୟୋଟ୍ ଆଦିବାସୀଙ୍କୁ ୟୁରେକା ସହର ମାଗଣାରେ କାଲିଫର୍ନିଆର ଦୁଲୁୱାଟ୍ ଦ୍ୱୀପରେ ୨୮୦ ଏକର ଜାଗା ମାଗଣାରେ ଫେରାଇଥିଲା।


# classifieds

Everyday 0674-2580101, 2549302



MATRIMONIAL

**BRIDE WANTED**

Widower Gopal 45yrs/6' well established CA with a 7yr girl child @ Bhubaneswar looking for bride contact 7008839223. D-20847

**GROOM WANTED**

BA, NTT qualified Teacher 5'2", 37ବୟସ୍କା ବ୍ରାହ୍ମଣ divorced ଝିଅଙ୍କୁ any caste ବର ଦରକାର। 7326057574. D-67597

48 ବୟସ୍କା, 5'2" Graduate Govt. Clerical ଚାକିରିଆ unmarried କରଣ caste କନ୍ୟାଙ୍କୁ ରୋଜଗାରିଆ ବରପାତ୍ର ଦରକାର। 7606947424. D-67596

49 ବୟସ୍କା Divorce Rajput ଜାତି Government ଚାକିରିଆ ଝିଅଙ୍କୁ any caste Married, Unmarried ପୁଅ ଦରକାର। 7381366108. D-67981





**SALE**

**Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813.** D-70848

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

**Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952.** D-70849

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891.** D-20803

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-20844

**LEASE**

**Lease rent for 10000 sft. besides NH Nakhara to Adasapur road. 8249851363, 8118078023.** D-70455

**BUSINESS**

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20835

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୩୪,୮୯,୧୭୩ | ୩୭,୩୧,୫୯୮ | ୧୫,୬୩,୧୫,୩୫୨ |
| ଭାରତ | ୨,୮୭,୭୫,୪୪୦ | ୩,୪୬,୦୫୫ | ୨,୬୯,୧୭,୯୮୯ |
| ଓଡ଼ିଶା | ୮,୦୬,୦୯୪ | ୨୯୫୨(+୫୩) | ୭,୩୨,୦୧୮ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## କରୋନାରେ ପୂର୍ବତନ ବିଧାୟକ ବିକ୍ରମ ବର୍ମାଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ



**ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୫।୬(ସ୍ୱ.ପ୍ର.):** କଟକ ଜିଲା ମାହାଙ୍ଗା ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ, ଗାନ୍ଧୀବାଦୀ ତଥା ଶିକ୍ଷକ ନେତା ପ୍ରଫେସର ବିକ୍ରମ କେଶରୀ ବର୍ମା(୮୧)ଙ୍କ ଶନିବାର ପରଲୋକ ଘଟିଛି। ଏନେଇ ତାଙ୍କ ଜ୍ୱାଇଁ ନିରଞ୍ଜନ ଭୂୟାଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବର୍ମା କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ବର୍ମାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ବର୍ମା ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ସେ କାଜୁ ନିଗମର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଏଥିସହ ଜେଏନ୍ ମହାବିଦ୍ୟାଳୟ କୁଆଁପାଳର ପ୍ରତିଷ୍ଠାତା ସଦସ୍ୟ ଓ ଅଧ୍ୟକ୍ଷ ଥିଲେ। ବର୍ମା ଏକାଧାରରେ କବି, ଲେଖକ, ଅନୁବାଦକ ଓ ସମାଜ ସଂସ୍କାରକ ଥିଲେ। ୟୁଟିଆ ଶିକ୍ଷକ ସଂଘର ରାଜ୍ୟ ସଭାପତି ହେବା ସହ ଜଣେ ଦକ୍ଷ କୃଷକ ନେତା ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ନଦୀରୁ ନାବାଳକଙ୍କ ମୃତଦେହ ଜବତ

**କେସିଙ୍ଗା,୫।୬ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଥାନା ପୋଲିସ ତେଲ ନଦୀରୁ ଜଣେ ୧୦ ବର୍ଷର ନାବାଳକଙ୍କ ମୃତଦେହ ଶନିବାର ଜବତ କରିଛି। ମୃତ ନାବାଳକ ହେଲେ କେଗାଁ ଥାନା ଅଧୀନ ଖଇରମାଲ ଗ୍ରାମର ସୁଗ୍ରୀ ବାଗଙ୍କ ପୁଅ ଗଙ୍ଗାଧର। ଶନିବାର ସକାଳେ ଗଙ୍ଗାଧର ଘର ନିକଟ ତେଲ ନଦୀକୁ ଗାଧୋଇବା ପାଇଁ ଏକାକୀ ଯାଇଥିଲେ। ଗାଧୋଇବା ସମୟରେ କୌଣସି କାରଣରୁ ନଦୀରେ ଭାସି ଯାଇଥିଲେ। ତେଲ ନଦୀର ବ୍ରିଜ ନିକଟରେ ଜଣେ ନାବାଳକ ଭାସି ଯିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଦମକଳବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରୁ ନାବାଳକଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ତଦନ୍ତ ଚାଲିଛି ବୋଲି ଆଇଆଇସି ଗୀତାଞ୍ଜଳି ପ୍ରଧାନ କହିଛନ୍ତି।

# ପ୍ରକଳ୍ପ ପାଇଁ ଉଜୁଡୁଛି ସବୁଜ ବଳୟ

## ୫୭ ହଜାର ହେକ୍ଟର ଜଙ୍ଗଲ ନଷ୍ଟ

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବିକାଶ ନାଁରେ ରାଜ୍ୟରେ ଛାରଖାର ହୋଇଯାଉଛି ଜଙ୍ଗଲ ସମ୍ପଦ। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଜଙ୍ଗଲ ସଫା ହେଉଥିବାରୁ ରାଜ୍ୟକୁ ପ୍ରତ୍ୟେକ ବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଜଙ୍ଗଲ ଲୋପପାଇବା ସହ ଆଗାମୀ ଦିନରେ ବିପଦ ଆହୁରି ଘନେଇବ ବୋଲି ପରିବେଶବିତ୍ ଚେତାବନୀ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ ୫୭,୪୧୦ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରାଯାଇଛି। ନିକଟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟ ୨୦୧୯-୨୦ରେ ଏଭଳି ତଥ୍ୟ ପଦାକୁ ଆସିଛି।

ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୫୭,୪୧୦ ହେକ୍ଟର ଜଙ୍ଗଲକୁ ଅଣଜଙ୍ଗଲ କିସମରେ ପରିଣତ କରାଯାଇଛି। ସେଥିରୁ ୧୮୬ଟି ଖଣି ପ୍ରକଳ୍ପ ପାଇଁ ୨୮,୪୦୯ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରାଯାଇଥିବା ବେଳେ ୮୪ ଜଳସେଚନ ପ୍ରକଳ୍ପ ପାଇଁ ୧୦,୬୫୨ ହେକ୍ଟର, ୨୯ ଶିଳ୍ପ ପ୍ରକଳ୍ପ ପାଇଁ ୪୪୦୫ ହେକ୍ଟର, ୭୦ ଟ୍ରାନ୍ସମିଶନ ପ୍ରୋଜେକ୍ଟ ପାଇଁ ୪,୩୩୯ ହେକ୍ଟର, ୪ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ୩,୮୬୫ ହେକ୍ଟର, ୨୦ ରେଲୱେ ପ୍ରକଳ୍ପ ପାଇଁ ୨,୪୩୩ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି। ସେହିପରି ଖଣିଜ ସନ୍ଧାନରେ ୧୦୧ ହେକ୍ଟର ଜମିରେ ଡ୍ରିଲିଂ ଯୋଗୁ ଏବଂ ୮୪୬ ହେକ୍ଟର ଜଙ୍ଗଲ ଜମିକୁ ଛୋଟ ଛୋଟ ପ୍ରକଳ୍ପ ପାଇଁ ଅଣଜଙ୍ଗଲ କିସମରେ ପରିବର୍ତ୍ତନ କରାଯାଇଛି।

ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୬୧,୨୦୪.୧୭ ବର୍ଗକିଲୋମିଟର ଜଙ୍ଗଲ ଅଞ୍ଚଳ ରହିଛି। ଏହା ରାଜ୍ୟର ଭୌଗୋଳିକ ଅଞ୍ଚଳର ୪୦ ପ୍ରତିଶତ। ତେବେ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଆଇ) ୨୦୧୯ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୫୧,୬୧୯ ବର୍ଗକିଲୋମିଟର ଜଙ୍ଗଲ ରହିଛି, ଯାହାକି ସମୁଦାୟ ଭୌଗୋଳିକ ଅଞ୍ଚଳର ୩୩ ପ୍ରତିଶତ। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୨୭୪ ବର୍ଗକିଲୋମିଟରର ଜଙ୍ଗଲ ବୃଦ୍ଧି ହୋଇଥିବା ଏଫ୍ଏସ୍ଆଇ ରିପୋର୍ଟରେ କୁହାଯାଇଛି। ତେବେ ଗତ ୧୦ ବର୍ଷ (୨୦୧୦-୧୧ରୁ ୨୦୨୦-୨୧) ମଧ୍ୟରେ ବିଭିନ୍ନ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ୧,୮୫,୦୦,୭୪୮ ଗଛ କାଟି ପଦା କରାଯାଇଛି। ଏହି ସମୟରେ ୨୯,୮୩,୫୭୩ ବୃକ୍ଷରୋପଣ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୧ ମାର୍ଚ୍ଚ ୩୧ରେ ବିଧାନସଭାରେ ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। କେବଳ ସେତିକି ନୁହେଁ, ୨୦୧୯ ଜାନୁୟାରୀ ପହିଲାରୁ ନଭେମ୍ବର ୬ ମଧ୍ୟରେ ମାତ୍ର ୧୪ ପ୍ରକଳ୍ପ ପାଇଁ ଓଡ଼ିଶାରେ ସର୍ବାଧିକ ୪,୫୧୪ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ମନ୍ତ୍ରଣାଳୟ ଅନୁମତି ଦେଇଛି।

୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଥିଲା। ସେହିପରି ୨୦୧୧-୧୨ରେ କେତେକ ପ୍ରକଳ୍ପ ପାଇଁ ୧୨.୨୭ ଲକ୍ଷ ବୃକ୍ଷକୁ ବଳିଦେବାକୁ ପଡ଼ିଛି। ତେବେ ସରକାର ଯେତେ ଗଛ କାଟୁଛନ୍ତି ସେହି ପରିମାଣର ବୃକ୍ଷରୋପଣ ହେଉନାହିଁ। ଅଣଜଙ୍ଗଲ ଅଞ୍ଚଳରେ ଗୋଟିଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ୍‌ଲାଇନ ରହିଛି। ତେବେ ସରକାର ଏହାକୁ ଅନୁସରଣ କରୁ ନ ଥିବାରୁ ପରିବେଶବିତ୍ ଚିନ୍ତାପ୍ରକଟ କରିଛନ୍ତି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ ଭୁବନେଶ୍ୱର, କଟକ ଜାତୀୟ ରାଜପଥ ହେଉ କିମ୍ବା ସହର ଭିତରେ ଚାଲିଥିବା ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି। ଫଳରେ ସହରରେ ତାପମାତ୍ରା ବଢ଼ିବା ସାଙ୍ଗକୁ ପରିବେଶ ଉତ୍ତପ୍ତ ହେଉଛି। ବୃକ୍ଷରୋପଣ ଉପରେ ସବୁ ସ୍ତରରେ ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି।

# ୧୦ରେ ବର୍ଷର ପ୍ରଥମ, ଶେଷ ବଳୟ ସୂର୍ଯ୍ୟୋପରାଗ

**ଭୁବନେଶ୍ୱର, ୫।୬ (ବ୍ୟୁରୋ)**

ଆସନ୍ତା ୧୦ ତାରିଖରେ ୨୦୨୧ର ପ୍ରଥମ ତଥା ଶେଷ ସୂର୍ଯ୍ୟୋପରାଗ ସଙ୍ଘଟିତ ହେବ। ଏହି ବଳୟ ସୂର୍ଯ୍ୟୋପରାଗ ଉତ୍ତର କାନାଡା, ଗ୍ରୀନ୍‌ଲାଣ୍ଡ ଓ ରୁଷିଆର କିଛି ଅଞ୍ଚଳରେ ଏବଂ ଆମେରିକା, ୟୁରୋପ, ଏସିଆ ମହାଦେଶର ଅନେକ ଅଞ୍ଚଳରେ ଆଂଶିକ ଦେଖାଯିବ। ତେବେ ଭାରତରେ କେବଳ ଜମ୍ମୁ-କଶ୍ମୀରର ଖୁବ୍‌କମ୍ ଅଞ୍ଚଳରେ ୧୦%ରୁ କମ୍ ଆଂଶିକ ଦେଖାଯିବ। କିନ୍ତୁ ଓଡ଼ିଶାରେ ଏହା ଦୃଶ୍ୟମାନ ହେବ ନାହିଁ ବୋଲି ଭୁବନେଶ୍ୱର ପଠାଣିସାମନ୍ତ ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ତାଙ୍କ ସୂଚନାନୁସାରେ, ଭାରତୀୟ ସମୟ ଅପରାହ୍ନ ପ୍ରାୟ ୧ଟା ୪୨ରୁ ପରାଗ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୧ରେ ଶେଷ ହେବ। ଅପରାହ୍ନ ୪ଟା ୧୧ରେ ସର୍ବାଧିକ ପରାଗ ଘଟିବ। ବିଭିନ୍ନ ସ୍ଥାନରେ ପରାଗର ଆରମ୍ଭ, ଶେଷ ଓ ସର୍ବାଧିକ ଘଟିବାର ସମୟ ସାମାନ୍ୟ ଅଲଗା ହେବ। ଭାରତରେ ପରବର୍ତ୍ତୀ ସୂର୍ଯ୍ୟୋପରାଗ ୨୦୨୨ ଅକ୍ଟୋବର ୨୫ରେ ଦେଖାଯିବ।

ପରାଗକୁ ନେଇ ଡ. ପଟ୍ଟନାୟକ କହିଛନ୍ତି, ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ତିନି ପ୍ରକାର ଯଥା ଆଂଶିକ, ପୂର୍ଣ୍ଣ ଓ ବଳୟ ସୂର୍ଯ୍ୟୋପରାଗ ଘଟିଥାଏ। ପ୍ରତ୍ୟେକ ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୂର୍ବରୁ ଓ ପରେ ଆଂଶିକ ପରାଗ ଦେଖାଯାଏ। କଦବା କ୍ୱଚିତ୍ ମିଶ୍ରିତ ଅର୍ଥାତ୍ ଏକା ପରାଗରେ ପୂର୍ଣ୍ଣ ଓ ବଳୟ ପରାଗ ମିଶିକରି ଦେଖାଯାଏ। ଚନ୍ଦ୍ର ପୃଥିବୀର ନିକଟତର ଥିଲେ ଆମକୁ ପ୍ରାୟ ୧୨% ବଡ ଦେଖାଯାଏ। ଏହି ସମୟରେ ସୂର୍ଯ୍ୟୋପରାଗ ଘଟିଲେ ଚନ୍ଦ୍ର ସମ୍ପୂର୍ଣ୍ଣ ରୂପେ ସୂର୍ଯ୍ୟକୁ ଘୋଡାଇ ଦେଇଥାଏ ଓ ପୂର୍ଣ୍ଣ ସୂର୍ଯ୍ୟୋପରାଗ ହୁଏ। କିନ୍ତୁ ଆମଠାରୁ ଦୂରରେ ଥିବା ସମୟରେ ଚନ୍ଦ୍ର ଆମକୁ ଛୋଟ ଦେଖାଯାଏ ଓ ସେହି ଅବସ୍ଥାରେ ପରାଗ ଘଟିଲେ ଛୋଟ ଦେଖାଯାଉଥିବା ଚନ୍ଦ୍ରଟି ପୂର୍ଣ୍ଣ ରୂପେ ସୂର୍ଯ୍ୟଙ୍କୁ ଘୋଡାଇ ପାରେନାହିଁ ଓ ସୂର୍ଯ୍ୟ ଚାରିପାଖରେ ଏକ ବଳୟ ଦେଖାଯାଏ। ଏହାକୁ ବଳୟ ସୂର୍ଯ୍ୟୋପରାଗ କୁହାଯାଏ।

**ଓଡ଼ିଶାକୁ ଦୃଶ୍ୟମାନ ହେବନି**



- ଅପରାହ୍ନ ୧ଟା ୪୨ରୁ ଆରମ୍ଭ, ସନ୍ଧ୍ୟା ୬ଟା ୪୧ରେ ଶେଷ
- ୨୦୨୨ରେ ପରବର୍ତ୍ତୀ ସୂର୍ଯ୍ୟୋପରାଗ

## ରାଜ୍ୟରେ ପ୍ରଥମ କ୍ୟାନ୍‌ସର ହସ୍‌ପିଟାଲ୍ ରୂପେ HCG Panda Cancer Hospital କୁ NABH accreditationର ମାନ୍ୟତା

କଟକ, ତା. ୨୪/୫: ସଂପ୍ରତି ରାଜ୍ୟରେ ପ୍ରଥମ କ୍ୟାନସର ହସ୍ପିଟାଲ ଭାବେ NABH (କ୍ୱାଲିଟି କାଉନସିଲ ଅଫ ଇଣ୍ଡିଆ ଦ୍ୱାରା ଗଠିତ ଏକ ବୋର୍ଡ଼) ଆକ୍ରିଡେନସନ ଲାଭ କରିବାରେ HCG Panda Cancer Hospital ସଫଳତା ଲାଭ କରିଛି । ଏହି ଆକ୍ରିଡେସନ କେବଳ ଉଚ୍ଚକୋଟୀର ରୋଗୀ ସେବା ଏବଂ ସମସ୍ତ ଭିତିଭୂମି ଥିବା ହସ୍‌ପିଟାଲକୁ ମିଳିଥାଏ। NABH ମଧ୍ୟ International Quality Health Care (ISQUA) ର ସଦସ୍ୟତା ଲାଭ କରିଛି। ଯାହା ଫଳରେ ଏହି ଆକ୍ରିଡେସନ୍ ପାଇଥିବା ହସ୍‌ପିଟାଲ ଆନ୍ତର୍ଜାତିକ ରୋଗୀ ସେବା ଦେବାପାଇଁ ମଧ୍ୟ ସ୍ୱୀକୃତିଲାଭ କରିଥାଏ। ଏହା ପାଇବା ପାଇଁ ବୋର୍ଡ଼ ପକ୍ଷରୁ ହସ୍‌ପିଟାଲର ୧୦୫ଟି ଧାର୍ଯ୍ୟ ଗୁଣବତା ଓ ୬୮୩ଟି Objective elements କୁ ପରୀକ୍ଷା ଓ ନୀତି ନିର୍ଦ୍ଧାରଣ କରାଯାଇଥାଏ । HCG Panda Cancer Hospital ଏହି ସମସ୍ତ ମାନଦଣ୍ଡକୁ ପୂର୍ଣ୍ଣ କରିବା ସହ ରୋଗୀମାନଙ୍କୁ ଗୋଟିଏ ଛାତ




ତଳେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ତଥା ନିଦାନ ବ୍ୟବସ୍ଥା ଯୋଗାଇବାରେ ସଫଳତା ହାସଲ କରିଥିବା ବୋର୍ଡ଼ ପକ୍ଷରୁ କୁହାଯାଇଛି।

ଏହି Accreditation ହାସଲ କରିବା ପରେ ରୋଗୀସେବା ପ୍ରଦାନ କରିବାରେ ସର୍ବୋଚ୍ଚ ମାନଦଣ୍ଡ ସହ ରୋଗୀମାନଙ୍କ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦିଆଯାଉଥିବା ପ୍ରମାଣିତ ହୋଇଛି ବୋଲି ମେଡ଼ିକାଲ ଡାଇରେକ୍ଟର ପ୍ରଫେସର କୃପାସିନ୍ଧୁ ପଣ୍ଡା କହିଛିନ୍ତି।

NABH Accreditation ଲାଭ ହସ୍‌ପିଟାଲ ମାନଙ୍କ ଲାଗି ଏକ ସ୍ୱପ୍ନ ହୋଇଥିବା ବେଳେ HCG Panda Cancer Hospital ଏହାକୁ ହାସଲ କରିବାରେ ସଫଳ ହୋଇଛି। କ୍ୟାନସର ରୋଗ ଚିହ୍ନଟ ଓ ନିରାକରଣ କ୍ଷେତ୍ରରେ ଏହି ହସ୍‌ପିଟାଲ ଯେଉଁ ସୁନାମ ଅର୍ଜନ କରିଛି, ତାହା ଆଗକୁ ବଳବତର ରହିବ ବୋଲି HCG ର Associate Vice President (Odisha Region) ଶ୍ରୀଯୁକ୍ତ ଗିରିଶ ମିଶ୍ର କହିଛନ୍ତି।

ADVT.

# ଇ-ବର୍ଜ୍ୟବସ୍ତୁରେ ସୁଉଚ୍ଚ ରୋବଟ

**ଭୁବନେଶ୍ୱର(ବ୍ୟୁରୋ)/ ବ୍ରହ୍ମପୁର ଅଫିସ୍, ୫।୬**

**ଗିନିଜ୍ ରେକର୍ଡ ହାସଲ ଲକ୍ଷ୍ୟ**



ରାଜ୍ୟର ବିଭିନ୍ନ ସହରରେ ଇ-ବର୍ଜ୍ୟବସ୍ତୁର ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି। ବ୍ରହ୍ମପୁର ଆଇଟିଆଇର ଦକ୍ଷ ପ୍ରଫେଶନାଲ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ପ୍ରସଙ୍ଗ ସମ୍ପର୍କରେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଇ-ବର୍ଜ୍ୟବସ୍ତୁରେ ଏକ ଉଚ୍ଚତମ ରୋବଟ ମୂର୍ତ୍ତି ପ୍ରସ୍ତୁତି ଚାଲିଛି। ଭୁବନେଶ୍ୱରଠାରେ ୧୬ ଫୁଟର ଏଭଳି ମୂର୍ତ୍ତି ରହିଥିବାବେଳେ ଆଇଟିଆଇ ପକ୍ଷରୁ ନିର୍ମିତ ମୂର୍ତ୍ତିର ଉଚ୍ଚତା ୨୯ଫୁଟ ରହିଛି। ଏହି ଇ-ବର୍ଜ୍ୟବସ୍ତୁ ରୋବଟ୍ ବିଶ୍ୱର ସବୁଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ହେବ ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଇ-ବର୍ଜ୍ୟବସ୍ତୁ କେନ୍ଦ୍ରରୁ ପ୍ରାୟ ଏକ ମାସ ପୂର୍ବରୁ ଏହାର ନିର୍ମାଣ ଆରମ୍ଭ ହୋଇଛି। ଏହାକୁ ତିଆରି କରିବା ପାଇଁ ଇଲେକ୍ଟ୍ରିସିଆନ୍ ଓ ଇନ୍‌ଷ୍ଟ୍ରୁମେଣ୍ଟ ମେକାନିକ୍ ବିଭାଗର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସାମିଲ ହୋଇଛନ୍ତି। ଏଥିରେ ପ୍ରାୟ ୩ ଟନ୍‌ର ଇ-ବର୍ଜ୍ୟବସ୍ତୁ ବ୍ୟବହାର ହୋଇଛି। ଏଥିରେ ବହୁ ସଂଖ୍ୟାରେ ଅଚଳ କମ୍ପ୍ୟୁଟର, ମୋବାଇଲ୍, ସିଡି ପ୍ଲେୟାର, ଟିଭି, ଭିସିଆର୍ ଭଳି ଇ-ବର୍ଜ୍ୟବସ୍ତୁ ବ୍ୟବହୃତ ହୋଇଛି। ଏହି ରୋବଟକୁ ଅନୁଷ୍ଠାନର ଇ-ସ୍କ୍ରାପ୍ ପାର୍କ ମଧ୍ୟରେ ସ୍ଥାପନ କରାଯାଇଛି। ଏହା ବିଶ୍ୱର ସବୁଠାରୁ ଉଚ୍ଚତମ ମୂର୍ତ୍ତି ହେବା ସହ ଆଗାମୀ ଦିନରେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ହାସଲ ନେଇ ଲକ୍ଷ୍ୟ ରଖାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସମଗ୍ର ବିଶ୍ୱକୁ ଇ-ବର୍ଜ୍ୟବସ୍ତୁ ପ୍ରଦୂଷଣରୁ ରୋକିବାକୁ ହେଲେ ଏହାକୁ କିଭଳି ପୁନଃ ପ୍ରକ୍ରିୟାକରଣ କରାଯିବ ସେ ନେଇ ଏହି ମୂର୍ତ୍ତି ସଚେତନତାର ବାର୍ତ୍ତା ପ୍ରଦାନ କରିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ବର୍ଜ୍ୟ ପରିଚାଳନା ରୁଲ୍‌ସ ଅନୁସାରେ ବର୍ଜ୍ୟ ବସ୍ତୁକୁ ବୈଜ୍ଞାନିକ ଉପାୟରେ ଗଚ୍ଛିତ ଏବଂ ନଷ୍ଟ କରାଯିବା ଆବଶ୍ୟକ। ନଚେତ୍ ଏହା ପ୍ରଦୂଷଣ ମାତ୍ରାକୁ ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ପରିବେଶ ଅସନ୍ତୁଳନ ସୃଷ୍ଟି କରିବ। ୨୦୧୯ରେ ବିଶ୍ୱରେ ୫୩.୬ ମେଟ୍ରିକ ଟନ ଇ-ବର୍ଜ୍ୟ ସୃଷ୍ଟି ହୋଇଥିଲା। ଯାହାର ମାତ୍ରା ମୁଣ୍ଡ ପିଛା ୭.୩ କିଲୋ ରହିଥିଲା। ୨୦୩୦ ବେଳକୁ ଏହା ୭୪.୭ ମେଟ୍ରିକ ଟନରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ବ୍ରହ୍ମପୁରର ଆଇଟିଆଇ ଟିମ୍‌ଙ୍କ ମତରେ ଏହି ସୁଉଚ୍ଚ ରୋବର୍ଟ ଲୋକଙ୍କ ମଧ୍ୟରେ ବିଶେଷକରି ପରିବେଶ ପାଇଁ ଚିନ୍ତା କରୁଥିବା ଲୋକଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିବ। ଆଇଟିଆଇ ଟିମ୍ ଦ୍ୱାରା ଇ- ବର୍ଜ୍ୟରେ ପ୍ରସ୍ତୁତ ପାର୍କ ଏସିଆର ସର୍ବବୃହତ୍ ଅଟେ। ଏହା ଏସିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି।

## ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି ଜୋଲି ତୁଳସୀ-51 ଡ୍ରପ୍‌ସ




CLINICALLY TESTED

କାଲି ପର୍ଯ୍ୟନ୍ତ ଯାହା ଆମେ କେବଳ ଖବରରେ ଦେଖୁଥିଲୁ, ତାହା ଏବେ ଆମ ଆଖପାଖରେ ଘଟୁଛି । ଏପରି କ୍ଷେତ୍ରରେ ନିଜ ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ପ୍ରତୀତ ହେଉଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ।

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଓ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ ।

ଆପଣଙ୍କ ପରିବାରର ସୁରକ୍ଷା କବଚ

- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY

ତୁଳସୀ 51 ଡ୍ରପ୍‌ସ

ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଧ୍ୟାନ ଦିଅନ୍ତୁ, ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକାସଦୃଶ ଅନେକ ପ୍ରଡକ୍ଟ ଆସିଯାଇଛି । ତେଣୁ କିଣିବା ସମୟରେ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ଓ କିଣନ୍ତୁ ।


ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । Helpline: 0161-520-1588 Buy Online:www.jollypharmaindia.com

# ପାଣି ପିଇ ହେଉନି, ଖାଦ୍ୟ ରୁଚୁନି

## ଲୁଣିପାଣି କବଳରେ ବ୍ରାହ୍ମଣୀ, ବିରୂପା ଓ ଗେଙ୍ଗୁଟି ଦ୍ୱୀପାଞ୍ଚଳ

**ଯାଜପୁର ଅଫିସ/ବରୀ(ଡି.ଏନ.ଏ.),୫।୬**

- ପାନୀୟ, ଚାଷ ପାଇଁ ହନ୍ତସନ୍ତ ଅଞ୍ଚଳବାସୀ
- ଅଭିଯୋଗ କେହି ଶୁଣୁନାହାନ୍ତି



**କାମରେ ଆସୁନି ବୋରୱେଲ୍:** ମନ୍ଦାରୀ ପଞ୍ଚାୟତର ବେଙ୍ଗୋରାପୁରରେ ଜମି ପଡ଼ିଆ ପଡ଼ିଛି।

ଯାଜପୁର ଜିଲା ବରୀ ବ୍ଲକର ବ୍ରାହ୍ମଣୀ, ବିରୂପା ଓ ଗେଙ୍ଗୁଟି ଦ୍ୱୀପାଞ୍ଚଳରେ ମାଟି ଅଳ୍ପ ଖୋଳିଲେ ବାହାରୁଛି ଲୁଣି ପାଣି। ସେହି ପାଣି ପିଇ ହେଉନି କି ଏଥିରେ ରାନ୍ଧିଲେ ଖାଦ୍ୟ ରୁଚୁନି। ଫଳରେ ଏହି ବ୍ଲକର ରତ୍ନଗିରି, ମନ୍ଦାରୀ, ଅମଠପୁର ଓ ସେରପୁର ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ରହୁଛନ୍ତି। ଏପରିକି ଲୁଣିପାଣି ଯୋଗୁ ଶତାଧିକ ହେକ୍ଟର ଚାଷଜମି ପଡ଼ିଆ ପଡୁଛି।

ମନ୍ଦାରୀ ପଞ୍ଚାୟତର ବେଙ୍ଗୋରାପୁରରେ ୨୦୦ ଫୁଟ୍‌ର ଉଠାଜଳସେଚନ ପ୍ରକଳ୍ପ ନିମନ୍ତେ ହୋଇଥିବା ସର୍ଭେରୁ ଲୁଣିପାଣି ବାହାରିବା ଜଣାପଡ଼ିଛି। ତେଣୁ ୭୫୦ ଫୁଟ୍ ପର୍ଯ୍ୟନ୍ତ ଖନନ ହେଲେ ଭଲ ପାଣି ବାହାରିବ ବୋଲି ଅଞ୍ଚଳବାସୀ ଦାବି କରୁଛନ୍ତି। ଏହି ମର୍ମରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ଜଳସେଚନ ମନ୍ତ୍ରୀ ଓ ସଚିବ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗୀୟ ଅଧିକାରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏପରି କି ଗତ ବିଧାନସଭା ଅଧିବେଶନରେ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଏନେଇ ପ୍ରଶ୍ନ ମଧ୍ୟ କରିଛନ୍ତି। କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ କେହି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ନ ପାଇ ଫ୍ଲୋରାଇଡ୍ କବଳରେ ଘାଣ୍ଟି ହେଉଛନ୍ତି।

ବରୀ ବ୍ଲକର ଅଣିକଣା ଓ ମନ୍ଦାରି ରାଜସ୍ୱ ଗ୍ରାମରେ ବିଭିନ୍ନ ଯୋଜନାରେ ୨୦୦ ଫୁଟ୍ ଲେଖାଏ ୧୦ରୁ ଊର୍ଦ୍ଧ୍ୱ ବୋର୍‌ୱେଲ ଖନନ ହୋଇଛି। ହେଲେ ସେଥିରୁ ବାହାରୁଥିବା ପାଣି ଚାଷ ଉପଯୋଗୀ ହେଉନାହିଁ। ଫଳରେ ଚାଷୀ ବିଭିନ୍ନ ଚାଷ କରିବାରୁ ବଞ୍ଚିତ ରହୁଛନ୍ତି। ଚାଷୀ ରଘୁନାଥ ଜେନା, ବିଷ୍ଣୁଚରଣ ଜେନା, ଶ୍ୟାମସୁନ୍ଦର ଜେନା ପ୍ରମୁଖ କହିଛନ୍ତି, ଏହି ଅଞ୍ଚଳରେ ଜଳସମ୍ପଦ ବିଭାଗ ତରଫରୁ ଗଭୀର ନଳକୂପ ଖନନ କରାଯାଇ ମଧୁର ଜଳ ପାଇଁ ବ୍ୟବସ୍ଥା କରାଗଲେ ପଡ଼ିଆ ରହୁଥିବା ଶତାଧିକ ହେକ୍ଟର ଜମିରେ ଚାଷ କରାଯାଇ ପାରନ୍ତା। ବିଶେଷକରି ଏହି ଅଞ୍ଚଳରେ ଅଧିକ ପନିପରିବା ଚାଷ ହେଉଥିବାରୁ ଚାଷୀ ଉପକୃତ ହୋଇପାରନ୍ତେ। ଅନ୍ୟପକ୍ଷରେ ପାନୀୟ ଜଳ ସମସ୍ୟା ମଧ୍ୟ ଏଠାରେ ଉତ୍କଟ। ପଟଣା ଏବଂ ରତ୍ନଗିରିଠାରେ ପାଇପ୍ ଜଳଯୋଗାଣ ପ୍ରକଳ୍ପ ରହିଛି। ହେଲେ ରାଉତପୁର ଗ୍ରାମବାସୀ ଉକ୍ତ ପ୍ରକଳ୍ପରୁ ପାଉଥିବା ପାଣି ଲୁଣିଆ ଲାଗୁଥିବା କହିଛନ୍ତି। ଅଞ୍ଚଳରେ ଥିବା ନଳକୂପଗୁଡିକରୁ ମଧ୍ୟ ଲୁଣିଆ ପାଣି ବାହାରୁଛି। ଆବଶ୍ୟକ ବିଶୋଧନ ଯନ୍ତ୍ର ଲଗାଯାଇ ନ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପାଣିରେ ରାନ୍ଧିଲେ ଖାଦ୍ୟର ପ୍ରକୃତ ସ୍ୱାଦ ମିଳି ପାରୁନାହିଁ। ପଞ୍ଚାୟତବାସୀଙ୍କ ପାଇଁ ଏହା ଏକ ଗୁରୁତର ସମସ୍ୟା ହୋଇଥିଲେ ହେଁ ଜିଲା ପ୍ରଶାସନ ହାଲୁକା ଭାବେ ଗ୍ରହଣ କରି ଆସୁଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଫ୍ଲୋରାଇଡ୍ ମିଶ୍ରିତ ପାଣି ପିଇ ଲୋକେ ଅଧିକ ରୋଗାକ୍ରାନ୍ତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କ ମୋବାଇଲ ଫୋନ ବନ୍ଦ ଥିବାରୁ ମତାମତ ନିଆଯାଇ ପାରିନାହିଁ। ସ୍ଥାନୀୟ ବାସିନ୍ଦା ଦେବସ୍ମିତା ବେହୁରିଆ କହନ୍ତି, ସମୁଦ୍ରକୂଳକୁ ଏହି ଅଞ୍ଚଳର ଦୂରତା ଆକାଶ ମାର୍ଗରେ ମାତ୍ର ୨୦ରୁ ୨୫ କିମି ଦୂରହେବ। ସେଥିପାଇଁ କମ୍ ଗଭୀର ଖନନ କରାଗଲେ ଲୁଣି ପାଣି ବାହାରୁଛି। ପାଇପ୍ ଜଳଯୋଗାଣ ପ୍ରକଳ୍ପରେ ମଧ୍ୟ କେତେକ ସ୍ଥାନରେ ପାଣି ଲୁଣିଆ ଲାଗୁଛି। ଏଥିପାଇଁ ରାଜ୍ୟ ସରକାର ଯେଉଁଭଳି ପଦକ୍ଷେପ ନେବା କଥା ତାହା ସମୁଦ୍ରକୁ ଶଙ୍ଖେ। ଜଳସେଚନ ବିଭାଗର ଅବହେଳା ଯୋଗୁ ଚାଷୀଙ୍କ ଅଧିକାଂଶ ଜମି ପଡ଼ିଆ ପଡୁଛି ବୋଲି ବେହୁରିଆ କହିଛନ୍ତି।

## ଗୋଷ୍ଠୀ ସଂଘର୍ଷ: ଜଣେ ମୃତ, ୪ ଆହତ

ଚାନ୍ଦବାଲି,(ଡି.ଏନ.ଏ.)-ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଗୋପିନାଥପୁର ପଞ୍ଚାୟତ କର୍ଡୁଆସାହି ଗାଁରେ ଶନିବାର ଅପରାହ୍ନରେ ଛେପ ପକାଇବାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଗାଁର ଦୁଃଖିରାମ ଦାସ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ପୂର୍ବରୁ ବିବାଦ ଥିଲା। ଶନିବାର ଅପରାହ୍ନରେ ଅପରପକ୍ଷର ଜଣେ ସଦସ୍ୟ ପାନ ଛେପ ପକାଇବା ବେଳେ ଦୁଃଖିରାମଙ୍କ ଘର ଦୁଆରେ ପଡ଼ିଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଦୁଃଖିରାମଙ୍କ ସମେତ ଉଭୟ ପକ୍ଷର ୫ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁଃଖିରାମଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଧାରୁଆ ଅସ୍ତ୍ରରେ ହାଣି ଯୁବକଙ୍କୁ ହତ୍ୟା

ବୌଦ୍ଧ,୫।୬(ସ୍ୱ.ପ୍ର.): ଶୁକ୍ରବାର ରାତିରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ସରସରା ଗ୍ରାମ ନିକଟରେ ଧାରୁଆ ଅସ୍ତ୍ରରେ ହାଣି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ସରସରା ଗ୍ରାମର ଅନ୍ତର୍ଯ୍ୟାମୀ ସ୍ୱାଇଁ (୩୨) । ଅନୈତିକ ସମ୍ପର୍କକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି। ପ୍ରକାଶ ଯେ, ଅନ୍ତର୍ଯ୍ୟାମୀଙ୍କର ସେହି ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ସମ୍ପର୍କ ରହିଥିଲା । ଗତ କିଛି ମାସ ତଳେ ଦୁହେଁ ଫେରାର ହୋଇ ଯାଇଥିଲେ । ଏହାକୁ ନେଇ ମହିଳାଙ୍କ ପରିବାର ଓ ଅନ୍ତର୍ଯ୍ୟାମୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଏପରି କି ଗାଁକୁ ଫେରିଲେ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଥିଲା। ଶୁକ୍ରବାର ଅନ୍ତର୍ଯ୍ୟାମୀ ଗାଁକୁ ଫେରିଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏ ସମ୍ପର୍କରେ ଜାଣି ପାରି ସମ୍ପୃକ୍ତ ମହିଳା ଜଣକ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ମହିଳାଙ୍କ ସମ୍ପର୍କୀୟମାନେ ଶୁକ୍ରବାର ଅପରାହ୍ନରେ ତାଙ୍କୁ ଅପହରଣ କରି ନେଇ ଧାରୁଆ ଅସ୍ତ୍ର ଓ ପଥରରେ ଛେଚି ହତ୍ୟା କରିବା ପରେ ରାତିରେ ସରସରା ରାଧା ବାହାଲି ସେତୁ ନିକଟ ରାସ୍ତା କଡରେ ଫିଙ୍ଗି ଦେଇଥିଲେ। ଶନିବାର ଭୋର ସମୟରେ ଗାଁ ଲୋକ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବୌଦ୍ଧ ଟାଉନ ଥାନା ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି।

### ଆବାସ ଯୋଜନା ଅନିୟମିତତା: ଜିଓଟେକର ବହିଷ୍କୃତ

ଖପ୍ରାଖୋଲ, ୫।୬(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଦମେଇପାଲି ପଞ୍ଚାୟତରେ ଆବାସ ଯୋଜନା ଅନିୟମିତତା ଘଟଣାରେ ଜିଓଟେକର ମହେଶ୍ୱର ମେହେରଙ୍କୁ ବ୍ଲକ ପ୍ରଶାସନ ବହିଷ୍କାର କରିଛି। ତାଙ୍କ ନାମରେ ପଞ୍ଚାୟତରେ ଆବାସ ଗୃହ ନିର୍ମାଣରେ ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ ଦର୍ଶାଇ ଟଙ୍କା ଉଠାଣ, ଘର ପାଇଁ ଟଙ୍କା ମାଗିବା ଆଦି ଅଭିଯୋଗ ରହିଥିଲା। ଏ ନେଇ ଧରିତ୍ରୀରେ ଗତ ୧ ତାରିଖ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରି ଜିପିଇଓ ସୁଶାନ୍ତ ପାଣିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲା। ଅଧିକାରୀ ଜଣକ ତଦନ୍ତ କଲାପରେ ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତଦନ୍ତରୁ ଅନିୟମିତତା ସ୍ପଷ୍ଟ ହେବା ପରେ ଜିଓଟେକରଙ୍କୁ ବହିଷ୍କାର କରାଯାଇଥିବା ବିଡିଓ ତରଣୀ ସୁନା କହିଛନ୍ତି।

# ଏସ୍‌ଡିଜି ମାନ୍ୟତାକୁ ନେଇ ଆରୋପ ପ୍ରତ୍ୟାରୋପ

■ବିଶ୍ୱସ୍ତରୀୟ ପ୍ରକଳ୍ପ ହେଉଛି ବୋଲି ମିଥ୍ୟା ପ୍ରଚାର କରୁଛି ବିଜେଡି : ଅପରାଜିତା

■ଏସ୍‌ଡିଜି ରିପୋର୍ଟକୁ ନେଇ ଭାଜପା ରାଜନୀତି ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର,୫।୬(ବ୍ୟୁରୋ)

ମିଳିତ ଜାତିସଂଘ ସହାୟତାରେ ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶ ପାଇଥିବା ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି- ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍) ସୂଚକାଙ୍କ ଆଧାରରେ ଦେଶର ୨୮ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ତଳଆଡୁ ୫ମ ସ୍ଥାନରେ ରହିଛି । ଦେଶରେ ସ୍ଥାୟିତ୍ୱ, ସ୍ଥିରତା ଓ ସମନ୍ୱୟ ଆଣିବା ନିମନ୍ତେ ନୀତି ଆୟୋଗ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ ହୋଇଥାଏ । ଓଡ଼ିଶା ପ୍ରସଙ୍ଗରେ ଏହି ରିପୋର୍ଟକୁ ଅନୁଧ୍ୟାନ କଲେ ଗତ ୨୨ ବର୍ଷ ଧରି ଓଡ଼ିଶାର ବିକାଶ ବିଷୟରେ ଶାସକ ବିଜେଡି ଯାହା ପ୍ରଚାର ଓ ପ୍ରସାର କରୁଛି ତାହା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ।

ଏସ୍‌ଡିଜି ମାନ୍ୟତାରେ ଓଡ଼ିଶାର ସ୍ଥାନ ୧୫ରୁ ୧୯କୁ ଖସିଛି, ଯାହାକି ନାଗାଲାଣ୍ଡ ଓ ଛତିଶଗଡ଼ ରାଜ୍ୟ ସହ ସମକକ୍ଷ । ଏହି ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡଗୁଡ଼ିକ ହେଲା ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧାମୁକ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନଧାରଣ କ୍ଷମତା, ଉନ୍ନତ ମାନର ଶିକ୍ଷା, ଲିଙ୍ଗଭିତ୍ତିକ ସମାନତା ଏବଂ ଶାନ୍ତି, ନ୍ୟାୟ ଓ ସୁଦୃଢ଼ ଅନୁଷ୍ଠାନ । ଏହି କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଅତ୍ୟନ୍ତ ନିମ୍ନସ୍ତରରେ ରହିଛି ବୋଲି ଷଡ଼ଙ୍ଗୀ କହିଛନ୍ତି । ପ୍ରାକୃତିକ ସମ୍ପଦରେ ରାଜ୍ୟ ଭରପୂର ହୋଇଥିଲେ ମଧ୍ୟ ଲୋକମାନଙ୍କ ଜୀବନଧାରଣ ମାନରେ ଓଡ଼ିଶା ସର୍ବଦା ପଛରେ ରହିଆସିଛି। ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶା ତଳଆଡୁ ୩ୟ ସ୍ଥାନରେ ଅଛି । ସମୁଦାୟ ଜନସଂଖ୍ୟାର ୩୩ ପ୍ରତିଶତ ଜାତୀୟ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଏହା ମାତ୍ର ୯.୨ ପ୍ରତିଶତ ରହିଛି ।

ସେହିପରି ଓଡ଼ିଶାରେ ୧୪.୨ ପ୍ରତିଶତ କଚ୍ଚାଘର ରହିଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗରେ ମାତ୍ର ୬ ପ୍ରତିଶତ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଲକ୍ଷ ଲକ୍ଷ ପକ୍କାଘର ଆବଣ୍ଟନ କରୁଛନ୍ତି । ମାତ୍ର ତାହା କାହିଁକି ପ୍ରତିଫଳିତ ହେଉନାହିଁ ବୋଲି ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି । କ୍ଷୁଧାମୁକ୍ତ ରାଜ୍ୟ ତାଲିକାରେ ଦେଶର ୨୮ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ତଳଆଡୁ ୬ ନମ୍ବର ସ୍ଥାନରେ ଅଛି । ରାଜ୍ୟର ୪୮ ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହେଉଥିବାବେଳେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ କ୍ଷେତ୍ରରେ ୨୯ ପ୍ରତିଶତ ଅପପୁଷ୍ଟିର ଶିକାର ହେଉଛନ୍ତି। ଭୁବନେଶ୍ୱର ଓ କଟକ ବିକାଶର ମାନଚିତ୍ର ଓଡ଼ିଶାର ସମଗ୍ର ବିକାଶ ସ୍ଥିତି ନୁହେଁ । ଓଡ଼ିଶାର ଯୁବକମାନେ କର୍ମସଂସ୍ଥା ଅନ୍ୱେଷଣରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣାଟକ, କେରଳ, ଦିଲ୍ଲୀ ଆଦି ରାଜ୍ୟକୁ ଯିବାପାଇଁ ବାଧ୍ୟ ହେଉଛନ୍ତି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସରେ ଓଡ଼ିଶା ସ୍ଥାନ ୧୨ରୁ ୧୪କୁ କାହିଁକି ହୋଇଛି। ବିଜେଡି ସରକାର ରାଜ୍ୟରେ ଗତ ୨୨ ବର୍ଷ ମଧ୍ୟରେ କ'ଣ କରିଛନ୍ତି, ସେ ନେଇ ରାଜ୍ୟ ସରକାର ରିପୋର୍ଟ ପ୍ରକାଶ କରିବାକୁ ଅପରାଜିତା ଦାବି କରିଛନ୍ତି ।

ଅପରପକ୍ଷରେ ଅପରାଜିତାଙ୍କ ଅଭିଯୋଗକୁ ବିଜେଡି ଖଣ୍ଡନ କରିବା ସହ ଏସ୍‌ଡିଜି ହେଉଛି 'ଡାହା ଗପ' ବୋଲି କହିଛି। ଏହି ରିପୋର୍ଟକୁ ନେଇ ରାଜନୀତିକରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ମୁଖପାତ୍ର ଅମର ପଟ୍ଟନାୟକ କହିଛନ୍ତି । କୋଭିଡ୍ ଟିକା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ନଜର ହଟେଇବାକୁ ଅପଚେଷ୍ଟା କରିଥିଲେ ବି ଏଥିରେ ସେ ଅସଫଳ ହୋଇଛନ୍ତି। ଭାରତବର୍ଷର ଛାତ୍ରୀଛାତ୍ରମାନେ କୋଭାକ୍ସିନ ଟିକା ନେଲା ପରେ ମଧ୍ୟ ଅନ୍ୟ ରାଷ୍ଟ୍ରମାନେ ଏହି ଟିକାକୁ ଅଗ୍ରାହ୍ୟ କରୁଛନ୍ତି। ଭାରତୀୟ ଛାତ୍ରୀଛାତ୍ରଙ୍କର ବିଦେଶରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯୋଗଦେବାରେ ଅସୁବିଧା ଉପୁଜୁଛି। ସେତେବେଳେ ଏହି ପ୍ରକାରର ପ୍ରସଙ୍ଗ ଏବଂ ଦ୍ରୁତ ଟିକାକରଣ ଉପରେ ଜୋର ଦେବା ବଦଳରେ ଏକ ରିପୋର୍ଟକୁ ନେଇ ଭାଜପା ରାଜନୀତି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ରିପୋର୍ଟ ଅନୁଯାୟୀ ଓଡ଼ିଶା ଦୁଇବର୍ଷ ମଧ୍ୟରେ ୨୨ତମ ସ୍ଥାନରୁ ଉତ୍ତୀର୍ଣ୍ଣ ହୋଇ ୧୯ତମ ସ୍ଥାନରେ ପହଞ୍ଚିଛି। ରିପୋର୍ଟରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ଆଖିବୁଜି ଅଧିକ ନମ୍ବର ଦିଆଯାଇଥିବା ବେଳେ ଓଡ଼ିଶାର ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ମମତା ଯୋଜନା ଭଳି ଅତି ସଫଳ ଓ ଜନପ୍ରିୟ ଯୋଜନାକୁ ମୂଲ୍ୟାୟନରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାକୁ ୨୦୧୯ରେ ୯୨ ପ୍ରତିଶତ ନମ୍ବର ଦିଆଯାଇଥିବା ବେଳେ ଏ ବର୍ଷ ଶୂନ ଦିଆହୋଇଛି । ୨୦୨୦ରେ ସମଗ୍ର ଦେଶରେ ଶିଳ୍ପାୟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା ବେଳେ ୨୦୨୦ରେ କାହିଁକି ଶୂନ ମାର୍କ ଦିଆଗଲା ବୋଲି ଅମର ପ୍ରଶ୍ନ କରିଛନ୍ତି ।

# ଅଭିନୟ ଯାଦୁରେ ଦର୍ଶକଙ୍କୁ ବାନ୍ଧିରଖିଥିଲେ ଅଟଳ



ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଅଟଳ ବିହାରୀ ପଣ୍ଡା ।

ସମ୍ବଲପୁର,୫।୬ (ବ୍ୟୁରୋ)

ଶୁକ୍ରବାର ବିଳମ୍ବିତ ରାତିରେ ବୁର୍ଲା ଭିମ୍‌ସାରରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଡ. ଅଟଳ ବିହାରୀ ପଣ୍ଡା ତାଙ୍କ ଅଭିନୟ ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖୁଥିଲେ। ସୁବର୍ଣ୍ଣପୁର ଜିଲା ବିନିକା ନିବାସୀ କବିରାଜ ବାସୁଦେବ ଓ ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ ଅଟଳ। ୧୯୩୧ ମସିହା ଡିସେମ୍ବର ୧ରେ ତାଙ୍କର ଜନ୍ମ। ପିଲା ବୟସରୁ ୧୯୪୪ରେ ସେ ନାଟକ ପ୍ରତି ଆକୃଷ୍ଟ ହୋଇ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେ ଶତାଧିକ ଓଡ଼ିଆ ଓ ସମ୍ବଲପୁରୀ ନାଟକରେ ଅଭିନୟ କରି ଲୋକଙ୍କ ମନକୁ ଛୁଇଁଥିଲେ। ଏହାସହ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ୬୫ଟି ନାଟକ ରଚନା କରିଥିଲେ। ତାଙ୍କ ଲିଖିତ ବାଘ ମାଡିଛି ଭଳି ୬ଟି ଅପେରା ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ସମ୍ବଲପୁରୀ ଭାଷା ନାଟ୍ୟ ଆନ୍ଦୋଳନର ସେ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ ଥିଲେ।

ଡ଼. ପଣ୍ଡାଙ୍କ ଲିଖିତ ନାଟକ ମଧ୍ୟରେ ଫଟାକପାଲ, ଗୁଲେକ ଧନ୍ଦା, ଲେଞ୍ଜାତାରା, ପଦ୍ମଶ୍ରୀ, ଫଟାମାନ୍ଦଲ, କୁମ୍ନା ଭିତରେ ଡେଡ୍ଗୁଁ, ଭଏଁଷ ଆଗ ନାଗ୍ ଧୁନୀ, ଡୁମେରରଜା, ମଣିସଂହାର, ଭାଗ୍ୟଚକ୍ର, ଜୀବନ ମୃତ୍ୟୁ, ଏଇ ସବୁ ଉପତ୍ୟକା ଏକ ବିରାଟ ଅରଣ୍ୟ, ବାବୁ କହିଛନ୍ତି ସେ ଘରେ ନାହାନ୍ତି, ଉଆଁଷିଜନ୍, ସେମାନେ ପକ୍ଷୀ, ଆଗୋ ଶୁଣୁଛ, ଡ଼ଙ୍ଗାଘାଟ, ଅନ୍ୟ ଏକ ଅପରାହ୍ନ, କ୍ଳାନ୍ତ ଅପରାହ୍ନ, ସଂଘର୍ଷ, ଲୋଲୋ, ସ୍ୱଭାବ ଛାଡ଼ିବି କେମନ୍ତେ, ଗଛ, ଏ ଲୋ, ସଦଗତି, ଜଖା ଅନ୍ୟତମ । ସେ ଅନେକ ଲୋକପ୍ରିୟ ଲୋକସଂଗୀତ ରଚନା କରିଥିଲେ । ଡ଼. ପଣ୍ଡାଙ୍କ ଲିଟିଉଡ଼େ ଫୁରୁ ଫୁରୁରେ ମୋର ନାମ୍‌ଟେକାରୁ, ଇମାଗୋ ମୁଇଁକେନ୍ତେଇ ଧର୍‌ମି ଆମର୍ ବାବୁରବୁଆର ନାଆଟା ପ୍ରଭୃତି ଗୀତ ଆଜି ମଧ୍ୟ ଶ୍ରୋତା ମହଲରେ ସତେଜ ହୋଇ ରହିଛି। ସେ ବୁର୍ଲାଠାରେ ଜଳସମ୍ପଦ ବିଭାଗରେ ଚାକିରି ଜୀବନ ଆରମ୍ଭ କରି ୧୯୯୦ରେ ଅବସର ନେଇଥିଲେ। ଡ଼. ସବ୍ୟସାଚୀ ମହାପାତ୍ରଙ୍କ ସମ୍ବଲପୁରୀ ଚଳଚ୍ଚିତ୍ର ଶଳା ବୁଢାରେ ନିଖୁଣ ଅଭିନୟ କରି ଜାତୀୟସ୍ତରରେ ପ୍ରଶଂସିତ ହୋଇଥିଲେ। ପରେ ମହାପାତ୍ରଙ୍କ ଅନ୍ୟ ଦୁଇଟି ସମ୍ବଲପୁରୀ ଚଳଚ୍ଚିତ୍ର ଆଦିମ ବିଚାର ଏବଂ ଶଳାବୁଢାର ବଦଲାରେ ତାଙ୍କ ଅଭିନୟର ଯାଦୁ ଉଚ୍ଚକୋଟୀର ହୋଇଥିଲା। ଶଳାବୁଢା ଓ ଆଦିମ ବିଚାରରେ ଉତ୍ତମ ଅଭିନୟ ପାଇଁ ତାଙ୍କୁ ୨୦୧୩ ଓ ୨୦୧୪ରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆଦିମବିଚାର ୬୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଶ୍ରେଷ୍ଠ ଆଞ୍ଚଳିକ ପୁରସ୍କାର ହାସଲ କରିଥିବା ବେଳେ ଶଳାବୁଢା ରାଜ୍ୟର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲା। ତାଙ୍କ ଦ୍ୱାରା ସମ୍ବଲପୁରୀ ଭାଷାରେ ତିନୋଟି ଉପନ୍ୟାସ ଲେଖାଯାଇଛି। କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୭ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପାଇଥିଲେ। ୟୁଏଇର ଦୁବାଇଠାରେ ପଶ୍ଚିମ ଓଡ଼ିଶା ପରିବାର ସଂଗଠନ ପକ୍ଷରୁ ସେହିବର୍ଷ ତାଙ୍କୁ ସମ୍ମାନିତ କରାଯାଇଥିଲା। ୨୦୦୪ରେ ସମ୍ବଲପୁରର ଯୁବ ଉଦୟନ ଅନୁଷ୍ଠାନ ତରଫରୁ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ତାଙ୍କୁ ସମ୍ମାନଜନକ ଉଦୟନ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପରଲୋକରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଜିଲା ଓକିଲସଂଘ ସଭାପତି ଡ. ପ୍ରମୋଦ ରଥ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ହାଇୱା ଧକ୍କାରେ ୩ ବାଇକ୍ ଆରୋହୀଙ୍କ ଜୀବନ ଗଲା

ବିନିକା, ୫।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବିଶାଳପାଲି-ଗୋଡଭଗା ଜାତୀୟ ରାଜପଥର ଅରିଗାଁ ଗ୍ରାମ ନିକଟରେ ଶନିବାର ଅପରାହ୍ନରେ ହାଇୱା ଧକ୍କାରେ ଯାଇଛି ୩ ବାଇକ ଆରୋହୀଙ୍କ ଜୀବନ। ମୃତକମାନେ ହେଲେ ଜନାର୍ଦ୍ଦନ ବାରିକ(୫୨), ଗୌର ମାଝୀ(୪୨), ଗୋବିନ୍ଦ ବଗର୍ତ୍ତୀ(୪୧)। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳି ନାହିଁ। ଅନ୍ୟ ଜଣେ ପ୍ରଦ୍ୟୁମ୍ନ ମାଝୀଙ୍କୁ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଓ ମୃତକ ବରଗଡ ଜିଲା ଭେଡେନ ଥାନା ବଏପୁର ଗାଁର।

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳକୁ ଦୁଇଟି ବାଇକ୍ ଯୋଗେ ଉପରୋକ୍ତ ବ୍ୟକ୍ତିମାନେ ଏକ ବିବାହ ପ୍ରସ୍ତାବ ନେଇ ଆସିଥିଲେ। କାମ ସାରି ଅପରାହ୍ନ ପ୍ରାୟ ସାଢେ ୪ଟାରେ ୫ଜଣ ବଏପୁର ଫେରୁଥିଲେ। ଅରିଗାଁ ଛକ୍‌ରେ ସେମାନେ ରାସ୍ତା ପାର୍ଶ୍ୱସ୍ଥ ଏକ ନଳକୂଅରୁ ପାଣି ପିଇ ବାଇକ ପାଖକୁ ଆସିଥିଲେ । ଏହି ସମୟରେ ଗୋଡଭଗା ପଟୁ ଅରିଗାଁ ଆଡକୁ ଦ୍ରୁତଗତିରେ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ମାୟାଧର ଓ ଗୌରଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ବିନିକା ଥାନା ଆଇଆଇସି ପବିତ୍ର କୁମାର ସାହୁ ପୋଲିସ ଟିମ୍ ଓ ବିନିକା ଦମକଳ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ତିନିଗୁରୁତରଙ୍କୁ ବିନିକା ମେଡିକାଲକୁ ପଠାଇଥିଲେ। ଅଧବାଟରେ ଗୋବିନ୍ଦ ବଗର୍ତ୍ତୀଙ୍କ ମୃତ୍ୟୁ ଘଟିଥିଲା। ପ୍ରଦ୍ୟୁମ୍ନ ମାଝୀଙ୍କୁ ସୋନପୁର ସ୍ଥାନାନ୍ତର କରାଯାଇଥିବାବେଳେ ପରିଚୟ ମିଳି ନ ଥିବା ବାଇକ ଆରୋହୀଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ହାଇୱା ଡ୍ରାଇଭର ଫେରାର ଅଛନ୍ତି। ଲୋକେ ହେଲ୍‌ପରଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା (ନଂ.ଓଡି୧୫ଡି/୦୮୨୨) ଓ ଦୁଇ ବାଇକ୍‌କୁ ଜବତ କରିଛି ।






ଦୁର୍ଘଟଣାଗ୍ରସ୍ତ ବାଇକ ଓ ଦୁର୍ଘଟଣା ଘଟାଇଥିବା ହାଇୱା ।

# ବାଇକ୍ ଦୁର୍ଘଟଣା: ଦୁଇ ଯୁବକ ମୃତ

ରାଜଗାଙ୍ଗପୁର, ୫।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୧୦ନଂ. ରାଜ୍ୟ ରାଜପଥ ଜାମପାଲିଠାରେ ଶନିବାର ରାତି ସାଢେ ୮ଟାରେ ଦୁର୍ଘଟଣା ଘଟିଛି। ବାଇକ୍‌ରେ ଘରକୁ ଯାଉଥିବା ଦୁଇ ଯୁବକ ଭାରସାମ୍ୟ ହରାଇ ପ୍ରଥମେ ରାସ୍ତା ଡିଭାଇଡ଼ରେ ପିଟି ହୋଇ ପରେ ଏକ ଗାଡ଼ିରେ ମଧ୍ୟ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଯୁବକ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପକେଟରୁ ମିଳିଥିବା ପରିଚୟପତ୍ରରୁ ଯୁବକଙ୍କ ନାମ ମୁକୁନ୍ଦଚନ୍ଦ୍ର କିଷାନ ଓ ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ। ସେମାନଙ୍କ ଘର ବଣାଇ ଥାନା କୁରୁଡ଼ା ଅଞ୍ଚଳରେ ବୋଲି କୁହାଯାଉଛି। ଉଭୟ କୌଣସି କାମରେ ବାଇକ୍ (ନଂ.ଓଡି୧୪କେ/୨୩୭୩)ରେ ଘରକୁ ଫେରୁଥିଲେ। ରାଜପଥର ଭୁଲ ପାର୍ଶ୍ୱରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୫।୬

ଜଣୈକା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବା ଓ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣକ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ପନ୍ଦରାସାହିର ଦୀପକ କୁମାର ବାଡ଼ତ୍ୟା (୩୦)। ଉଭୟ ପୀଡ଼ିତା ଓ ବଳାତ୍କାରୀଙ୍କର ଶନିବାର ଏମ୍‌କେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୧୧୦/୨୧ରେ ପୋଲିସ ଦୀପକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ, ଦୀପକ ବିବାହିତ ଥିବା ସତ୍ତ୍ୱେ ୨୦୧୮ରେ ଗୋଟିଏ ପରିବାର ସହିତ ପରିଚିତ ହୋଇଥିଲେ। ସମ୍ପୃକ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ନାବାଳିକା ଝିଅକୁ ବାହା ହେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏପରିକି ନାବାଳିକାଙ୍କ ଅଶ୍ଳୀଳ ଭିଡିଓ କରି ଦୀପକ ତାଙ୍କୁ ଶୋଷଣ କରି ଚାଲିଥିଲେ। ପରେ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। କିଛିଦିନ ତଳେ ନାବାଳିକାଙ୍କ ବିବାହ ପାଇଁ ଜଣେ ଯୁବକଙ୍କ ସହିତ ନିର୍ବନ୍ଧ ଯୋଜନା ଚାଲିଥିବା ଖବର ପାଇ ଦୀପକ ସେହି ଅଶ୍ଳୀଳ ଭିଡିଓକୁ ତାଙ୍କର ଫେସ୍‌ବୁକରେ ଅପ୍‌ଲୋଡ କରି ଦେଇଥିଲେ। ଯାହାକି ବିଭିନ୍ନ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ପୀଡ଼ିତା ଓ ତାଙ୍କ ପରିବାର ଲୋକେ ବଦନାମ ହୋଇଥିଲେ। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଦୀପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

# ମହେଶ-ମୁକେଶ ମୁହାଁମୁହିଁ

■ସିସିସି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଦାରେ ପଡ଼ିଲା ଶୀତଳଯୁଦ୍ଧ

■ବିରୋଧୀ କଟାକ୍ଷ କରୁଛନ୍ତି, ବିଧାୟକ ବାହାବା ନେବାରେ ବ୍ୟସ୍ତ: ଏମ୍‌ପି

■ଗାଳିକରି ପାଲଲହଡ଼ାବାସୀଙ୍କୁ ଏମ୍‌ପି ଅପମାନିତ କରିଛନ୍ତି: ବିଧାୟକ

ପାଲଲହଡ଼ା, ୫।୬(ଡି.ଏନ୍.ଏ.)




କାର୍ଯ୍ୟକ୍ରମସ୍ଥଳରେ ଏମ୍‌ପି ଏବଂ ବିଧାୟକଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି।

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏବଂ ପାଲଲହଡ଼ା ବିଧାୟକ ମୁକେଶ ପାଲ୍‌ଙ୍କ ମଧ୍ୟରେ କିଛି ଠିକ୍ ଚାଲିନାହିଁ। ଏହାକୁ ନେଇ ଦୀର୍ଘଦିନ ଧରି ଆଲୋଚନା ଜୋର୍ ଧରିଥିବାବେଳେ ଶନିବାର ଦୁଇନେତାଙ୍କ ଶୀତଳଯୁଦ୍ଧ ପଦାରେ ପଡ଼ିଛି। ଏମ୍‌ପିଙ୍କ ଅନୁପସ୍ଥିତିରେ ପାଲଲହଡ଼ା କୋଭିଡ୍ କେୟାର ସେଣ୍ଟର (ସିସିସି)କୁ ବିଧାୟକ ଉଦ୍‌ଘାଟନ କରିବାକୁ କେନ୍ଦ୍ର କରି ମହେଶ ଏବଂ ମୁକେଶ ମୁହାଁମୁହିଁ ହୋଇଛନ୍ତି। ଦୁହେଁ ପରସ୍ପର ବିରୋଧରେ ଗଣମାଧ୍ୟମ ଆଗରେ ଖୋଲାଖୋଲି ମନ୍ତବ୍ୟ ମଧ୍ୟ ଦେଇଛନ୍ତି, ଯାହା ଅନୁଗୋଳ ସମେତ ରାଜ୍ୟ ରାଜନୀତିକୁ ସରଗରମ କରିଛି।

ସୂଚନାଯୋଗ୍ୟ, କରୋନା ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ପାଲଲହଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଏକ ସିସିସି କରାଯାଇଛି। ଜିଲା ଏବଂ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟାରେ ଏହାକୁ ଉଦ୍‌ଘାଟନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିଲାଗି ଏମ୍‌ପି ମହେଶ ସାହୁ ଏବଂ ସ୍ଥାନୀୟ ବିଧାୟକ ମୁକେଶ ପାଲ୍‌ଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲା। ଏ ନେଇ ଉଭୟ ନେତାଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା। ତେବେ ପୂର୍ବାହ୍ନ ସାଢ଼େ ୧୦ଟାରେ ବିଧାୟକ ନିଜର ୬୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଆସି ଫିତାକାଟି ସିସିସିର ଲୋକାର୍ପଣ କରିଦେଇଥିଲେ। ପୂର୍ବାହ୍ନ ୧୧ଟାରେ ଏମ୍‌ପି ସାହୁ ପହଞ୍ଚିବା ବେଳକୁ କାର୍ଯ୍ୟକ୍ରମ ଶେଷ ହୋଇଯାଇଥିଲା। ଏହାକୁ ନେଇ ସେ ଉତ୍କ୍ଷିପ୍ତ ହୋଇଉଠିବା ସହ ଅଶାଳୀନ ଭାଷାରେ ଗାଳି କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବିଧାୟକଙ୍କ ସମର୍ଥକମାନେ ଏମ୍‌ପିଙ୍କ ଏଭଳି ଆଚରଣକୁ ଦୃଢ଼ ବିରୋଧ କରିବା ସହ ପାଲଟା ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣା ପରେ ଏମ୍‌ପି କ୍ଷୋଭରେ ଚାଲିଯାଇଥିଲେ। ସପ୍ତାହାନ୍ତ ଶଟ୍‌ଡାଉନ୍ ବେଳେ ଶାସକ ଦଳର ଦୁଇ ନେତା ସାମାଜିକ ଦୂରତ୍ୱ ଭୁଲି ଶତାଧିକ କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମରେ ଯୋଗଦେବା ଏବଂ ପରସ୍ପରକୁ ଗାଳିଗୁଲଜ କରିବାକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି।

ଘଟଣା ସମ୍ପର୍କରେ ଏମ୍‌ପି କହିଛନ୍ତି, ସେ ବିଧାୟକଙ୍କ ପ୍ରତି କୌଣସି ପ୍ରକାର ଅସଭ୍ୟ ଭାଷା ବ୍ୟବହାର କରିନାହାନ୍ତି। ସେ ଯାହା କହିଛନ୍ତି, ବିରୋଧୀ ଦଳ ଉଦ୍ଦେଶ୍ୟରେ କହିଛନ୍ତି। ପୂର୍ବାହ୍ନ ୧୧ରେ ସିସିସି ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ତେବେ ବିଧାୟକ ସାଢ଼େ ୧୦ଟାରେ ଏହାକୁ ଉଦ୍‌ଘାଟନ କରିଦେଲେ। ଏଥିରେ ତାଙ୍କର କି ଲାଭ ହେଲା ତାହା ବୁଝି ହେଉନାହିଁ। ବିରୋଧୀ ଦଳ ଆମକୁ କଟାକ୍ଷ କରୁଥିବାବେଳେ ବିଧାୟକ ସଚେତନ ନ ହୋଇ ବାହାବା ନେବାରେ ବ୍ୟସ୍ତ ରହୁଛନ୍ତି, ଯାହା ଆଗକୁ ଦଳ ପାଇଁ କ୍ଷତିକାରକ ହେବ ବୋଲି ଏମ୍‌ପି କହିଛନ୍ତି। ସେହିପରି ବିଧାୟକ ପାଲ୍ କହିଛନ୍ତି, ପାଲଲହଡ଼ାରେ ସିସିସି ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ଶନିବାର ଉକ୍ତ ସେଣ୍ଟରକୁ ଉଦ୍‌ଘାଟନ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଦିନ ୧୦.୩୦ରେ ସିସିସି ଉଦ୍‌ଘାଟନ ହେବବୋଲି ଏମ୍‌ପିଙ୍କୁ ଫୋନ ଯୋଗେ ଜଣାଇ ଦିଆଯାଇଥିଲା। ବ୍ୟକ୍ତିଗତ ଭାବେ ଦୁଇଥର ଫୋନ୍ କରିବା ସତ୍ତ୍ୱେ ସେ ଯାଉଛି କହି ବିଳମ୍ବ କରିଥିଲେ। ତେଣୁ ବାଧ୍ୟ ହୋଇ ସେ ସିସିସି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମସ୍ଥଳରେ ଏମ୍‌ପି ଯେଉଁ ଅସଭ୍ୟ ଭାଷା ପ୍ରୟୋଗ କରିଛନ୍ତି, ତାହା ପରୋକ୍ଷରେ ପାଲଲହଡ଼ାବାସୀଙ୍କୁ ଅପମାନ। ଆଗାମୀ ଦିନରେ ଅଞ୍ଚଳବାସୀ ଏହାର ଉଚିତ ଜବାବ ଦେବେ ବୋଲି ବିଧାୟକ କହିଛନ୍ତି।


UTKAL GRAMEEN BANK
( Sponsored by State Bank of India)
HEAD OFFICE, Club Para, Bolangir, PO/Dist- Bolangir, PIN-767001
AUDITED FINANCIAL RESULTS FOR THE YEAR 2020-21
BALANCE SHEET AS ON 31/03/2021

(Rs. In thousand)

| CAPITAL & LIABILITIES | Schedule | As on 31.03.2021 (Current Year) | As on 31.03.2020 (Previous Year) |
|---|---|---|---|
| Capital | 1 | 9703731 | 7022131 |
| Perpetual Bond | 1(A) | 81383 | 81383 |
| Share Capital Deposit | 1(B) | NIL | 2279360 |
| Reserves & Surplus | 2 | NIL | NIL |
| Deposits | 3 | 74872500 | 70470647 |
| Borrowings | 4 | 3530296 | 2705 |
| Other Liabilities & Provisions | 5 | 3684777 | 3371424 |
| TOTAL | | 91872687 | 83227650 |
| ASSETS | | | |
| Cash and Balances with Reserve Bank of India | 6 | 3091187 | 2433284 |
| Balances with Banks and Money at Call and Short Notice | 7 | 6272909 | 9144247 |
| Investments | 8 | 41954003 | 36295684 |
| Loans & Advances | 9 | 24185410 | 23931935 |
| Fixed Assets | 10 | 61017 | 76318 |
| Other Assets | 11 | 16308161 | 11346182 |
| TOTAL | | 91872687 | 83227650 |
| Contingent Liabilities | 12 | 541701 | 509654 |
| Bills for Collection | | NIL | NIL |
| Principal Accounting Policies and Notes on Accounts | 17 & 18 | | |

PROFIT & LOSS ACCOUNT FOR THE YEAR ENDED 31st March, 2021

| | Schedule | As on 31.03.2021 (Current Year) | As on 31.03.2020 (Previous Year) |
|---|---|---|---|
| I. INCOME | | | |
| Interest earned | 13 | 4746110 | 5116834 |
| Other income | 14 | 709910 | 619604 |
| TOTAL | | 5456020 | 5736438 |
| II. EXPENDITURE | | | |
| Interest expended | 15 | 3198963 | 3379159 |
| Operating expenses | 16(A) | 1605867 | 1787324 |
| Provisions & contingencies | 16(B) | 4767469 | 1964881 |
| TOTAL | | 9572299 | 7131364 |
| III. PROFIT & LOSS | | | |
| Profit before tax | | -4116179 | -1394926 |
| Less : Tax Provision | | | |
| Provision for Income Tax For the Financial Year | | NIL | NIL |
| Profit after Tax | | -4116279 | -1394926 |
| Loss brought forward | ( * ) | -9634668 | -8239742 |
| TOTAL | | -13750947 | -9634668 |
| Balance carried over to Balance Sheet | | -13750947 | -9634668 |
| TOTAL | | -13750947 | -9634668 |

(1)Above financial results have been audited by the Statutory Central Auditors M/s Agasti & Associates.,BBSR in line with the guidelines issued by NABARD and signed by the SCA on 17.05.2021 and approved by the Board of Directors of the Bank
(2) The Financial results have been arrived at as per the standard accounting principles and after considering provisions for Non Performing Assets/Standard Assets as per prudential norms issued by NABARD and other required provisions.

Place: Bolangir
Date:- 17/05/2021

( Manmohan Sahoo )
( General Manager I )

( Alekha Chandra Beura )
( Chairman )

## ହରିୟାଣାକୁ ୬ କୋଟି ସ୍ପୁଟନିକ୍ ଭି ଡୋଜ୍ ଦେବ ମାଲ୍ଟା କମ୍ପାନୀ

ମାଲ୍ଟାର ଏକ କମ୍ପାନୀ ହରିୟାଣାକୁ ସ୍ପୁଟନିକ୍ ଭି'ର ୬ କୋଟି ଡୋଜ୍ ଦେବ। ଏକ ବିଦେଶୀ କମ୍ପାନୀ ସିଧାସଳଖ ଭାରତର କୌଣସି ରାଜ୍ୟକୁ ଟିକା ଦେବାରେ ହରିୟାଣା ପ୍ରଥମ ବୋଲି ମନୋହରଲାଲ ଖଟ୍ଟର ସରକାରଙ୍କ ପକ୍ଷରୁ କୁହାଯାଇଛି। ଫାର୍ମା ରେଗୁଲେଟୋରୀ ସର୍ଭିସେସ୍ ଲିମିଟେଡ୍ ପ୍ରତି ଡୋଜ୍‌କୁ ୧୧୨୦ ଟଙ୍କାରେ ଯୋଗାଇବାକୁ ଆଗ୍ରହ ଦେଖାଇଛି, କିନ୍ତୁ ଏଥିପାଇଁ ଏ ପର୍ଯ୍ୟନ୍ତ କୌଣସି ଚୁକ୍ତି ହୋଇ ନ ଥିବା ହରିୟାଣା ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି।



### ସଂକ୍ଷେପରେ

## ଅଭିଷେକ ବାନାର୍ଜୀ ଟିଏମ୍‌ସି ସାଧାରଣ ସମ୍ପାଦକ



**କୋଲକାତା,୫।୬:** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂଗଠନିକ ସ୍ତରରେ ଅଦଳବଦଳ କରାଯାଇଛି। ମମତା ବାନାର୍ଜୀଙ୍କ ପୁତୁରା ତଥା ଲୋକ ସଭା ସଦସ୍ୟ ଅଭିଷେକ ବାନାର୍ଜୀଙ୍କୁ ଦଳର ସାଧାରଣ ସମ୍ପାଦକ କରାଯାଇଛି। ଶନିବାର କୋଲକାତାରେ ଅନୁଷ୍ଠିତ ଟିଏମ୍‌ସି ସାଂଗଠନିକ ବୈଠକରେ ଏହି ଘୋଷଣା ହୋଇଛି। ଭାଜପାକୁ ହରାଇ ଟିଏମ୍‌ସି ତୃତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ଏହା ପ୍ରଥମ ସାଂଗଠନିକ ବୈଠକ। ଏମ୍‌ପି କାକୋଲି ଘୋଷ ଦସ୍ତିଦାରଙ୍କୁ ଦଳର ମହିଳା ଶାଖା ଅଧ୍ୟକ୍ଷା କରାଯାଇଥିବାବେଳେ ଅଭିନେତ୍ରୀ ସାୟୋନି ଘୋଷଙ୍କୁ ଯୁବ ସଂଗଠନର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଅଭିଷେକ ଯୁବ ସଂଗଠନର ଅଧ୍ୟକ୍ଷ ରହିଥିଲେ। ବୈଠକରେ ମନ୍ତ୍ରୀମାନଙ୍କ କାର୍‌ରେ ନାଲିବତି ନିଷିଦ୍ଧ କରିବାକୁ ନିଷ୍ପତ୍ତି ହୋଇଥିଲା।

## ୨ ଭଉଣୀଙ୍କୁ ଆକ୍ରମଣ ପରେ ଗଣବଳାତ୍କାର

**ଜୟପୁର,୫।୬:** ରାଜସ୍ଥାନର ଜୟପୁରରେ ଦୁଇ ଭଉଣୀଙ୍କୁ ନିର୍ଘୃମ୍ ମାଡ଼ ମାରିବା ସହ ସେମାନଙ୍କୁ ଗଣବଳାତ୍କାର ଘଟଣାରେ ରାଜ୍ୟ ପୋଲିସ ଶନିବାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ଜୟପୁରର ଏକ ଆପାର୍ଟମେଣ୍ଟରେ ରହୁଥିବା ୧୯ ଓ ୨୦ ବର୍ଷୀୟା ଦୁଇ ଭଉଣୀଙ୍କୁ ଗତ ୧ ତାରିଖରେ ଦୁଇ ଅଭିଯୁକ୍ତ ଲୁନିଆୱାସର ଏକ ଘରକୁ ନେଇଯାଇଥିଲେ। ସେଠାରେ ସେମାନଙ୍କ ସହ ଆଉ ଦୁଇ ଅଭିଯୁକ୍ତ ମିଶି ଯୁବତୀଦ୍ୱୟଙ୍କୁ ମାଡ଼ ମାରିବା ସହ ଗଣବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ପରିଣତି ଭୟାବହ ହେବ ବୋଲି ଅଭିଯୁକ୍ତ ଅଟଳ ଓ ପଙ୍କଜ ଦୁଇ ଭଉଣୀଙ୍କୁ ଧମକ ଦେଇଥିଲେ। ପୀଡ଼ିତା ଏ ସମ୍ପର୍କରେ ପରିବାରକୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଦିଲ୍ଲୀରେ ରାଶନ ହୋମ୍ ଡେଲିଭରିକୁ ରୋକିଲା କେନ୍ଦ୍ର

**ନୂଆଦିଲ୍ଲୀ,୫।୬:** ଦିଲ୍ଲୀ ସରକାର ଆସନ୍ତା ସପ୍ତାହରୁ ରାଶନ ସାମଗ୍ରୀ ସମସ୍ତଙ୍କ ଘରେ ପହଞ୍ଚାଇବା ପାଇଁ କରିଥିବା ଯୋଜନାକୁ କେନ୍ଦ୍ର ସରକାର ରୋକିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପ୍ରଶାସନ ଶନିବାର ଅଭିଯୋଗ କରିଛି। ଦିନେ ଦୁଇଦିନ ମଧ୍ୟରେ ରାଶନ ହୋମ୍ ଡେଲିଭରି ହୋଇଥାନ୍ତା, ଯେଉଁଥିରେ ୭୨ ଲକ୍ଷ ଗରିବ ହିତାଧିକାରୀ ଉପକୃତ ହୋଇଥନ୍ତେ। କେନ୍ଦ୍ର ସରକାରଙ୍କ ପ୍ରସ୍ତାବ କ୍ରମେ ଦିଲ୍ଲୀ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ଘର ଘର ରାଶନ ଯୋଜନା ନାଁ ହଟାଇଦେବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ଅନୁମୋଦନ କରି ନ ଥିବାରୁ ଏବଂ କୋର୍ଟରେ ଏହା ଉପରେ ମାମଲା ଥିବାରୁ ରାଶନ ହୋମ୍ ଡେଲିଭରି ପ୍ରସ୍ତାବକୁ ଉପରାଜ୍ୟପାଳ ଖାରଜ କରିଦେଇଛନ୍ତି। ବର୍ତ୍ତମାନର ଆଇନ ଅନୁଯାୟୀ ଏଭଳି ଯୋଜନା କାର୍ଯ୍ୟକାରୀ କରିବା ଲାଗି ଅନୁମୋଦନର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

## ବଳାତ୍କାର ମାମଲାରେ ଅଭିନେତା ପର୍ଲ ପୁରୀ ଗିରଫ



**ମୁମ୍ବାଇ, ୫।୬:** ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ମୁମ୍ବାଇ ପୋଲିସ ଟେଲିଭିଜନ କଳାକାର ପର୍ଲ ପୁରୀ(୩୧)ଙ୍କୁ ଶନିବାର ଗିରଫ କରିଛି। ନାବାଳିକାଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଲୋକପ୍ରିୟ ସିରିଏଲ 'ନାଗିନ୍ ୩'ରେ ସେ ପ୍ରମୁଖ ଭୂମିକାରେ ରହିଛନ୍ତି। ଏଥିସହ 'ଫିର୍ ଭି ନା ମାନେ ବଦମିଜ୍ ଦିଲ୍' ଏବଂ 'ବେପନାହ ପ୍ୟାର' ପାଇଁ ମଧ୍ୟ ପର୍ଲ ପୁରୀ ଜଣାଶୁଣା। ତାଙ୍କ ଗିରଫଦାରୀ ପରେ ପ୍ରଯୋଜକ ଏକତା କପୁରଙ୍କ ସମେତ ଅନ୍ୟ ଅଭିନେତ୍ରୀ ଅଭିନେତା ପର୍ଲଙ୍କ ସପକ୍ଷରେ ବାହାରିଛନ୍ତି।

## ଟିକା ନେଇଥିବା ସେକ୍ସପିୟରଙ୍କ ମୃତ୍ୟୁ



କୋଭିଡ୍ ଟିକା ନେଇଥିବା ପ୍ରଥମ ପୁରୁଷ ତଥା ବିଶ୍ୱର ଦ୍ୱିତୀୟ ବ୍ୟକ୍ତି ବ୍ରିଟେନ ବାସିନ୍ଦା ବିଲ୍ ସେକ୍ସପିୟର(୮୧)ଙ୍କ ମୃତ୍ୟୁ ଘଟିଛି। ଗତ ବର୍ଷ ଡିସେମ୍ବର ୮ରେ ସେକ୍ସପିୟରଙ୍କୁ ଫାଇଜରର ପ୍ରଥମ ଡୋଜ୍ ଦିଆଯାଇଥିଲା। ତାଙ୍କ ପୂର୍ବରୁ ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ୯୧ ବର୍ଷୀୟା ମହିଳା ମାର୍ଗେଟ ସେହି ହସ୍ପିଟାଲରେ ଟିକା ନେଇଥିଲେ। ମେ' ୨୦ରେ ସେକ୍ସପିୟରଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବନ୍ଧୁ ଜୈନ ଇନେସ୍ କହିଛନ୍ତି। ସେକ୍ସପିୟରଙ୍କ କୋଭିଡ୍‌ରେ ମୃତ୍ୟୁ ଘଟି ନ ଥିବା ପରିବାର ପକ୍ଷରୁ କୁହାଯାଇଛି। ସେକ୍ସପିୟର କମ୍ପାନୀ ରୋଲ୍ସ ରୋଏସରେ କାମ କରିଥିଲେ। ସେ ପେରିସ୍ କାଉନସିଲର ରହିବା ସହ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏଲେସ୍‌ଲିରେ ତାଙ୍କ ସମ୍ପ୍ରଦାୟର ସେବା କରିଥିଲେ।

## ଭାରତର ପ୍ରତିନିଧିତ୍ୱ କରିବେ କିନ୍ନର ଶ୍ରୁତି



ଏକାଧିକ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କେରଳର ଟ୍ରାନ୍ସଜେଣ୍ଡର ମଡେଲ ଶ୍ରୁତି ସିତାରା ଆଉ ଏକ ସଫଳତା ହାସଲ କରିଛନ୍ତି। ଲଣ୍ଡନରେ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମିସ୍ ଟ୍ରାନ୍ସ ଗ୍ଲୋବାଲ ସୁନ୍ଦରୀ ପ୍ରତିଯୋଗିତାରେ ସେ ଭାରତର ପ୍ରତିନିଧିତ୍ୱ କରିବେ। ଏଥିପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କରୋନା ଯୋଗୁ ଏହି ସମାରୋହ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହେବ। 'ମିସ୍ ଟ୍ରାନ୍ସ ଗ୍ଲୋବାଲ ଇଣ୍ଡିଆ' ଟାଇଟଲ ଜିତିବା ଗର୍ବର ବିଷୟ। କିନ୍ତୁ ଭର୍ଚୁଆଲ କାର୍ଯ୍ୟକ୍ରମ ହେଉଥିବା ଯୋଗୁ ଅନ୍ୟ ପ୍ରତିଯୋଗୀଙ୍କୁ ସାକ୍ଷାତ କରି ନ ପାରିବା ଦୁଃଖର କଥା ବୋଲି ସେ କହିଛନ୍ତି।

# ୩ ଦେଶରେ ଟିକାକରଣର ୬୦%



- ଆବଣ୍ଟନ ହୋଇଛି ୨୦୦ କୋଟି ଡୋଜ୍
- ୧୦ ଦେଶକୁ ଯାଇଛି ୭୫% ଟିକା

**ଜାତିସଂଘ,୫।୬(ପି.ଟି.)**

ସାରା ବିଶ୍ୱରେ ଏପର୍ଯ୍ୟନ୍ତ କୋଭିଡ୍-୧୯ ଟିକାର ୨୦୦ କୋଟି ଡୋଜ୍ ଆବଣ୍ଟନ ହୋଇଛି। ଏହାର ୬୦ ପ୍ରତିଶତ ଭାରତ, ଆମେରିକା ଓ ଚାଇନାରେ ଦିଆଯାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି। ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍‌ଙ୍କ ବରିଷ୍ଠ ଉପଦେଷ୍ଟା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଟିକାର ୨୦୦ କୋଟି ଡୋଜ୍ ୨୧୨ରୁ ଊର୍ଦ୍ଧ୍ୱ ଦେଶକୁ ଆବଣ୍ଟନ ହୋଇଛି। ସେଥିରୁ ୭୫ ପ୍ରତିଶତ ମାତ୍ର ୧୦ଟି ଦେଶକୁ ଯାଇଛି। ୧୨୭ ଦେଶକୁ କୋଭିଡ୍ ଟିକା ଯୋଗାଇବାରେ କୋଭାକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଭାକ୍ସିନ ଅଭାବରେ କେତେକ ଦେଶରେ ଏପର୍ଯ୍ୟନ୍ତ ଟିକାକରଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଭାରତ, ଆମେରିକା ଓ ଚାଇନାରେ ୬୦ ପ୍ରତିଶତ ଟିକା ଉପଯୋଗ ହୋଇଛି, ଯାହା ସେଠାର ସ୍ଥାନୀୟ ଉତ୍ପାଦନ। ଗରିବ ଦେଶଗୁଡ଼ିକୁ ମାତ୍ର ୦.୫ ପ୍ରତିଶତ ଟିକା ଯାଇଛି, ଯେଉଁଠି ବିଶ୍ୱ ଜନସଂଖ୍ୟାର ୧୦ ପ୍ରତିଶତ ରହୁଛନ୍ତି। ନିମ୍ନ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଟିକାକରଣ ଆଗେଇ ଚାଲିଛି। ଉଚ୍ଚ ଆୟକାରୀ ଦେଶରେ ସଂକ୍ରମଣର ଅଧିକ ବିପଦ ଥିବା ଜନସଂଖ୍ୟା ଏବଂ ଯୁବବର୍ଗଙ୍କ ଟିକାକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏବେ ବି ନିମ୍ନ ଆୟକାରୀ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ବରିଷ୍ଠ ନାଗରିକଙ୍କୁ ଟିକା ଯୋଗାଇବା ପାଇଁ ଉତ୍ପାଦନ ଯଥେଷ୍ଟ ହେଉନାହିଁ। କୋଭାକ୍ସ ଜରିଆରେ ୮୦ ନିୟୁତ ଡୋଜ୍ ବଣ୍ଟନ କରାଯାଇଛି। ଭାରତ ଓ ଅନ୍ୟ କେତେକ ଦେଶରେ ସମସ୍ୟା ଯୋଗୁ ଟିକା ଯୋଗାଣ ବାଧାପ୍ରାପ୍ତ ହୋଇଥିବା ଡବ୍ଲ୍ୟୁଏଚ୍ଓ ଉପଦେଷ୍ଟା କହିଛନ୍ତି।

## ପୁଣି ଟିକା ନିଅନ୍ତୁ ଭାରତୀୟ ଛାତ୍ର

### ଆମେରିକା ବିଶ୍ୱବିଦ୍ୟାଳୟର ପରାମର୍ଶ

**ନୂଆଦିଲ୍ଲୀ,୫।୬**

ଯେଉଁ ଭାରତୀୟ ଛାତ୍ରୀଛାତ୍ର କୋଭାକ୍ସିନ କିମ୍ବା ସ୍ପୁଟ୍‌ନିକ-ଭି ଟିକା ନେଇଛନ୍ତି, ସେମାନଙ୍କୁ ପୁଣିଥରେ ଡବ୍ଲ୍ୟୁଏଚ୍ଓ ଅନୁମୋଦିତ କୋଭିଡ୍ ଟିକା ନେବାକୁ ଆମେରିକାର ବିଶ୍ୱବିଦ୍ୟାଳୟଗୁଡ଼ିକ ପରାମର୍ଶ ଦେଇଛନ୍ତି। ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଏବଂ ରୁଷିଆ ପ୍ରସ୍ତୁତ ସ୍ପୁଟ୍‌ନିକ-ଭି ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମୋଦନ କରିନାହିଁ। ଉଭୟ ଭାକ୍ସିନ କେତେ ସୁରକ୍ଷିତ ଓ ଫଳପ୍ରଦ ତାହାର ତଥ୍ୟ ନ ଥିବାରୁ ଆମେରିକା ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ଟିକାକୁ ଭରସା କରୁନାହାନ୍ତି। ତେଣୁ ଅଟମ୍ ସେମିଷ୍ଟର ପୂର୍ବରୁ ଭାରତୀୟ ଛାତ୍ରୀଛାତ୍ର ପୁଣିଥରେ ଟିକା ନେବାକୁ ପରାମର୍ଶ ଦିଆଯାଇଛି। ତେବେ ଦୁଇପ୍ରକାର ଟିକାର ନିରାପତ୍ତାକୁ ନେଇ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କଲମ୍ବିଆ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ ପବ୍ଲିକ୍ ଆଫେୟାର୍ସରେ ଯୋଗଦେବାକୁ ଚାହୁଁଥିବା ମିଲୋନି ଦୋସୀ (୨୫) ଭାରତରେ କୋଭାକ୍ସିନର ୨ଟି ଡୋଜ୍ ନେଇଛନ୍ତି। କ୍ୟାମ୍ପସ୍‌ରେ ପ୍ରବେଶ ପୂର୍ବରୁ ତାଙ୍କୁ ଭିନ୍ନ ଟିକା ନେବା ପାଇଁ ବିଶ୍ୱବିଦ୍ୟାଳୟ କହିଛି। ଦୁଇ ପ୍ରକାର ଟିକା ନେବାକୁ ନେଇ ମିଲୋନି ଚିନ୍ତାରେ ପଡ଼ିଯାଇଛନ୍ତି। କୋଭିଡ୍ ଟିକା ବଦଳ ହେଉ ନ ଥିବାରୁ ଭିନ୍ନ ଟିକା ନେବା କେତେ ସୁରକ୍ଷିତ ଓ ଫଳପ୍ରଦ ତାହା ଉପରେ ଅନୁଧ୍ୟାନ ହୋଇ ନ ଥିବା ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ୍ (ସିଡିସି) ମୁଖପାତ୍ର କ୍ରିଷ୍ଟେନ୍ ନର୍ଡଲୁଣ୍ଡ କହିଛନ୍ତି। ଯେଉଁମାନେ ଡବ୍ଲ୍ୟୁଏଚ୍ଓ ଅନୁମୋଦନ ହୋଇ ନ ଥିବା ଟିକା ନେଇଛନ୍ତି, ସେମାନେ ଆମେରିକାରେ ପୁଣି ଥରେ ଟିକା ନେବା ପୂର୍ବରୁ ୨୮ ଦିନ ଅପେକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ସବୁଠୁ ଶସ୍ତା ହେବ କର୍ବେଭାକ୍ସ

**ହାଇଦ୍ରାବାଦ,୫।୬**

ହାଇଦ୍ରାବାଦର ବାୟୋଲୋଜିକାଲ-ଇ ପ୍ରସ୍ତୁତ କରୁଥିବା କୋଭିଡ୍ ଟିକା କର୍ବେଭାକ୍ସ ମଞ୍ଜୁରୀ ପାଇବା ପରେ ଭାରତୀୟ ବଜାରରେ ଏହା ସବୁଠୁ ଶସ୍ତା ଟିକା ହେବ। ଏହି ଟିକାର ଦୁଇଟି ଡୋଜ୍ ଦାମ୍ ୫୦୦ ଟଙ୍କା ରହିବ ବୋଲି ଜଣାପଡ଼ିଛି। ଏପରିକି ଉଭୟ ଡୋଜ୍ ୪୦୦ ଟଙ୍କାରୁ କମ୍ ମୂଲ୍ୟରେ ମଧ୍ୟ ମିଳିପାରେ ବୋଲି କୁହାଯାଉଛି। ବାୟୋଲୋଜିକାଲ-ଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମହିମା ଡାଟ୍‌ଲା ଏହି ସୂଚନା ଦେଇଛନ୍ତି।

ଭାରତରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କୋଭିଶିଲ୍ଡ ଟିକା ଡୋଜ୍ ପ୍ରତି ଦାମ୍ ରାଜ୍ୟ ସରକାରଙ୍କ ପାଇଁ ୩୦୦ ଟଙ୍କା ହୋଇଥିବାବେଳେ ଘରୋଇ ହସ୍ପିଟାଲ ପାଇଁ ୬୦୦ ଟଙ୍କା ରଖାଯାଇଛି। ସେହିପରି ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଦାମ୍ ରାଜ୍ୟ ସରକାରଙ୍କ ପାଇଁ ୪୦୦ ଏବଂ ଘରୋଇ ହସ୍ପିଟାଲ ପାଇଁ ୧୨୦୦ ଟଙ୍କା ଧାର୍ଯ୍ୟ ହୋଇଛି। ରୁଷିଆ ପ୍ରସ୍ତୁତ ସ୍ପୁଟ୍‌ନିକ-ଭି ଟିକା ଦାମ୍ ଡୋଜ୍ ପ୍ରତି ୯୯୫ ଟଙ୍କା ରଖାଯାଇଛି। ଏହି ଦୃଷ୍ଟିରୁ ଦେଖିଲେ ବାୟୋଲୋଜିକାଲ-ଇ ପ୍ରସ୍ତୁତ ଟିକା ସବୁଠୁ ଶସ୍ତା ହେବାକୁ ଯାଉଛି। ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଥିବାବେଳେ ୩୦ କୋଟି ଭାକ୍ସିନ କିଣିବା ପାଇଁ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି।

## ୨ ମାସରେ ସର୍ବନିମ୍ନ ସଂକ୍ରମଣ


**ନୂଆଦିଲ୍ଲୀ,୫।୬(ପି.ଟି.)**

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୧,୨୦,୫୨୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ପ୍ରାୟ ଦୁଇ ମାସ ମଧ୍ୟରେ ଏହା ସର୍ବନିମ୍ନ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୮୬,୯୪,୮୭୯ରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ ୩,୩୮୦ ଜଣଙ୍କ ମୃତ୍ୟୁ ଘଟିବା ଫଳରେ କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୩,୪୪,୦୮୨ ହୋଇଛି। କ୍ରମାଗତ ୫ ଦିନ ହେଲା ସକ୍ରିୟ ମାମଲା ସଂଖ୍ୟା ୨୦ ଲକ୍ଷ ତଳେ ରହିଛି। ଶୁକ୍ରବାର ୨୦,୮୪,୪୨୧ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ। ପଜିଟିଭିଟି ହାର୍ ୫.୭୮ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ୧୨ ଦିନ ହେଲା ସଂକ୍ରମଣ ହାର ୧୦ ପ୍ରତିଶତ ତଳେ ରହିଛି।

## ଗୁଜରାଟରେ କରୋନାର ନୂଆ ଷ୍ଟ୍ରେନ୍ ଏନ୍୪୪୦କେ

**ଅହମ୍ମଦାବାଦ, ୫।୬**

ଘାତକ ଡେଲ୍‌ଟା ଷ୍ଟ୍ରେନ୍ ପରେ ଗୁଜରାଟରେ କରୋନା ଭୂତାଣୁର ଆଉ ଏକ ସଂକ୍ରାମକ ଷ୍ଟ୍ରେନ୍ ଦେଖାଯାଇଛି। ଏନ୍୪୪୦କେ ନାମିତ ହୋଇଥିବା ଏହି ଷ୍ଟ୍ରେନ୍‌ରେ ଗତ ଜାନୁୟାରୀରୁ ଏପ୍ରିଲ ୨୪ ମଧ୍ୟରେ ଗୁଜରାଟରେ ୯ ଜଣ ସଂକ୍ରମିତ ହୋଇଛନ୍ତି। ଏ ବାବଦରେ ଗାଜିଆବାଦସ୍ଥିତ ଏକାଡେମୀ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇନୋଭେଟିଭ ରିସର୍ଚ୍ଚ (ଏସିଏସ୍ଆଇଆର୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ପୂର୍ବରୁ ଥିବା ଏ୨ ଷ୍ଟ୍ରେନ୍‌ଠାରୁ ଏନ୍୪୪୦କେ ୧୦ ଗୁଣା ଅଧିକ ସଂକ୍ରାମକ ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ବ୍ରିଟେନ୍ ଷ୍ଟ୍ରେନ୍ କିମ୍ବା ଡେଲ୍‌ଟା ଷ୍ଟ୍ରେନ ସହ ଗବେଷକମାନେ ଏହା ତୁଳନା କରି ନ ଥିବା କହିଛନ୍ତି। ଏନ୍୪୪୦କେ ଷ୍ଟ୍ରେନ୍‌ରେ ମହାରାଷ୍ଟ୍ରର ୯୧ ଜଣ, ତେଲଙ୍ଗାନାରେ ୮୧, କର୍ଣ୍ଣାଟକରେ ୫୪ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।



ବିଶ୍ୱ ପରିବେଶ ଦିବସରେ ପ୍ରଦୂଷିତ ଯମୁନା ନଦୀରେ ବିଷାକ୍ତ ଫେଣ ଭାସୁଛି।

## ପାଣି ପାଇଁ ଦିବ୍ୟାଙ୍ଗଙ୍କୁ ହତ୍ୟା

**ପାଟନା, ୫।୬**

ଏକ ଗ୍ଲାସ୍ ପାଣିକୁ କେନ୍ଦ୍ର କରି ବିହାର ବେଗୁସରାଇ ଜିଲାରେ ଜଣେ ଦିବ୍ୟାଙ୍ଗଙ୍କୁ ଶୁକ୍ରବାର ହତ୍ୟା କରାଯାଇଛି। ମୃତକ ହେଲେ ବଦେପୁରା ଗ୍ରାମର ୫୦ ବର୍ଷୀୟ ଛୋଟେ ଲାଲ ସାହାଣୀ। ଛୋଟେ ଲାଲ ଗାଁର ଏକ ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ଘରକୁ ଫେରୁଥିବାବେଳେ ଶୋଷ ହେବାରୁ ସେ ଦିନେଶ ସାହାଣୀଙ୍କ ବୋତଲରୁ ଗ୍ଲାସ୍‌ର ପାଣି ବାହାର କରି ନେଇଥିଲେ। ଏହାକୁ କେନ୍ଦ୍ର କରି ଦିନେଶ ଓ ତାଙ୍କ ପୁଅ ଦୀପକ ସାହାଣୀ ଛୋଟେ ଲାଲଙ୍କୁ ନିଷ୍ଠୁର ଭାବେ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ଛୋଟେ ଲାଲଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସୋମବାରରୁ ଚାଲିବ ଦିଲ୍ଲୀ ମେଟ୍ରୋ

### ଯୁଗ୍ମ-ଅଯୁଗ୍ମ ଆଧାରରେ ଖୋଲିବ ବଜାର

**ନୂଆଦିଲ୍ଲୀ,୫।୬(ପି.ଟି.)**

ଦିଲ୍ଲୀରେ କରୋନା ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଛି। ଫଳରେ ସରକାର ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସୋମବାରଠାରୁ ୫୦ ପ୍ରତିଶତ ଯାତ୍ରୀରେ ଦିଲ୍ଲୀ ମେଟ୍ରୋ ଚାଲିବା ସହ ବଜାର ଓ ମଲ୍‌ଗୁଡ଼ିକ ଯୁଗ୍ମ-ଅଯୁଗ୍ମ ଆଧାରରେ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। କରୋନା ଭୂତାଣୁ ଭାରିଆଣ୍ଟ ଚିହ୍ନଟ ଲାଗି ଏଲ୍ଏନ୍‌ଜେପି ହସ୍ପିଟାଲ ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲିଭର ଆଣ୍ଡ ବିଲିଆରି ସାଇନ୍ସେସ୍‌ରେ ଦୁଇଟି ଜିନୋମ୍ ସିକ୍ୱେନ୍ସିଂ ଲାବରେଟୋରି ସ୍ଥାପନ କରାଯିବ। ସୋମବାର ସକାଳ ୫ଟାରେ ଦିଲ୍ଲୀରେ ଲକ୍‌ଡାଉନ୍ ଶେଷ ହେଉଥିବାବେଳେ ଏହାକୁ ପୁଣି ବଢ଼ାଇ ଦିଆଯାଇଛି। ତେବେ ଅନେକ କଟକଣାକୁ କୋହଳ କରାଯାଇଥିବା କେଜ୍‌ରିୱାଲ କହିଛନ୍ତି। ସରକାରୀ ଓ ଘରୋଇ କାର୍ଯ୍ୟାଳୟଗୁଡ଼ିକ ୫୦ ପ୍ରତିଶତ କର୍ମଚାରୀରେ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଯୁଗ୍ମ-ଅଯୁଗ୍ମ ଆଧାରରେ ମାର୍କେଟ ଓ ମଲ୍ ସକାଳ ୧୦ରୁ ରାତି ୮ ପର୍ଯ୍ୟନ୍ତ ଖୋଲିବ। ଦିଲ୍ଲୀ ସରକାର ଏବେ କୋଭିଡ୍-୧୯ର ତୃତୀୟ ଲହର ପାଇଁ ପ୍ରସ୍ତୁତ ହେଉଛନ୍ତି।

## ସମ୍ପୂର୍ଣ୍ଣ କ୍ରାନ୍ତି ଦିବସ ପାଳିଲେ ଚାଷୀ

**ନୂଆଦିଲ୍ଲୀ,୫।୬**

କେନ୍ଦ୍ରର କୃଷି ଆଇନ ବିରୋଧରେ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀ ଶନିବାର ଦେଶବ୍ୟାପୀ ସମ୍ପୂର୍ଣ୍ଣ କ୍ରାନ୍ତି ଦିବସ ପାଳନ କରିଛନ୍ତି। ସେମାନେ ଭାଜପା ଏମ୍‌ପି ଏବଂ ବିଧାୟକମାନଙ୍କ ଘର ଆଗରେ କୃଷି ଆଇନର ନକଲ ପୋଡ଼ିଥିଲେ। ୨୦୨୦ ଜୁନ୍ ୫ରେ ସରକାର ଅଧ୍ୟାଦେଶ ବଳରେ ନୂଆ କୃଷି ଆଇନ କାର୍ଯ୍ୟକାରୀ କରିଥିଲେ। ସେଥିପାଇଁ ଆଜିର ଦିନରେ ଚାଷୀମାନେ ଭାଜପା ବିରୋଧୀ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଆହ୍ୱାନରେ ପଞ୍ଜାବ, ହରିୟାଣା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ଛତିଶଗଡ଼, ବିହାର, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ଚାଷୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ହରିୟାଣା ବିଧାନସଭା ବାଚସ୍ପତି ଗିଆନ୍ ଚାନ୍ଦ ଗୁପ୍ତାଙ୍କ ଘର ଆଡ଼କୁ ଶୋଭାଯାତ୍ରାରେ ଯାଉଥିବା ଚାଷୀଙ୍କୁ ପୋଲିସ ଅଟକାଇବାରୁ ସେମାନେ କାଲ୍‌କା-ଜିରାକପୁର ରାସ୍ତା ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଲାଠିଚାଳନା କରିଥିଲା। ହରିୟାଣାର ଫତେହାବାଦ ଅନ୍ତର୍ଗତ ତୋହାନାଠାରେ ରାକେଶ ଟିକାୟତ, ଗୁର୍‌ନାମ ସିଂ ଚଢୁନି ଏବଂ ଯୋଗେଶ ଯାଦବଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ଚାଷୀ ଏକତ୍ର ହୋଇଥିଲେ।

## ବୁର୍କିନା ଫାସୋରେ ଆକ୍ରମଣ: ଶତାଧିକ ମୃତ

**ନିଆମି(ନାଇଜର),୫।୬**



ବୁର୍କିନା ଫାସୋର ଏକ ଗ୍ରାମରେ କେତେଜଣ ବନ୍ଧୁକଧାରୀଙ୍କ ଆକ୍ରମଣରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଗତ କିଛି ବର୍ଷ ମଧ୍ୟରେ ଏହା ସବୁଠୁ ଭୟାବହ ଆକ୍ରମଣ ବୋଲି କୁହାଯାଉଛି। ସାହେଲ ଯାଗା ପ୍ରଦେଶର ସୋଲ୍‌ହାନ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏହି ଆକ୍ରମଣ ହୋଇଥିଲା। ଏଥିପାଇଁ ଜିହାଦୀମାନଙ୍କୁ ଦାୟୀ କରାଯାଉଛି। ନାଇଜର ସୀମାରେ ହୋଇଥିବା ଏହି ଆକ୍ରମଣରେ ଅନେକ ଘର ଓ ସ୍ଥାନୀୟ ବଜାର ଜଳିଯାଇଛି। ଏଭଳି ଆକ୍ରମଣକୁ ବର୍ବରତା ବୋଲି କହିଛନ୍ତି ବୁର୍କିନା ଫାସୋ ରାଷ୍ଟ୍ରପତି ରୋଚ୍ ମାର୍କ କ୍ରିଷ୍ଟିଆନ୍ କାବୋରେ। ଅଲ୍-କାଏଦା ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ସଂଗଠନ ସହ ସମ୍ପୃକ୍ତ ଥିବା ଜିହାଦୀମାନେ ଉକ୍ତ ଦେଶକୁ ଗତ ୫ ବର୍ଷ ହେଲା ସେମାନଙ୍କ ନିୟନ୍ତ୍ରଣରେ ରଖିଛନ୍ତି। ଆତଙ୍କବାଦୀ ସଂଗଠନଗୁଡ଼ିକ ବୁର୍କିନା ଫାସୋରେ ଅଧିକ ଆକ୍ରମଣାତ୍ମକ ହୋଇଛନ୍ତି। ସାହେଲରେ ୫,୦୦୦ରୁ ଊର୍ଦ୍ଧ୍ୱ ଫ୍ରାନ୍ସ ସୈନ୍ୟଙ୍କ ଉପସ୍ଥିତି ସତ୍ତ୍ୱେ ଜିହାଦୀମାନଙ୍କ ହିଂସା ବଢ଼ିଚାଲିଛି। ଗତ ଏପ୍ରିଲରେ ଦୁଇଜଣ ସ୍ପେନ୍ ଖବରଦାତା ଏବଂ ଜଣେ ଆୟର୍ଲାଣ୍ଡର ସଂରକ୍ଷଣବାଦୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରାଯାଇଥିଲା। ଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଅନେକ ଲୋକ ଭୟଭୀତ ହୋଇ ଅନ୍ୟ ପ୍ରଦେଶକୁ ପଳାଇଯାଉଛନ୍ତି। ସରକାର ୭୨ ଘଣ୍ଟା ଶୋକ ପାଳନ ଲାଗି ଘୋଷଣା କରିଛନ୍ତି।

## ସୁନ୍ଦରଗଡ଼ ଜିଲାରେ ଗଡ଼ିଲା କରୋନା ସଚେତନତା ରଥ

ସୁନ୍ଦରଗଡ଼,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲାରେ ତୃଣମୂଳ ସ୍ତରର ଲୋକଙ୍କୁ କୋଭିଡ ମହାମାରୀ ସମ୍ପର୍କରେ ସଚେତନ କରିବା ଲାଗି ଏକ ସଚେତନତା ରଥ ଗଡ଼ିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଏହି ରଥକୁ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ଶୁଭାରମ୍ଭ କରିଛନ୍ତି। ଏହି ରଥ ସାରା ଜିଲା ବୁଲି ଲୋକଙ୍କୁ ଅଡିଓ ଭିଜୁଆଲ ମାଧ୍ୟମରେ ସଚେତନତାର ବାର୍ତ୍ତା ବାଣ୍ଟିବ। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ୟୁନିସେଫ ମିଳିତ ସହଯୋଗରେ ଏଭଳି ପଦକ୍ଷେପ ନିଆଯାଇଛି।

**ସଂକ୍ଷେପରେ**

## ଦେବଗଡ଼ ଜିଲାରେ କାର୍ଯ୍ୟକ୍ଷମ ହେଲା ଭେଣ୍ଟିଲେଟର

**ଦେବଗଡ଼, ୫।୬(ଡି.ଏନ.ଏ):** ଦେବଗଡ଼ ଜିଲାବାସୀ ତଥା ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କର ବାରମ୍ବାର ଦାବି ପରେ କରୋନା ମୁକାବିଲା ନିମନ୍ତେ ସରକାର ଦେବଗଡ଼ ଜିଲାକୁ ଯୋଗାଇ ଦେଇଥିବା ୬ଟି ଭେଣ୍ଟିଲେଟର ଖଞ୍ଜା ଯିବା ପରେ ଶନିବାର କାର୍ଯ୍ୟକ୍ଷମ ହୋଇଛି। ଉପରୋକ୍ତ ଭେଣ୍ଟିଲେଟର ଗୁଡିକୁ ସରକାରୀ ପଲିଟେକ୍ନିକରେ ସ୍ଥାପିତ କୋଭିଡ୍ କେୟାର ସେଣ୍ଟରରେ ଖଞ୍ଜାଯାଇଥିବା ଏବଂ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଥିବା ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଜିଲା ପ୍ରଶାସନର ଟ୍ୱିଟର ଏକାଉଣ୍ଟ ଜରିଆରେ ଟ୍ୱିଟ କରି ବିଧିବଦ୍ଧ ଭାବେ ସୂଚନା ଦେଇଛନ୍ତି। ଭେଣ୍ଟିଲେଟରଗୁଡିକ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲାବାସୀଙ୍କର ଦୀର୍ଘ ଦିନର ପ୍ରତିକ୍ଷାର ଅନ୍ତ ଘଟିବା ସହ ଏହାଦ୍ୱାରା ବହୁ ଜୀବନ ରକ୍ଷା କରାଯାଇପାରିବ ବୋଲି ଅଶା କରାଯାଉଛି। ସୂଚନା ଯୋଗ୍ୟଯେ, କରୋନା ମୃତ୍ୟୁହାରକୁ ଦୃଷ୍ଟିରେ ରଖି ଜିଲାକୁ ଭେଣ୍ଟିଲେଟର ଯୋଗାଇ ଦେବା ପାଇଁ ଜିଲାର ଯୁବ ଗୋଷ୍ଠୀ ସାମାଜିକ ଗଣମାଧମ ଜରିଆରେ ସରକାରଙ୍କ ନିକଟରେ ଜୋରଦାର ଦାବି ଉପସ୍ଥାପନ କରିଥିଲେ। ଅନୁରୂପ ଭାବେ ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ବିଜୁ ଜନତା ଦଳ ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଓ ରାଜ୍ୟ ଯୁବ ବିଜେଡିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତି ବିଭାଗୀୟ ମନ୍ତ୍ରୀ, ନିର୍ଦ୍ଦେଶକ ଓ ସଚିବଙ୍କ ସମେତ ଦେବଗଡ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ଚିଠି ଲେଖି ଭେଣ୍ଟିଲେଟର ଯୋଗାଇ ଦେବାକୁ ଦାବି ଜଣାଇଥିଲେ।

## ରାସ୍ତାରେ ପଡ଼ିଥିବା ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ ଏସ୍ଆଇ

**ଦେବଗଡ଼,୫।୬ (ଡି.ଏନ.ଏ.):** ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ନୀଳବେଣ୍ଢ଼ି ସାହି ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥ ବାଇପାସ ରାସ୍ତାରେ ଶନିବାର ସନ୍ଧ୍ୟାରେ ରାସ୍ତା ଦୁର୍ଘଟଣାରେ ଗୁରୁତର ହୋଇ ପଡ଼ିଥିବା ଜଣେ ଅଚିହ୍ନା ଯୁବକଙ୍କୁ ଦେବଗଡ଼ ଥାନାରେ କାର୍ଯ୍ୟରତ ଜଣେ ଯୁବ ଏସଆଇ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ପ୍ରାୟ ୭ଟାରେ ନୀଳବେଣ୍ଢ଼ି ସାହି ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ନିଜ ବାଇକରୁ ପଡି ଜଣେ ଯୁବକ ରକ୍ତ ଜୁଡୁବୁଡୁ ହୋଇ ପଡି ରହିଥିଲେ। ଦୀର୍ଘ ସମୟ ଧରି ଗୁରୁତର ଯୁବକ ରାସ୍ତାରେ ପଡି ରହିଥିଲେ ମଧ୍ୟ ସେଠାରେ ଉପସ୍ଥିତ କେତେକ ଲୋକ ମୋବାଇଲ ଫୋନରେ ଫଟୋ ଉଠାଇବାରେ ବ୍ୟସ୍ତଥିଲେ ମଧ୍ୟ ଗୁରୁତର ଯୁବକଙ୍କୁ ଡାକ୍ତରଖାନା ନେବାକୁ ଛୁଇଁ ନ ଥିଲେ। ତେବେ ସେହି ସମୟରେ ଦେବଗଡ଼ ଥାନାରେ କାର୍ଯ୍ୟରତ ଏସଆଇ ବୁଦ୍ଧରାୟ ମାଝି ସାଦା ପୋଷାକରେ କୌଣସି କାମ ସାରି ଉକ୍ତ ରାସ୍ତା ଦେଇ ଫେରୁଥିବାବେଳେ ଦୁର୍ଘଟଣା ସ୍ଥଳରେ ଗହଳି ଦେଖି ଅଟକିବା ସହ ଅନ୍ୟ ଜଣେ ଥାନା କର୍ମଚାରୀଙ୍କ ସହାୟତାରେ ଯୁବକଙ୍କୁ ବାଇକ ଯୋଗେ ବୋହି ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୂଚନାଯୋଗ୍ୟ ଯେ ଗତ କିଛିଦିନ ପୂର୍ବେ ମାଝୀ ଅନ୍ୟ ଜଣେ ଯୁବ ଏସଆଇ ପ୍ରତାପ ଚନ୍ଦ୍ର ଦଲେଇଙ୍କ ସହ ମିଶି ୪୯ନମ୍ବର ଜାତୀୟ ରାଜପଥରେ ଟ୍ରକ ଧକ୍କାରେ ମୃତ୍ୟୁବରଣ କରିଥିବା ଜଣେ ମାନସିକ ଭିନକ୍ଷମ ମହିଳାଙ୍କ ମୃତଦେହ ବୋହି ଚର୍ଚ୍ଚାରେ ଆସିଥିଲେ।

# ଆମ୍ବ ପ୍ରକ୍ରିୟାକରଣରେ ଏସ୍ଏଚ୍ଜି ମହିଳା

■ ୩ ପର୍ଯ୍ୟାୟରେ ମିଳିବ ଲାଭ
■ ମିଶନଶକ୍ତିର ସଫଳ ଉଦାହରଣ

**ସମ୍ବଲପୁର,୫।୬(ବ୍ୟୁରୋ)**

ରାଜ୍ୟ ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଯୋଜନାରେ ତାଲିମ ପ୍ରଦାନ ସହ ଆର୍ଥିକ ସହଯୋଗ ଦିଆଯାଉଛି। ଏହି ମିଶନ ଶକ୍ତିର ସଫଳ ଉଦାହରଣ ପାଲଟିଛନ୍ତି ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର ମା' ପାର୍ବତୀ ପ୍ରଡ୍ୟୁସର ଗ୍ରୁପ (ଏସ୍ଏଚ୍ଜି ମହିଳା)। ସେମାନେ ଆମ୍ବକୁ ପ୍ରକ୍ରିୟାକରଣ କରି ବିଭିନ୍ନ ପ୍ରକାର ଆଚାର, ଆମ୍ବୁଲ, ଆମଚୁର, ଆମ୍ବସୋଲା ତିଆରି କରିବା ପାଇଁ ଆଗେଇ ଆସିଛନ୍ତି। ଏହା ଦ୍ୱାରା ସେମାନେ ୩ ପର୍ଯ୍ୟାୟରେ ଲାଭ ପାଇବେ ବୋଲି ଆଶା କରାଯାଉଛି। ଏଥିପାଇଁ ଜିଲା ପ୍ରଶାସନ, ଓର୍ମାସ, ଓଏଲ୍ଏମ୍, କୁଚିଣ୍ଡା ଆଇଟିଡିଏ ମିଳିତ ଭାବେ ଉଦ୍ୟମ କରିଛନ୍ତି। ବ୍ରହ୍ମପୁରର ଏକ ଆଚାର କମ୍ପାନୀ ମହିଳାମାନଙ୍କୁ ତାଲିମ ପ୍ରଦାନ କରୁଛି।

ଏ ସମ୍ପର୍କରେ ଓର୍ମାସର ଜିଲା ସଂଯୋଜକ ଶ୍ରୀମନ୍ତ ହୋତା କହିଛନ୍ତି, ଚଳିତ ବର୍ଷ ଆମ୍ବ ଫସଲ ବହୁତ ଭଲ ହୋଇଛି। ଲକ୍ଡାଉନ ଯୋଗୁ ବଜାର ମାନ୍ଦା ରହିଛି। ଆବଶ୍ୟକ ବଜାର ସୁବିଧା କରିବା ମଧ କଷ୍ଟକର। ତେଣୁ ଆମ୍ବକୁ କିଭଳି ପ୍ରକ୍ରିୟାକରଣ କରାଯାଇ ବିକ୍ରିଯୋଗ୍ୟ କରାଯାଇପାରିବ ସେ ନେଇ ଉଦ୍ୟମ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କୁଚିଣ୍ଡାର ମା' ପାର୍ବତୀ ପ୍ରଡ୍ୟୁସର ଗ୍ରୁପ୍କୁ ସାମିଲ କରାଯାଇଛି। ଏହି ଏସ୍ଏଚ୍ଜିରେ ମୋଟ ୩୫ ଜଣ ସଦସ୍ୟା ରହିଛନ୍ତି। ସେମାନେ ନିଜେ ଚାଷ କରିଥିବା ଓ ଗ୍ରାମର ଅନ୍ୟ ଚାଷୀଙ୍କଠାରୁ ଆମ୍ବ କିଣି ନେଉଛନ୍ତି। ଆମ୍ବ କାଟିବା ପରେ ତେଲ, ଲୁଣ, ହଳଦୀ ଦିଆଯାଇ ଆଚାର ପାଇଁ ପ୍ରକ୍ରିୟା କରାଯାଉଛି। ପରେ ମିଠା (ଚିନି ଓ ଗୁଡ), ଖଟା, ଲୁଣି, ରାଗ, ମିକ୍ସ ଆଚାର ଭଳି ସୁଆଦିଆ କରାଯିବ। ଏହାସହ ଆମଚୁର, ଆମ୍ବସୋଲା, ଆମ୍ବୁଲ ତିଆରି କରାଯିବ। ପରେ ଆଚାର ମସଲା ଦେଇ ପ୍ୟାକିଂ କରାଯିବ। ଏଥିରେ ଓରମାସ୍ ଓ ଜିଲା ପ୍ରଶାସନର ଲୋଗୋ ରହି ବଜାରରେ ବିକ୍ରି କରାଯିବ। ସହରରେ ମହିଳାମାନେ ଆହାର କେନ୍ଦ୍ରଗୁଡିକ ପରିଚାଳନା କରୁଛନ୍ତି। ଖାଇବାରେ ପ୍ରତିଦିନ ଆଚାର ଦିଆଯାଇଥାଏ। ତେଣୁ ଆହାର କେନ୍ଦ୍ରରେ ବିକ୍ରିକୁ ପ୍ରାଥମିକତା ଦିଆଯିବ। ପରେ ବଜାର ଚାହିଦା ଅନୁସାରେ ବିକ୍ରି କରାଯିବ। ଆଗାମୀ ଦିନରେ ଜିଲାର ଅନ୍ୟ ଗ୍ରୁପ୍କୁ ସାମିଲ କରାଯାଇ ଉତ୍ପାଦନ ବୃଦ୍ଧି କରାଯିବ। କେବଳ ଆମ୍ବ ନୁହେଁ ଲଙ୍କା, ଲେମ୍ବୁ, ଅଦା, ରସୁଣ ଭଳି ଦ୍ରବ୍ୟରେ ମଧ୍ୟ ଆଚାର କରାଯାଇ ବିକ୍ରି ହେବ। ପ୍ରାୟ ୨ ଶହ କୁଇଣ୍ଟାଲ ଆଚାର କରିବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ମହିଳାମାନେ କୁଚିଣ୍ଡାରେ ଅମଳ ହେଉଥିବା ଲଙ୍କାକୁ ଗୁଣ୍ଡ କରି ପ୍ୟାକିଂ କରି ବିକ୍ରି କରୁଛନ୍ତି। ଏଭଳି ବିଭିନ୍ନ ଉପାୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି। ଆମ୍ବ ଆଚାର କରି ବିକ୍ରି କରିବାରେ ମହିଳାମାନଙ୍କୁ ୩ ପର୍ଯ୍ୟାୟରେ ଲାଭ ମିଳିବ। ପ୍ରଥମେ ନିଜ ଅମଳ ଆମ୍ବକୁ ଉଚିତ ମୂଲ୍ୟରେ ବିକ୍ରି କରିପାରିବେ। ପରେ ଆମ୍ବ ଆଚାର ତିଆରି କରି ନିଜେ ରୋଜଗାର ପାଇବା ସହ ଅନ୍ୟ କେତେଜଣ ମହିଳା ପୁରୁଷଙ୍କ ପାଇଁ ରୋଜଗାର ସୃଷ୍ଟି କରିବେ। ଆଚାର ବିକ୍ରି କରି ସେଥିରୁ ମଧ ଲାଭ ପାଇପାରିବେ ବୋଲି ସଂଯୋଜକ ହୋତା କହିଛନ୍ତି।



ସମ୍ବଲପୁର ଜିଲା କୁଚିଣ୍ଡାରେ ମହିଳାମାନେ ଆମ୍ବ କାଟୁଛନ୍ତି।

# ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା


ବୃକ୍ଷରୋପଣ କରୁଛନ୍ତି ଛାତ୍ରୀଛାତ୍ର।

**ନାକଟିଦେଉଳ,୫।୬(ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ୍କ୍ରସର ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଭର୍ଚୁଆଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ ଯୋଗଦେଇ ପରିବେଶ ଯେତେ ସୁସ୍ଥ ଓ ନିର୍ମଳ ରହିବ ଆମେ ସେତିକି ସୁସ୍ଥ ରହିବା ବୋଲି କହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ୟୁଥ ରେଡ୍କ୍ରସର ସଂଯୋଜକ ଅଧ୍ୟାପକ ଦେବେଶ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ତଥା ସ୍ନାତକ ତୃତୀୟ ବର୍ଷ କଳା ଛାତ୍ର ଧନ୍ୟବାଦ ଦେଇଥିଲେ। ଭର୍ଚୁଆଲରେ ଏଥିରେ ପ୍ରାୟ ୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନିଜ ନିଜ ଘର ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଆମର ଦାୟିତ୍ୱ ବୋଲି ବାର୍ତ୍ତା ଦେଇଥିଲେ।

## ଝାରସୁଗୁଡ଼ା ଜିଲାରେ ବିଶ୍ୱ ପରିବେଶ ଦିବସ

**ଝାରସୁଗୁଡ଼ା ଅଫିସ,୫।୬**

ଝାରସୁଗୁଡ଼ା ଜିଲାର ବିଭିନ୍ନ ଅନୁଷ୍ଠାନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏମ୍ସିଏଲ୍ ଲଖନପୁର କ୍ଷେତ୍ର ତରଫରୁ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ପ୍ରବନ୍ଧକ ଅନିଲ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ କର୍ମଚାରୀଙ୍କୁ ନେଇ ଅନ୍ଲାଇନ୍ରେ ବିଶ୍ୱ ପରିବେଶ ଶୀର୍ଷକ ଡିବେଟ୍ ପ୍ରତିଯୋଗିତା ହୋଇଥିଲା। ସେହିପରି ପିପୁଲ୍ସ ଫୋରମ୍ର ସମସ୍ତ କେନ୍ଦ୍ରର ଅନ୍ତେବାସୀ ଓ କର୍ମଚାରୀଙ୍କୁ ନେଇ ଏଚ୍ କଣ୍ଟାପାଲିସ୍ଥିତ ମିଶନ୍ ଆଶ୍ରା ଥଇଥାନ କେନ୍ଦ୍ର ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଥିଲା। ପରେ ଏକ ସଚେତନତା କାର୍ଯ୍ୟକ୍ରମରେ ପିପୁଲ୍ସ ଫୋରମ୍ ପଶ୍ଚିମାଞ୍ଚଳ ମୁଖ୍ୟ ସଞ୍ଜୟ ଜେଠୀ ଯୋଗଦେଇଥିଲେ। ଝାରସୁଗୁଡା ଲକ୍ଷ୍ମୀ ନାରାୟଣ କଲେଜ ପରିସରରେ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦେବତାଙ୍କ ପୌରୋହିତ୍ୟରେ ଭର୍ଚୁଆଲ୍ ମିଟିଂ ଜରିଆରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏଥିରେ ପରିବେଶବିତ୍ ତଥା ଓଡିଶାର ଜଳପୁରୁଷ ଭାବେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ରଞ୍ଜନ ପଣ୍ଡା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। ଏଥିରେ ରସାୟନ ବିଜ୍ଞାନ ପ୍ରାଧ୍ୟାପିକା ଡ. ସ୍ନେହଲତା ମିଶ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର ଦେବାଶିଷ ଦାସ, ରସାୟନ ବିଜ୍ଞାନ ଛାତ୍ର ବାବୁଲ ନାୟକ ନିଜର ପ୍ରବନ୍ଧ ଉପସ୍ଥାପନା କରିଥିଲେ। କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ଧୁତୁରା ନିକଟସ୍ଥ ଅଲ୍ଟ୍ରାଟେକ୍ ସିମେଣ୍ଟ କାରଖାନା ପରିସରରେ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ୟୁନିଟ୍ ମୁଖ୍ୟ ଦେବୀ ପ୍ରସାଦ ଭୁରୁଟି ଓ ଏଚ୍ଆର୍ ମୁଖ୍ୟ ଆଶିଷ କୁମାର ପାଲ୍ ପ୍ରମୁଖ ଯୋଗଦେଇଥିଲେ।

## ଲଖନପୁର ବ୍ଲକ: ୧୭ ହାଇସ୍କୁଲ୍ର ହେବ ଉନ୍ନତୀକରଣ

**ଝାରସୁଗୁଡ଼ା ଅଫିସ,୫।୬**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ୧୭ ହାଇସ୍କୁଲ୍ର ଉନ୍ନତୀକରଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ୯୦ପ୍ରତିଶତ ଜିଲା ଖଣିଜ ପାଣ୍ଠି ଓ ବାକି ୧୦ପ୍ରତିଶତ କେନ୍ଦ୍ର ପଞ୍ଚଦଶ ଅର୍ଥ କମିଶନ ଓ ରାଜ୍ୟ ପଞ୍ଚମ ଅର୍ଥ କମିଶନ ପାଣ୍ଠି ବିନିଯୋଗ ହେବ। ପ୍ରଥମ ପର୍ଯ୍ୟାୟରେ ଡିଲିଆ, କୁମ୍ଭାରବନ୍ଧ, ଦଲଗାଁ, ପିପିଲିକାନୀ, ପଣ୍ଡରୀ, ଅଡାପଡା ହାଇସ୍କୁଲ୍ର ଉନ୍ନତୀକରଣ କାମ ଆରମ୍ଭ ହୋଇଛି। ଆଉ ୭ହାଇସ୍କୁଲ୍ର ନିର୍ମାଣ କାମ ପାଇଁ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଶୁକ୍ରବାର ଭୂମିପୂଜା କରିଛନ୍ତି। ଏହିସବୁ ହାଇସ୍କୁଲ୍ ମଧ୍ୟରେ ରହିଛି ଭିଖମପାଲି ପି ହାଇସ୍କୁଲ୍, ପିଥିଣ୍ଡା ୟୁଜି ହାଇସ୍କୁଲ୍, ଭଅଁରଖୋଲ ବିପିଏମ୍ ହାଇସ୍କୁଲ୍, ପିପିଲିମାଲ୍ ସରକାରୀ ହାଇସ୍କୁଲ୍, ମଚିଦା ୟୁଜି ହାଇସ୍କୁଲ୍, କଦମ୍ବଡିହି ଏମ୍ଜି ହାଇସ୍କୁଲ୍ ଓ ଲଖନପୁର ପଞ୍ଚାୟତ ହାଇସ୍କୁଲ। ଏହିସବୁ ହାଇସ୍କୁଲ୍ର ଉନ୍ନତୀକରଣ ପାଇଁ ସମୁଦାୟ ସାଢେ ୩୪ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିମଧ୍ୟରେ ରହିଛି ଲାବରେଟୋରି ଗୃହ, ଇ ଲାଇବ୍ରେରି ଗୃହ, ସ୍ମାର୍ଟ କ୍ଲାସ୍ରୁମ୍, ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ ଓ କମନ୍ରୁମ୍ ଆଦି। ଏଥିପାଇଁ ଟେଣ୍ଡର ସରିଛି। ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ ବୋଲି ବ୍ଲକ୍ର ସହକାରୀ ନିର୍ବାହୀଯନ୍ତ୍ରୀ ହରିବନ୍ଧୁ ସାହୁ କହିଛନ୍ତି। ବ୍ଲକ୍ ଅଧ୍ୟକ୍ଷା ପ୍ରଧାନ, ଜିଲା ପରିଷଦ ଉପଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ପ୍ରଭାକର ସେଠ୍, ପିଥିଣ୍ଡା ସରପଞ୍ଚ ଲକ୍ଷ୍ମଣ ଦେହରୀ, ଜିତେନ୍ ସେଠ୍, ଭଅଁରଖୋଲ ପ୍ରମୁଖ ଯୋଗଦେଇଥିଲେ।

## ପାନୀୟ ଜଳ ସମସ୍ୟା ଉତ୍କଟ

**ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ କଂଗ୍ରେସର ଦାବିପତ୍ର**

**ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ**

**ଝାରସୁଗୁଡ଼ା ଅଫିସ,୫।୬**

ଗ୍ରୀଷ୍ମଋତୁରେ ଝାରସୁଗୁଡ଼ା ଜିଲାରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ମହାମାରୀ କରୋନା ସମୟରେ ପାନୀୟ ଜଳ ଟୋପାଏ ପାଇଁ ଲୋକେ ଉହଲବିକଳ ହେଉଛନ୍ତି। ଏହି ସମସ୍ୟା ଉଭୟ ସହର ଓ ଗ୍ରାମାଞ୍ଚଳରେ ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲା କଂଗ୍ରେସ କମିଟି ଜନସ୍ୱାସ୍ଥ୍ୟ ବିଭାଗ ଏସ୍ଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ଭରତ ଅଗସ୍ତି, ସାଧାରଣ ସମ୍ପାଦକ ମନୀଷ ବାଜପେୟୀ, ଭଗୀରଥି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଦାବିପତ୍ରରେ ଉଲ୍ଲେଖ ରହିଛି, ଜିଲାରେ ଖଣିଖାଦାନ ଦ୍ରୁତଗତିରେ ବୃଦ୍ଧିପାଉଛି। ଏଥିଯୋଗୁ ମୃତ୍ତିକା କ୍ଷୟହେବା ସହ ଜଙ୍ଗଲ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ବୃଷ୍ଟିପାତ ହାର କମିବା ସହ ଭୂତଳ ଜଳ ସ୍ତର ହ୍ରାସପାଇ ନିମ୍ନଗାମୀ ହେବାରେ ଲାଗିଛି। ନଳକୂପ, ଗଭୀର ନଳକୂପ ଓ କୂଅ ଆଦିରୁ ଜଳ ଶୁଷ୍କ ହୋଇଯାଉଛି। ଏସବୁ ଉତ୍ସରୁ ଲୋକେ ଆବଶ୍ୟକ ମୁତାବକ ଜଳ ପାଇପାରୁ ନାହାନ୍ତି। ନଳକୂପ ଓ କୂଅ ନିକଟରେ ଗରାମାଠିଆ ଧରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଏହାଛଡା ନଦୀନାଳରେ କଳକାରଖାନାର ବର୍ଜ୍ୟବସ୍ତୁ ଓ ରାସାୟନିକ ପଦାର୍ଥ ମିଶିବା ଫଳରେ ଏସବୁ ଜଳାଶୟର ପାଣି ଦୂଷିତ ହେବାରେ ଲାଗିଛି। ଲୋକେ ଏହି ଜଳ ବ୍ୟବହାର କଲେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଇପ୍ ପାଣି ଏବେ ସୁଦ୍ଧା ସମସ୍ତ ଗାଁରେ ପହଞ୍ଚିପାରିନାହିଁ। ଯେଉଁସବୁ ଗ୍ରାମକୁ ପାଇପ୍ ସଂଯୋଗ ହୋଇଛି ଏଥିମଧ୍ୟରୁ କେତେକ ଗ୍ରାମକୁ ପାଣି ଠିକ୍ରେ ପହଞ୍ଚିପାରୁନାହିଁ। ଏସବୁକୁ ଦୃଷ୍ଟିରେ ରଖି ପୌରାଞ୍ଚଳ, ପଞ୍ଚାୟତ ଓ ବିଭିନ୍ନ ଶିଳ୍ପାନୁଷ୍ଠାନ ତରଫରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଜାରି ରହିଛି। ହେଲେ ଏହି ଟ୍ୟାଙ୍କର ପାଣି ଲୋକେ ନିୟମିତ ପାଇପାରୁନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ କଂଗ୍ରେସ କମିଟି ଦାବି କରିଛି।


ଜିଲା କଂଗ୍ରେସ ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗ ଏସ୍ଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଜୁଳି ବିଭ୍ରାଟ: ଲୋକେ ହନ୍ତସନ୍ତ

**ବଡ଼ଗାଁ, ୫।୬ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଗତ ପ୍ରାୟ ୨୦ ଦିନ ହେଲା ବିଜୁଳି ବିଭ୍ରାଟ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। କିଛି ଦିନ ହେଲା ରାତି ଦିନ ଗୁଳୁଗୁଳି ଗରମ ସହିତ ମଶାଙ୍କ ଦାଉରେ ଲୋକେ କଷ୍ଟ ପାଉଥିଲା ବେଳେ ବିଜୁଳିର ଲୁଚକାଳି ଖେଳ କଷ୍ଟକୁ ଦ୍ୱିଗୁଣିତ କରିଛି। ବର୍ତ୍ତମାନ କରୋନା ପ୍ରକୋପ ଯୋଗୁ ଅନେକ ନିଜ ଘରେ କ୍ୱାରାଣ୍ଟାଇନରେ ଥିଲା ବେଳେ ଛାତ୍ରୀଛାତ୍ର ଅନଲାଇନରେ ପାଠ ପଢୁଛନ୍ତି। ବିଭିନ୍ନ କମ୍ପାନୀରେ କାମ କରୁଥିବା କର୍ମଚାରୀମାନେ ମଧ ଘରେ ରହି କାର୍ଯ୍ୟ ତୁଲାଉଛନ୍ତି। ଏଭଳି ପରିସ୍ଥିତିରେ ବିଜୁଳି ବିଭ୍ରାଟ ଲୋକଙ୍କ ସମସ୍ୟା ବଢ଼ାଇ ଦେଇଛି। ବଡ଼ଗାଁରେ ୧୦ ମିନିଟରୁ ପ୍ରାୟ ୪ ଘଣ୍ଟା ବ୍ୟବଧାନରେ ବିଜୁଳି ଚାଲିଯାଉଥିଲା ବେଳେ ଅନେକ ଗ୍ରାମରେ ବିଜୁଳି ରହୁନାହିଁ। ବିନା ବର୍ଷା, ଘଡଘଡିରେ ବିଜୁଳି ଚାଲିଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

**ଦେବଗଡ଼,୫।୬(ଡି.ଏନ୍.ଏ.)**

ପ୍ରତ୍ୟେକ ଭାରତୀୟଙ୍କୁ ଦେୟମୁକ୍ତ ଟିକାକରଣ ସହ ପ୍ରତ୍ୟେକ ଦିନ ଏକ କୋଟି ଟିକାକରଣ ନିଶ୍ଚିତ କରିବା ଦାବିରେ ଶୁକ୍ରବାର ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଦେବଗଡ଼ ଜିଲା କଂଗ୍ରେସ କମିଟି ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ବହୁ ଦଳୀୟ ପଦାଧିକାରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ କରୋନା ଟିକାକରଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ଏହା ସହ ଦେଶରେ ଗୋଟିଏ ଟିକାର ଭିନ୍ନଭିନ୍ନ ମୂଲ୍ୟକୁ ପ୍ରତିବାଦ କରିବା ସହ କେନ୍ଦ୍ର ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରା ଦେଶରେ ଟିକାରୁ ବଞ୍ଚିତ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦ୍ର ସରକାର ଟିକାକୁ ବ୍ୟବସାୟ କରଣ କରିବାରେ ବ୍ୟସ୍ତ ଥିବା ଅଭିଯୋଗ କରିଥିଲେ। ସେହିପରି ସାରା ଦେଶରେ ପ୍ରତ୍ୟେକ ଦିନ ଏକ କୋଟି ଟିକା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରି ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଯଶୋବନ୍ତ ଦେହୁରୀଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଉପ ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ,ଏସ୍ସି ସେଲ ସଭାପତି ମଞ୍ଜୁଳ ନାଏକ, ଏସ୍ଟି ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ଜିଲାସାଧାରଣ ସମ୍ପାଦକ କ୍ଷିତୀଶ କୁମାର ପ୍ରଧାନ, ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ନଗର ସଭାପତି ସୁବାସ ଚନ୍ଦ୍ର ଭୋଇ ଓ ମିଡ଼ିଆ ସେଲ ଅଧକ୍ଷ ପଞ୍ଚୁଲାଲ ବରାଇଙ୍କ ସମେତ ବହୁ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ।



ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରଶାସନ ଦ୍ୱାରା ଜବରଦଖଲ ଉଚ୍ଛେଦ

**ରାଜଗାଙ୍ଗପୁର, ୫।୬ (ଡି.ଏନ.ଏ)**

ଶନିବାର ପ୍ରଶାସନ ଦ୍ୱାରା ରାଜଗାଙ୍ଗପୁରରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପୌର ପ୍ରଶାସନର ନିର୍ବାହୀ ଅଧିକାରୀ ବିନୋଦ ପଣ୍ଡା, ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ମନୋରଞ୍ଜନ ନାୟକ, ପୋଲିସ ପ୍ରଶାସନର ସହାୟତାରେ ରାଜଗାଙ୍ଗପୁର ବସଷ୍ଟାଣ୍ଡ ନିକଟ ଅଞ୍ଚଳ ମେନ ରୋଡ ଉପରୁ ୪୮ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛନ୍ତି। ଏହି ଉଚ୍ଛେଦ ପାଇଁ ପୌରପ୍ରଶାସନ ୨ଦିନ ପୂର୍ବରୁ ସୂଚନା ଦେଇଥିଲା। ପ୍ରକାଶଯୋଗ୍ୟ ଯେ, ଏହି ଜବରଦଖଲକାରୀମାନେ ଦୀର୍ଘ ବର୍ଷ ଧରି ଅସ୍ଥାୟୀ ଭାବେ ବିଭିନ୍ନ ଦୋକାନ କରି ପେଟପାଟଣା ପୋଷୁଛନ୍ତି। ଅନ୍ୟପଟେ ବସଷ୍ଟାଣ୍ଡ ନିକଟବର୍ତ୍ତୀ ମେନ୍ ରୋଡ ଦଖଲକାରୀଙ୍କ ଯୋଗୁ ଅଣଓସାରିଆ ହୋଇଥିବା ହେତୁ ଟ୍ରାଫିକ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଏ ପଦକ୍ଷେପ ଗ୍ରହଣ କରିଛି। କେତେକ ଜବରଦଖଲକାରୀ ସ୍ୱଇଚ୍ଛାରେ ନିଜ ବସିଥିବା ସ୍ଥଳରୁ ପିଡବ୍ଲୁଡି ଦ୍ୱାରା ନିର୍ମିତ ନୂତନ ପାଚେରୀ ପାଖକୁ (ପ୍ରାୟ ୧୨ ଫୁଟ) ଉଠି ଯାଇଥିଲେ। ଆଉ କେତେଜଣଙ୍କୁ ଶନିବାର ପ୍ରଶାସନ ଉଚ୍ଛେଦ କଲା। ଉଚ୍ଛେଦ ହେଲା ସତ କିନ୍ତୁ ଏମାନଙ୍କ ପାଇଁ ବହୁ ବର୍ଷରୁ ନିଷ୍ପତ୍ତି ହୋଇଥିବା ଭେଣ୍ଡିଂ ଜୋନ ଗଲା କୁଆଡେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ପୂର୍ବତନ ପୌରାଧକ୍ଷା ସୁଶ୍ରୀତା ପାଇକରାୟ ଓ ଶଶିରେଖା ସାମଲ ଏହି ଘଟଣାକୁ ଏକ ଦୁର୍ଭାଗ୍ୟଜନକ ଘଟଣା କହିଥିଲାବେଳେ ଖୁବଶୀଘ୍ର ଏକ ଭେଣ୍ଡିଂ ଜୋନ ନିର୍ମାଣ କରି ଏମାନଙ୍କୁ ଥଇଥାନ କରାଯାଉ ବୋଲି ମତପ୍ରକାଶ ପାଇଛି।


ରାଜଗାଙ୍ଗପୁରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଗ୍ୟାସ୍ ପାଇପ ବିଛାକୁ ବିରୋଧ

■ ଗେଲ୍ ଇଣ୍ଡିଆ ବିରୋଧରେ ଏକଜୁଟ ହେଲେ ଜମି ହରାଉଥିବା ଲୋକେ
■ କୁତ୍ରା ଥାନାରେ ଏତଲା ଦେଲେ

**କୁତ୍ରା, ୫।୬(ଡି.ଏନ.ଏ)**

ଆଦିବାସୀଙ୍କ ନ୍ୟାୟଚ୍ୟୁତ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଗେଲ ଇଣ୍ଡିଆ। ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ଗେଲ ଇଣ୍ଡିଆକୁ ବିରୋଧ କରି ଜମି ହରାଉଥିବା ଲୋକେ ଏକଜୁଟ ହୋଇଛନ୍ତି। ଗେଲ ଇଣ୍ଡିଆ ଆଦିବାସୀଙ୍କ ଉପରେ ଜୁଲୁମ ଚଳାଇଛି ବୋଲି ଅଭିଯୋଗ କରୁଛନ୍ତି ଜମି ହରାଉଥିବା ଲୋକେ। ସୂଚନାଯୋଗ୍ୟ ଯେ, ଜଗଦିସପୁର, ହଳଦିଆ, ବୋକାରୋ ହୋଇ ଧାମରା ଯାଉଥିବା ଗ୍ୟାସ ପାଇପ ଲାଇନ କାମକୁ ଗେଲ ଇଣ୍ଡିଆ ତରଫରୁ କରାଯାଉଛି। ବର୍ତ୍ତମାନ କୁତ୍ରାରେ ଗ୍ୟାସ୍ ପାଇପ ଲାଇନ ବିଛା ଯାଉଛି। ଏହାକୁ ଶନିବାର କୁତ୍ରାରେ ଜମି ହରାଉଥିବା ଲୋକଙ୍କ ତରଫରୁ ବିରୋଧ କରାଯାଇଛି। ଘଟଣା ଅନୁସାରେ ଗେଲ ଇଣ୍ଡିଆ ତରଫରୁ କୁତ୍ରା ବସ୍ତି ପାର୍ଶ୍ୱ ଜମି ଦେଇ ଗ୍ୟାସ ପାଇପ ଲାଇନ କାମ ଚାଲୁଥିବା ବେଳେ ଜମି ମାଲିକମାନେ ଏହାକୁ ବିରୋଧ କରିବା ସହିତ କୁତ୍ରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଲୋକଙ୍କ ଅଭିଯୋଗ ହେଲା ଯେହେତୁ ଏହା ଆଦିବାସୀଙ୍କ ଜମି। ତେଣୁ କୌଣସି ସୂଚନା ନ ଦେଇ ପାଇପ ବିଛା କାର୍ଯ୍ୟ ଚାଲୁଛି ଏବଂ କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ଟଙ୍କା ନ ଦେଇ ପାଇପ ବିଛାଉଛି। ଅଭିଯୋଗ ପରେ କୁତ୍ରା ବସ୍ତିରେ ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା, ତହସିଲଦାର ରବୀନ୍ଦ୍ର କୁମାର ସେଠୀ, ଗେଲ ଇଣ୍ଡିଆ କର୍ତ୍ତୃପକ୍ଷ ଓ ବସ୍ତିବାସିନ୍ଦା ମିଳିତ ଭାବେ ବୈଠକ କରି ଲୋକଙ୍କ ମତ ଗ୍ରହଣ କରିଥିଲେ। ଉପଯୁକ୍ତ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ଦାବି କରିଥିଲେ। ଗେଲ ଇଣ୍ଡିଆ କେତେଜଣ ଲୋକଙ୍କୁ ଟଙ୍କା ଦେଇଥିବା କହୁଥିବା ବେଳେ କିଛି ଲୋକଙ୍କୁ ଦେଇ ନ ଥିବା ସ୍ୱୀକାର କରିଛି। ଆଗାମୀ ଦିନରେ ସୁନ୍ଦରଗଡ ଉପଜିଲାପାଳଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରାଯାଇଛି। ପ୍ରକାଶ ଥାଉକି, ଏହାକୁ ନେଇ କୁତ୍ରା ସରପଞ୍ଚ ଲଳିତା ବରୁଆ ଏବଂ କୁତ୍ରା ବାସିନ୍ଦା ଉପେନ୍ଦ୍ର କୁଜୁର କୁତ୍ରା ଥାନା ସାଙ୍ଗକୁ ଭୁବନେଶ୍ୱର ସ୍ଥିତ ଗେଲ ଇଣ୍ଡିଆର ମୁଖ୍ୟ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ ଏହାର କୌଣସି ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।


ତହସିଲଦାର, ପୋଲିସ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଏଏସ୍‌ବିଏମ୍ ପକ୍ଷରୁ ୱେବିନାର

**ଭୁବନେଶ୍ୱର,୫।୬ :** ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାକାରତ୍ମକ ଔଦ୍ୟୋଗିକ ସମ୍ବନ୍ଧ' ଶୀର୍ଷକ ଏକ ଜାତୀୟ ଅନ୍‌ଲାଇନ ଆଲୋଚନାଚକ୍ର ଏଇ ନିକଟରେ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋର ମାନବ ସମ୍ବଳ ନିର୍ଦ୍ଦେଶକ ରାଧେଶ୍ୟାମ ମହାପାତ୍ର, ଇଣ୍ଡିଆନ୍ ପାୱାରର ବରିଷ୍ଠ ଉପାଧକ୍ଷ ମାନବ ସମ୍ବଳ ପ୍ରକାଶ ଚନ୍ଦ୍ର ପଣ୍ଡା ଏବଂ ଏମ୍‌ଏସ୍‌ପିଏଲ୍‌ର ଉପାଧକ୍ଷ ମାନବ ସମ୍ବଳ ଡ. ଦେବବ୍ରତ ଦାଶ ପ୍ରମୁଖ ବକ୍ତାଭାବେ ଯୋଗଦାନକରି ଅନେକ ଗଠନମୂଳକ ତଥା ପ୍ରଭାବଶାଳୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ମଧ ଅଂଶଗ୍ରହଣ କରି ବର୍ତ୍ତମାନର ସାମାଜିକ ବ୍ୟବସ୍ଥା ଓ ଅନୁଷ୍ଠାନିକ ବିଶ୍ୱ ବ୍ୟବସ୍ଥା ଆଧାରିତ ଦୃଢ଼ ମତାମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ, ଉପ କୁଳପତି ପଫେସର ଡ. ଫାଲ୍‌ଗୁ ନିରଞ୍ଜନା, ଡିନ୍ ପ୍ରଫେସର ରତିକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଏଏମ୍-ଏନ୍‌ଏସ୍ ଇଣ୍ଡିଆର କୋଭିଡ୍ ସହାୟତା

**ଭୁବନେଶ୍ୱର,୫।୬:** ଦେଶର ଅଗ୍ରଣୀ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥା ଆର୍‌ସେଲର ମିତ୍ତଲ-ନିପନ ଷ୍ଟିଲ୍ (ଏଏମ୍-ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଓଡ଼ିଶାକୁ ପ୍ରାୟ ୫୧୫୦ ଗୋଟି ମେଡିକାଲ ଗ୍ରେଡ୍ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରିବାର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପ୍ରଥମ ଦଫାରେ ୧୩୫୦ଟି ସିଲିଣ୍ଡର ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଛି। ବଳକା ୩୮୦୦ ସିଲିଣ୍ଡର ଆସନ୍ତା ଜୁନ୍ ଦ୍ୱିତୀୟ ସପ୍ତାହରେ ଆସିବାର ଅଛି ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୪୬.୭ ଲିଟର ଓ ୧୦ ଲିଟର କ୍ଷମତାବିଶିଷ୍ଟ ଉକ୍ତ ସିଲିଣ୍ଡରଗୁଡ଼ିକୁ ବିମାନବନ୍ଦରରୁ ସଂଗ୍ରହ କରାଯାଇ ରାଜ୍ୟର ବିଭିନ୍ନ ଜିଲା ଚିକିତ୍ସାଳୟକୁ ପଠାଯିବ। ଏ ସମ୍ପର୍କରେ କମ୍ପାନୀର ହେଡ୍ କର୍ପୋରେଟ୍ ଆଫେୟାର୍ସ (ଓଡ଼ିଶା ଅପରେଶନ), ଲକ୍ଷ୍ମୀ ମହାପାତ୍ର କହିଥିଲେ, କମ୍ପାନୀ ସବୁ ସମୟରେ ସରକାରଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ବଦ୍ଧ ପରିକର।

# ମେ'ରେ କମିଲା ଜିଏସ୍‌ଟି ସଂଗ୍ରହ




**ନୂଆଦିଲ୍ଲୀ,୫।୬**

କରୋନା ମହାମାରୀର ଦ୍ୱିତୀୟ ଲହର ଯୋଗୁ ମେ ମାସରେ ଦେଶର ଜିଏସ୍‌ଟି ସଂଗ୍ରହରେ ହ୍ରାସ ଘଟିଛି। ମେ' ରେ ସାମଗ୍ରୀ ଓ ସେବା ଶୁଳ୍କ (ଜିଏସ୍‌ଟି) ସଂଗ୍ରହ ପ୍ରାୟ ୧.୦୩ ଲକ୍ଷ କୋଟି ଟଙ୍କା ରହିଛି। ଏ ନେଇ ଶନିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ କୁହାଯାଇଛି, କ୍ରମାଗତ ୮ମ ଥର ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ରହିଛି। ମେ' ମାସର ଜିଏସ୍‌ଟି ସଂଗ୍ରହ ଚଳିତ ଏପ୍ରିଲ ତୁଳନାରେ କମ୍ ରହିଛି। ଏପ୍ରିଲରେ ୧,୪୧,୩୮୪ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିଲ ; ଯାହା ଏକ ରେର୍କଡ ପରିମାଣର ଅର୍ଥ ସଂଗ୍ରହ ବୋଲି କୁହାଯାଇଛି। ଗତବର୍ଷ ମେ'ମାସଠାରୁ ଚଳିତବର୍ଷ ଏହି ମାସରେ ଜିଏସ୍‌ଟି ସଂଗ୍ରହ ୬୫% ଅଧିକ ବୋଲି ଜଣାପଡ଼ିଛି।

ଚଳିତ ମେ ମାସରେ ସରକାରଙ୍କ ଜିଏସ୍‌ଟି ସଂଗ୍ରହ ୧,୦୨,୭୦୯ କୋଟି ଟଙ୍କା ରହିଛି। ଏଥିରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସଟି) ସଂଗ୍ରହ ୧୭,୫୯୨ କୋଟି ଟଙ୍କା ରହିଥିବା ବେଳେ ରାଜ୍ୟଗୁଡ଼ିକରୁ ଜିଏସ୍‌ଟି (ଏସ୍‌ଜିଏସଟି) ସଂଗ୍ରହ ୨୨,୬୫୩ କୋଟି ଟଙ୍କା ରହିଛି। ସେହିଭଳି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି (ଆଇଜିଏସ୍‌ଟି) ସଂଗ୍ରହ ପ୍ରାୟ ୫୩,୧୯୯ କୋଟି ଟଙ୍କା (ସାମଗ୍ରୀ ଆମଦାନୀରେ ସଂଗୃହୀତ ୨୬,୦୦୨ କୋଟି ଟଙ୍କା) ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସେସ୍ ବାବଦରେ ୯,୨୬୫ କୋଟି ଟଙ୍କା (ସାମଗ୍ରୀ ଆମଦାନୀରେ ୮୬୮ କୋଟିକୁ ମିଶାଇ) ସଂଗ୍ରହ କରାଯାଇଛି।

ଚଳିତ ମେ ମାସ ମଧରେ ସାମଗ୍ରୀ ଆମଦାନୀରୁ ୫୬% ଉର୍ଦ୍ଧ୍ୱ ଆୟ ହୋଇଥିବା ବେଳେ ଘରୋଇ କାରବାରରୁ ଆୟ ମଧ ହ୍ରାସ ପାଇଛି। ଗତ ବର୍ଷ ମେ ମାସରେ ଏହି ସବୁ ଉତ୍ସରୁ ଆୟ ପ୍ରାୟ ୬୯% ଅଧିକ ରହିଥିଲା ବୋଲି ଜଣାପଡିଛି।

### କ୍ରମାଗତ ୮ମ ଥର ପାଇଁ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ସଂଗ୍ରହ

# ରେନୋକୁ ଗ୍ଲୋବାଲ ଏନ୍‌କ୍ୟାପ୍ ସ୍ୱୀକୃତି




**ଭୁବନେଶ୍ୱର,୫।୬**

ଦେଶର ଅଗ୍ରଣୀ ଅଟୋ ଶିଳ୍ପ ରେନୋ ଇଣ୍ଡିଆ ଘୋଷଣା କରିଛି ଯେ ଏହାର ଅଲ୍‌ଟ୍ରା ମଡ୍ୟୁଲାର ଓ ସୁପର ସ୍ପେଶିୟସ ରେନୋ ଟ୍ରାଇବରକୁ ଆଡଲ୍ଟ ଅକୁପାଣ୍ଟ ପ୍ରୋଟେକ୍‌ସନ କ୍ଷେତ୍ରରେ ୪-ଷ୍ଟାର ଏବଂ ଚାଇଲ୍‌ଡ ଅକୁପାଣ୍ଟ ପ୍ରୋଟେକ୍‌ସନ କ୍ଷେତ୍ରରେ ୩-ଷ୍ଟାର ରେଟିଂ ଗ୍ଲୋବାଲ୍ ଏନ୍‌କ୍ୟାପ୍ ଦ୍ୱାରା ପ୍ରଦାନ କରାଯାଇଛି। ଏହି ଗ୍ଲୋବାଲ୍ କାର ଆକଳନ କାର୍ଯ୍ୟକ୍ରମକୁ ଅଗଷ୍ଟ ୨୦୧୯ରେ ଆରମ୍ଭ କରାଯାଇଥିଲା। ରେନୋ ଟ୍ରାଇବର ହେଉଛି ଫ୍ଲେକ୍ସିବଲ୍, ଆକର୍ଷଣୀୟ ଓ ସୁଲଭ ମୂଲ୍ୟଯୁକ୍ତ ଓ ଭାରତରେ ଏହା ହେଉଛି ରେନୋର ଏକ ଲୋକପ୍ରିୟ ଉତ୍ପାଦ ଓ ଏହାର ସାରା ଭାରତରେ ୭୫,୦୦୦ରୁ ଉର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକ ରହିଛନ୍ତି।

ଏ ସମ୍ପର୍କରେ ରେନୋ ଇଣ୍ଡିଆ ଅପରେଶନ୍ସ ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲା ପାଲ୍ଲେ କହିଛନ୍ତି, ରେନୋ ପାଇଁ ସୁରକ୍ଷା ହେଉଛି ସର୍ବଦା ଗୁରୁତ୍ୱପୂର୍ଣ୍ଣ ଓ ଆମର ଉତ୍ପାଦ ଗୁଡ଼ିକ ଭାରତୀୟ ନିୟାମକ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର ଅନୁପାଳନ କରିଥାଏ। ରେନୋ ଟ୍ରାଇବରକୁ ଭାରତ ଓ ଫ୍ରାନ୍ସର ରେନୋ ଟିମ୍‌ଙ୍କ ଯୁଗ୍ମ ସହଯୋଗରେ ପ୍ରସ୍ତୁତ କରାଯାଇଛି ଓ ଏହା ବଜାରରେ ଗ୍ରାହକମାନଙ୍କ ଦ୍ୱାରା ବହୁମାତ୍ରାରେ ଆଦୃତ ହୋଇପାରିଛି। ଏହା ରେନୋ ଇଣ୍ଡିଆ ପାଇଁ ଗୌରବର ସମୟ, କାରଣ ସାରା ବିଶ୍ୱକୁ ନେବା ପୂର୍ବରୁ ଟ୍ରାଇବରକୁ ଭାରତ ପାଇଁ ପରିକଳ୍ପିତ, ବିକଶିତ ଓ ଉତ୍ପାଦନ କରାଯାଇଛି। ଗ୍ଲୋବାଲ୍ ଏନ୍‌କ୍ୟାପ୍ ଦ୍ୱାରା ଟ୍ରାଇବରକୁ ପ୍ରଦାନ କରାଯାଇଥିବା ୪-ଷ୍ଟାର ଆଡଲ୍ଟ ସେଫ୍‌ଟି ରେଟିଂ ଏହି ପ୍ରତିଶ୍ରୁତିବଦ୍ଧତାର ଏକ ପ୍ରମାଣ ବୋଲି ସେ କହିଛନ୍ତି।

ରେନୋ ଟ୍ରାଇବରକୁ ଆକର୍ଷଣୀୟ ଭାବରେ ଡିଜାଇନ କରାଯାଇଛି। ଏହା ଏକ ଦୃଢ଼ ଓ ଆରାମଦାୟକ କାର୍ ଯେଉଁଥିରେ ୪ ମିଟରରୁ କମ୍ ଲମ୍ବରେ ମଧ ସାତଜଣ ବୟସ୍କ ବ୍ୟକ୍ତି ଆରାମରେ ବସିପାରିବେ। ରେନୋ ଟ୍ରାଇବରର ବଡିର ଗଠନ ଓ ସାମଗ୍ରିକ ସୁରକ୍ଷାକୁ ଗ୍ଲୋବାଲ୍ ଏନ୍‌କ୍ୟାପ୍ ଦ୍ୱାରା କ୍ରାସ୍ ଟେଷ୍ଟରେ ମୂଲ୍ୟାୟନ କରାଯାଇଛି। ଫଳରେ ଏହା ଭାରତର ୭ ସିଟର ବିଶିଷ୍ଟ ସବୁଠାରୁ ନିରାପଦ ଗାଡ଼ି ହୋଇପାରିଛି। ରେନୋ ଟ୍ରାଇବରରେ ୭ ରୁ ଅଧିକ ସୁରକ୍ଷା ବୈଶିଷ୍ଟ୍ୟ ଷ୍ଟାଣ୍ଡାର୍ଡ ଭାବରେ ରହିଛି ଓ ଏହାର ଟପ୍ ଭାରିଆଣ୍ଟରେ ୪ଟି ଏୟାରବ୍ୟାଗ୍ ଉପଲବ୍ଧ ରହିଛି।

### ଆର୍‌ବିଆଇ ନୀତିକୁ ସ୍ୱାଗତ କଲେ ପିଏନବି ଏମ୍‌ଡି ଆଣ୍ଡ ସିଇଓ

**ଭୁବନେଶ୍ୱର,୫।୬**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଦେଶର ଆର୍ଥିକ ଅଭିବୃଦ୍ଧିର ସମୀକ୍ଷା ସହ କେତେକ ବିଷୟ ଉପରେ ଘୋଷଣା କରାଯାଇଥିଲା। ଆର୍‌ବିଆଇର ଏହି ନିଷ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଏମ୍‌ଡି ଆଣ୍ଡ ସିଇଓ ସିଏଚ.ଏସ୍.ଏସ୍. ମଲିକାର୍ଜୁନ ସ୍ୱାଗତ କରିଛନ୍ତି। ରିଜର୍ଭ ବ୍ୟାଙ୍କ ଏହି ପରିପ୍ରେକ୍ଷୀରେ ୧୫ ହଜାର କୋଟି ଟଙ୍କାର ଋଣ ବିଶେଷକରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସହ ଜଡ଼ିତ ହୋଟେଲ, ପର୍ଯ୍ୟଟନ ଏବଂ ବିମାନ ସେବା ଭଳି ସଂସ୍ଥାକୁ ସହାୟତା ପ୍ରଦାନ କରାଯାଉ ବୋଲି ସୂଚନା ଦେଇଥିଲେ। ସେହିଭଳି କୋଭିଡ୍-୧୯ରେ ବିଶେଷ ଭାବେ ପ୍ରଭାବିତ ଏମ୍‌ଏସ୍‌ଏମ୍‌ଇଗୁଡିକର ପୁନରୁଦ୍ଧାର ପାଇଁ ଫ୍ରେମ୍‌ୱାର୍କ ନୀତି ୨.୦ ଜରିଆରେ ପ୍ରାୟ ୫୦ କୋଟିର ସୁବିଧା ପ୍ରଦାନ କରାଯାଇଛି।


ସିଏଚ.ଏସ୍.ଏସ୍. ମଲିକାର୍ଜୁନ


୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା
ସଉରୀ ଚରଣ ଖଟୁଆ
ସହିତ
ସରଳା ଖଟୁଆ
ଖଣ୍ଡହତା, ତିଗିରିଆ, କଟକ
ଆଜି ତୁମର ୫୦ତମ ବିବାହ ବାର୍ଷିକ ଶୁଭ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୁମର ଜୀବନ ସଦା ସର୍ବଦା ସୁଖମୟ ହେଉ । -:ଶୁଭେଚ୍ଛା ସହ:- ମିତା, ପ୍ରଫୁଲ୍ଲ, ଗୀତା, ଅରୁଣ, ନାଲୁ, ରିଚ୍ଚୁ, ଟୁଟୁ, ବିଦ୍ୟାଧର, ସୀମା, ଲିମା, ବକ୍ସି, ଏଜି, ଟିକି, ରୋନକ୍, ୟଶ, ଅନନ୍ୟା, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୮୪୧


ଜନ୍ମଦିନ ଉପଲକ୍ଷେ...
ଦ୍ରିଶ୍ୟମ୍ ରାଉତରାୟ(ୟଶ)
ଗୁଗୁଲ୍, ତୋର ଆଜି ପ୍ରଥମ ଜନ୍ମଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସାଇବାବା, ତୋର ଚଲାପଥ କୁସୁମିତ କରନ୍ତୁ, ଏତିକି ହିଁ ଆମ୍ଭର ପ୍ରାର୍ଥନା ।
ଶୁଭେଚ୍ଛା ସହ : ବାପା, ମାମା, ଜେଜେ ବାପା, ଜେଜେ ମା, ପିଉସୀ ଅପା, ପିଉସା, ଆଈ, ଅଜା, ମାଉସୀ, ମାଉସା, ସମସ୍ତ ପରିବାର ଓ ଶୁଭେଚ୍ଛୁ ବର୍ଗ
ଧ-୨୦୮୪୦

# ଶ୍ୟାମ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ କୋଭିଡ୍ ସାମଗ୍ରୀ ପ୍ରଦାନ



**ଭୁବନେଶ୍ୱର,୫।୬**

କୋଭିଡ୍ ମହାମାରୀ ଲଢ଼େଇକୁ ସମର୍ଥନକରି ଟିଏମ୍‌ଟି ବାର୍‌ର ଅନ୍ୟତମ ଅଗ୍ରଣୀ ଉତ୍ପାଦନ ଏବଂ ନିର୍ମାଣକାରୀ ସଂସ୍ଥା ଶ୍ୟାମ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା ସରକାରଙ୍କୁ ୨୦ଟି ଅକ୍ସିଜେନ କନ୍‌ସେଣ୍ଟ୍ରେଟର (ଅମ୍ଳଜାନ ସାନ୍ଦ୍ରକ) ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ଓଡ଼ିଶା ରାଜ୍ୟ ମେଡିକାଲ ନିଗମକୁ ଉକ୍ତ ଅମ୍ଳଜାନ ସାନ୍ଦ୍ରକ ହସ୍ତାନ୍ତର କରାଯାଇଛି। ନିଗମର ସାମଗ୍ରୀ ବିଭାଗର ମହାପ୍ରବନ୍ଧକ ଡା.ସୌଭାଗ୍ୟ ରଞ୍ଜନ ରଣସିଂହ ଏହି ସେସବୁ ଅମ୍ଳଜାନ ସାନ୍ଦ୍ରକଗୁଡ଼ିକ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍ ଇଣ୍ଡିଆର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ମହାମାରୀ ବିରୋଧରେ ଲଢ଼େଇ କରୁଥିବା ଦେଶର ପ୍ରତ୍ୟେକ ନାଗରିକଙ୍କ ସମ୍ମିଳିତ ପ୍ରୟାସ ଏବଂ ଦୃଢ ଇଚ୍ଛାଶକ୍ତିକୁ ଆମେ ସଲାମ କରୁଛୁ। କୋଭିଡ୍ ସଂକ୍ରମିତ ରୋଗୀଙ୍କ ଚିକିତ୍ସାରେ ଅକ୍ସିଜେନ କନ୍‌ସେଣ୍ଟ୍ରେଟରଗୁଡ଼ିକ ବିଶେଷ ଫଳପ୍ରଦ ହେଉଥିବା ଲକ୍ଷ୍ୟ କରାଯାଇଛି। ଆଗାମୀ ଦିନରେ ଆମେ ଓଡ଼ିଶା ସରକାରଙ୍କୁ ଅଧିକ ସମର୍ଥନ ଯୋଗାଇଦେବୁ।

ଦ୍ୱିତୀୟ ଲହର ସମୟରେ ଅଧିକରୁ ଅଧିକ କୋଭିଡ୍ ରୋଗୀ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି; ଯାହା ପ୍ରଥମ ଲହରରେ ପରିଲକ୍ଷିତ ହୋଇ ନ ଥିଲା ଏବଂ ସେଥିପାଇଁ ଚଳିତ ଥର ଅମ୍ଳଜାନର ଆବଶ୍ୟକତା ଦେଖାଦେଇଛି। ସର୍ବାଧିକ ସଂଖ୍ୟକ ଜୀବନ ବଞ୍ଚାଇବା ଲକ୍ଷ୍ୟରେ ଶ୍ୟାମ ଷ୍ଟିଲ୍ ଓଡ଼ିଶା ସରକାରଙ୍କୁ ଏହି ପ୍ରାଣଘାତୀ ଭୂତାଣୁ ବିରୋଧୀ ଲଢ଼େଇରେ ସମସ୍ତ ସହାୟତା ଯୋଗାଇଦେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ବର ଘରେ କନ୍ୟାଯାତ୍ରୀ



**ଲକ୍ଷ୍ନୌ:** ବ୍ୟାଣ୍ଡବାଜା ଆଉ ବରଯାତ୍ରୀ ଧରି ବଧୂ ବେଶରେ କନ୍ୟାଟିଏ ଯାଉଛି ଶାଶୁଘରକୁ। ବିବାହ କରିବା ପାଇଁ କନ୍ୟାଟିଏ କେଉଁଠି ଏଭଳି ଶୋଭାଯାତ୍ରା କରି ବର ଘରକୁ ଯିବା ବୋଧହୁଏ ଶୁଣି ନ ଥିବେ। ହେଲେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଗୋରଖପୁରରେ। ସାଧାରଣତଃ ବିବାହ ପାଇଁ ବରଯାତ୍ରୀଙ୍କ ସହ ବରବେଶରେ କନ୍ୟା ଘରକୁ ବର ଯାଇଥାନ୍ତି। କିନ୍ତୁ ଗୋରଖପୁରରେ ଏହାର ଓଲଟା ଦେଖିବାକୁ ମିଳିଛି। ସନ୍ଦୀପ ମୌର୍ଯ୍ୟ ନାମକ ଜଣେ ଯୁବକଙ୍କର ବିବାହ ହେଉଥିଲା। ଏହି ଖବର ପାଇବା ମାତ୍ରେ ଜଣେ ଯୁବତୀ ବ୍ୟାଣ୍ଡବାଜା ନେଇ କନ୍ୟାଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ଯାଇ ପହଞ୍ଚିଥିଲେ ସନ୍ଦୀପଙ୍କ ଘରେ। ଯୁବତୀଜଣଙ୍କର ଏଭଳି କାମ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ। ଏହାପରେ ଯୁବତୀଜଣକ ସେଠାରେ ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। କାରଣ କିଛି ବର୍ଷ ହେଲା ଯୁବତୀଙ୍କର ସନ୍ଦୀପଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ବି ରଖିଥିଲେ ବୋଲି ଯୁବତୀ କହିଥିଲେ। ସନ୍ଦୀପ ଚାକିରି କରିବା ପରେ ସେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ସନ୍ଦୀପଙ୍କର ବିବାହ ହେଉଥିବା ଖବର ପାଇ ତାଙ୍କ ପ୍ରେମିକା ରାଗରେ ଏପରି କରିଥିଲେ। ଯୁବତୀଜଣକ ତାଙ୍କ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ସହିତ କନ୍ୟାଯାତ୍ରୀ ନେଇ ପହଞ୍ଚିବା ପରେ ସେଠାରେ ବିବାହ ବନ୍ଦ କରି ପାଟିତୁଣ୍ଡ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ଘଟଣାରେ ତଦନ୍ତ ଆରମ୍ଭ କରି ସନ୍ଦୀପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ପୋଲିସ। ମାତ୍ର ସନ୍ଦୀପଙ୍କର ଏହା ଆଇନତଃ ପ୍ରଥମ ବିବାହ ହୋଇଥିବାରୁ ପୋଲିସ ଏହି ବିବାହକୁ ଅଟକାଇ ପାରି ନାହିଁ।

# ବର୍ଷକରେ ୨୦ ସନ୍ତାନ



**ମସ୍କୋ:** ରୁଷିଆର ଜଣେ ମହିଳା ବର୍ଷକ ମଧ୍ୟରେ ୨୦ ସନ୍ତାନର ମା' ହୋଇଛନ୍ତି। ୨୩ ବର୍ଷୀୟା କ୍ରିଷ୍ଟିନାଙ୍କ ସ୍ୱାମୀ ଗ୍ୟାଲିପ ଜଣେ କୋଟିପତି। ଗ୍ୟାଲିପ ଚାହାନ୍ତି ଗୋଟିଏ ବଡ଼ ପରିବାର। ୫୬ ବର୍ଷୀୟ ଗ୍ୟାଲିପ ଆଗରୁ ବିବାହ କରିଥିଲେ। କ୍ରିଷ୍ଟିନାଙ୍କ ସହ ତାଙ୍କର ପରେ ଦେଖାସାକ୍ଷାତ ହୋଇଥିଲା। କ୍ରିଷ୍ଟିନା କହିଛନ୍ତି ୨୦ ପିଲାଙ୍କ ମା' ହେବା ପାଇଁ ସେ ସରୋଗେସିର ସାହାଯ୍ୟ ନେଇଥିଲେ। ପୂର୍ବରୁ ତାଙ୍କ ସ୍ୱାମୀଙ୍କର ଏକ ୬ ବର୍ଷର ପିଲା ଥିଲା। ତାଙ୍କର ୨୦ ସନ୍ତାନ ଏବଂ ପୂର୍ବରୁ ଥିବା ସନ୍ତାନକୁ ମିଶାଇ ବର୍ତ୍ତମାନ ୨୧ ଜଣ। ସେ ସରୋଗେସି ପାଇଁ ୧ କୋଟି ୪୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କ୍ରିଷ୍ଟିନା କୁହନ୍ତି ସମସ୍ତ ପିଲାଙ୍କ ପାଇଁ ସପ୍ତାହରେ ତାଙ୍କର ୩ରୁ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941Oାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

## କେମିତି ରହିବ ଆଜିର ପାଗ

ରାଜ୍ୟ- ଆଗାମୀ ୨୪ ଘଣ୍ଟା ମଧରେ ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, କଟକ, ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ମାରିପାରେ। ରବିବାର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୮ ଡିଗ୍ରୀ ସେଲ୍‌ସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୮ | ୨୮.୧ |
| ଚାନ୍ଦବାଲି | ୩୮.୦ | ୨୬.୯ |
| କଟକ | ୩୭.୬ | ୨୭.୨ |
| ପାରାଦୀପ | ୩୩.୨ | ୨୯.୫ |
| ଭୁବନେଶ୍ୱର | ୩୮.୨ | ୨୮.୨ |
| ଗୋପାଳପୁର | ୩୩.୫ | ୨୮.୭ |
| ପୁରୀ | ୩୪.୮ | ୨୯.୬ |
| ଅନୁଗୋଳ | ୩୯.୧ | ୨୮.୦ |
| ବାରିପଦା | ୩୮.୦ | ୨୭.୪ |
| ଝାରସୁଗୁଡ଼ା | ୩୭.୬ | ୨୭.୦ |
| କେନ୍ଦୁଝର | ୩୫.୬ | ୨୫.୨ |
| ସମ୍ବଲପୁର | ୩୯.୪ | ୨୭.୮ |
| ସୁନ୍ଦରଗଡ଼ | ୪୦.୫ | ୨୬.୦ |
| ହୀରାକୁଦ | ୩୮.୫ | ୨୬.୬ |
| ତାଳଚେର | ୩୮.୩ | ୨୭.୦ |
| ଭବାନୀପାଟଣା | ୩୯.୬ | ୨୭.୦ |
| ବଲାଙ୍ଗୀର | ୪୦.୩ | – |
| କୋରାପୁଟ | ୩୨.୬ | ୨୧.୬ |
| ଫୁଲବାଣୀ | ୩୪.୨ | ୨୩.୫ |
| ଟିଟିଲାଗଡ଼ | ୪୧.୨ | ୨୬.୮ |
| ମାଲକାନଗିରି | ୩୯.୦ | ୨୫.୦ |
| ସୋନପୁର | ୩୯.୪ | ୨୫.୮ |
| ଦାରିଙ୍ଗିବାଡ଼ି | ୩୭.୫ | ୨୦.୪ |
| ନୟାଗଡ଼ | ୩୭.୫ | ୨୫.୦ |
| ବୌଦ୍ଧ | ୩୯.୦ | ୨୬.୫ |
| ଛତ୍ରପୁର | – | ୨୬.୦ |
| ପାରଳାଖେମୁଣ୍ଡି | ୩୮.୦ | ୨୬.୦ |
| ରାୟଗଡ଼ା | – | ୨୪.୬ |

ଡିଗ୍ରୀ ସେଲ୍‌ସିୟସ୍

# ଅଭିନୟ ପାଇଁ ବିକିଥିଲେ ସ୍ତ୍ରୀଙ୍କ ଗହଣା


ଶାରିବ ହାସ୍‌ମୀ

**ବମ୍ବେ:** ଆମାଜନ ପ୍ରାଇମ୍‌ରେ ରିଲିଜ ହୋଇଛି ଲୋକପ୍ରିୟ ୱେବ ସିରିଜ 'ଦ ଫାମିଲି ମ୍ୟାନ'ର ଦ୍ୱିତୀୟ ସିଜିନ। ଏହି ସିଜିନ୍‌ରେ ପୁରୁଣା ଅଭିନେତାଙ୍କ ସହ ଅନେକ ନୂଆ ମୁହଁ ଦେଖିବାକୁ ମିଳିଛି। ସେଭଳି ଏକ ଚରିତ୍ର ହେଲା ଜେ.କେ.ତଲପଡେ। ଶାରିବ ହାସ୍‌ମୀ ଏହି ଭୂମିକାରେ ନଜର ଆସୁଛନ୍ତି। ୨୦୦୮ରେ ଓସ୍କାର ଜିତିଥିବା ଫିଲ୍ମ 'ସ୍ଲମଡଗ୍ ମିଲିୟେନାୟର'ରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ ଶାରିବ। ୨୦୧୨ରେ ଶାହାରୁଖଙ୍କ ଫିଲ୍ମ 'ଜବ୍ ତକ୍ ହେ ଜାନ୍'ରେ ମଧ ନଜର ଆସିଥିଲେ। ପିଲାଦିନରୁ ଅଭିନେତା ହେବାକୁ ଚାହୁଁଥିଲେ ଶାରିବ। ଅଭିନୟ ପାଇଁ ସେ ନିଜ ସ୍ତ୍ରୀଙ୍କ ଗହଣା ବିକ୍ରି କରିବାକୁ ପଛାଇନାହାନ୍ତି। ପୂର୍ବରୁ ସେ ଚାକିରି କରୁଥିଲେ। ସେତେବେଳେ ଦୁଇଟି ଫିଲ୍ମ ଦେଖି ଅଭିନୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଚାକିରି ଛାଡ଼ି ଦେଇଥିଲେ। ଅର୍ଥ ଅଭାବ ହେବାରୁ ଘର ଚଳାଇବା ପାଇଁ ସେ ଗାଡ଼ି ବିକି ଦେଇଥିଲେ, ଛୁଆମାନଙ୍କ ପାଇଁ ରଖିଥିବା ଟଙ୍କା ଏବଂ ସ୍ତ୍ରୀଙ୍କ ଗହଣା ବିକିବା ଯାଏ କଥା ଯାଇଥିଲା। ଶେଷରେ ସେ ପୁଣିଥରେ ଚାକିରି କରିଥିଲେ। ଏହି ସମୟରେ ତାଙ୍କ ନିକଟକୁ ଏକ ଶର୍ଟଫିଲ୍ମର ଅଫର ଆସିଥିଲା। ଏହା ୟୁଟ୍ୟୁବ୍‌ରେ ବେଶ୍ ଭାଇରାଲ ହୋଇଥିଲା। ସେବେଠାରୁ ସେ ପଛକୁ ଫେରି ଚାହିଁ ନାହାନ୍ତି।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ.ଦୁଃଶାସନ ସାହୁ
ଆବିର୍ଭାବ: ୦୧।୦୬।୧୯୭୦
ତିରୋଧାନ: ୨୭।୦୫।୨୦୨୧
ବାବା, ପ୍ରତି ମୁହୂର୍ତ୍ତରେ ଆପଣଙ୍କର ଅନୁପସ୍ଥିତି ଆମ୍ଭେ ଅନୁଭବ କରୁଛୁ ଓ କରୁଥିବୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଆମ୍ଭେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ: ସ୍ତ୍ରୀ: ଶୈଳବାଳା, ପୁଅ: ପୁପୁନ୍, ଝିଅ: ପାପୁନୀ, ପରିବାର ଓ ବନ୍ଧୁବର୍ଗ ।
ଧ-୨୦୮୩୯

# ରୁଚିକୁ ମିଳିଲା ନୂଆ ଦିଗ



**ବିଭିନ୍ନ ଦିଗ ପ୍ରତି ଥାଏ ରୁଚି । ହେଲେ କେବେ ସମୟ ଅଭାବରୁ ତ ଆଉ କେବେ ପ୍ରୋତ୍ସାହନ ଅଭାବରୁ ଏହା ନିଜ ଭିତରେ ଚାପି ହୋଇ ରହିଯାଉଥିଲା ଅନେକଙ୍କ ଠାରେ। ମାତ୍ର ଏବେ ବଦଳିଛି ସମୟ। ୟୁଟ୍ୟୁବ୍ ଚ୍ୟାନେଲ୍ ଜରିଆରେ ନିଜ ରୁଚିକୁ କଳାତ୍ମକ ରୂପ ଦେଇ ଲୋକଲୋଚନକୁ ଆଣିବାରେ ଅନେକଙ୍କୁ ମିଳିଛି ଏକ ନୂଆ ଦିଗ...**

## ଭ୍ଲଗ୍ ଦେଲା ରୁଚି ପୂରଣର ସୁଯୋଗ

କିଛି ନୂଆ କରିବାର ଇଚ୍ଛା ପିଲାବେଳୁ ଥିଲା। ଯେତେବେଳେ ୟୁଟ୍ୟୁବ୍‌ରେ ବିଭିନ୍ନ ନୂଆ ନୂଆ ଭ୍ଲଗ ସବୁ ଦେଖିଲି ଏଥିପ୍ରତି ଆଗ୍ରହ ବଢ଼ିଲା। ବିଶେଷକରି ରାଜ୍ୟ ବାହାରେ ଏବଂ ବିଦେଶରେ ରହୁଥିବା କେତେ ଜଣ ଓଡ଼ିଆ ଭ୍ଲଗରଙ୍କ ଲାଇଫଷ୍ଟାଇଲ୍ ଭ୍ଲଗ୍‌ଗୁଡ଼ିକ ମୋତେ ବହୁ ପ୍ରଭାବିତ କଲା। ନିଜେ ମଧ୍ୟ ଏଭଳି ଏକ ଭ୍ଲଗ୍ କରିବାକୁ ଚାହୁଁଥିଲେ ସୁଦ୍ଧା ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ଦେଇପାରୁ ନ ଥିଲି। କିନ୍ତୁ କରୋନା ଲାଗି ଗତବର୍ଷ ଯେବେ ପ୍ରଥମ ଲକ୍‌ଡାଉନ୍ ଆରମ୍ଭ ହେଲା ଏବଂ ସମ୍ପୂର୍ଣ୍ଣ ଘରେ ରହିବାକୁ ପଡ଼ିଲା, ସେତେବେଳେ 'ଭ୍ଲଗ୍ ଅନ୍ ୱିଥ୍ ଆଲୋକ' ନାମରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଆରମ୍ଭ କଲି। ପରିବାର ଏବଂ ସାଙ୍ଗସାଥୀଙ୍କ ପ୍ରଶଂସା ଏବଂ ପ୍ରୋତ୍ସାହନ ଏ ଦିଗରେ ଆଗକୁ ବଢ଼ିବାରେ ବେଶ୍ ଉତ୍ସାହିତ କରିଥିଲା। ବର୍ତ୍ତମାନ ସୁଦ୍ଧା ମୋ ଚ୍ୟାନେଲ୍‌ରେ ୬୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଟ୍ରାଭେଲ୍, ଫୁଡ୍, ହେଲ୍‌ଥକେୟାର ଏବଂ ଅନ୍ୟାନ୍ୟ ଲାଇଫଷ୍ଟାଇଲ୍ ଭ୍ଲଗ୍ ପୋଷ୍ଟ କରିସାରିଲିଣି। ଏଥିରେ ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ବଢ଼ିବା ସହ ନିକଟରେ ମନିଟାଇଜ୍ ହୋଇଥିବାରୁ ଭଲ ଲାଗୁଛି। ଯଦିଓ ଏଭଳି ଭିଡିଓରେ ଖର୍ଚ୍ଚ ଅଧିକ, ତଥାପି ଏହା ଦ୍ୱାରା ନିଜ ରୁଚିକୁ ପୂରଣ କରିବାର ସୁଯୋଗ ମିଳିବା ସହ ଲୋକଙ୍କୁ ବିଭିନ୍ନ ନୂଆ ଜିନିଷ ଦେଖିବାର ସୁଯୋଗ ମିଳୁଛି। ତେବେ ଭବିଷ୍ୟତରେ ଏହା ଭଲ ରୋଜଗାରର ମାଧ୍ୟମ ସାଜିବ ବୋଲି ଆଶା ରଖିଛି।

– **ଆଲୋକ କୁମାର ଲାଲ୍** (ଭ୍ଲଗର୍, କଟକ)



ଆଲୋକ



ପୂଜା



ସଙ୍ଗୀତା

## ପ୍ରତିଭା ବିକାଶର ସୁଯୋଗ ଦେଉଛି ୟୁଟ୍ୟୁବ୍

ନିଜ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ୟୁଟ୍ୟୁବ୍ ବର୍ତ୍ତମାନ ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ଯେଉଁଥିରେ ମୁଁ ମଧ୍ୟ ପାଣ୍ଟିଂ ପ୍ରତି ଥିବା ମୋ ରୁଚିକୁ ଏକ ନୂଆ ଦିଗ ଦେବାରେ ସଫଳ ହୋଇପାରିଛି। ତେବେ ଭାଇ ଭଉଣୀ ଏବଂ ପରିବାର ଲୋକେ ମୋତେ ନିଜ ପେଣ୍ଟିଂର ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ପୋଷ୍ଟ କରିବାକୁ ପ୍ରେରଣା ଦେଇଥିଲେ। ତେଣୁ 'ପେଣ୍ଟିଂ ଆଜ୍ ନେଭର ବିଫୋର' ନାମରେ ଏକ ଚ୍ୟାନେଲ ଆରମ୍ଭ କଲି। ମୋ ପେଣ୍ଟିଂ ଭିଡିଓକୁ ଯେତେବେଳେ ଅନ୍ୟମାନେ ପସନ୍ଦ କରିବା ସହ ଏଥିରୁ ଶିଖିବାକୁ ସହଜ ହେଉଛି ବୋଲି କମେଣ୍ଟ କରୁଛନ୍ତି, ଶ୍ରମ ସାର୍ଥକ ହେଇଗଲା ପରି ମନେ ହେଉଛି। ନୂଆ ନୂଆ ଆରମ୍ଭ କରିଥିବାରୁ ବର୍ତ୍ତମାନ ସୁଦ୍ଧା ଯଦିଓ ଅଧିକ ଭିଡିଓ ପୋଷ୍ଟ କରିନାହିଁ, କିନ୍ତୁ ଭ୍ୟୁଅର୍ସଙ୍କ ପ୍ରଶଂସା ଆଗକୁ ଆହୁରି ନୂଆ ନୂଆ ଭିଡିଓ ପୋଷ୍ଟ କରିବାର ଉତ୍କଣ୍ଠା ସୃଷ୍ଟି କରୁଛି। କେବଳ ଆକ୍ରିଲିକ୍ ପେଣ୍ଟିଂ ନୁହେଁ, ବିଭିନ୍ନ ନୂଆ ନୂଆ ଆର୍ଟ ଶୈଳୀକୁ ନେଇ ଅନେକ ଏକ୍ସପେରିମେଣ୍ଟ କରିବା ସହ ଅନ୍ୟମାନଙ୍କୁ ଶିଖାଇବା ଲାଗି ଭିଡିଓ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି।


– **ପୂଜା ସାହୁ** (+୨, ୨ୟବର୍ଷ, ଲକ୍ଷେଶ୍ୱର ଓମେନ୍ସ କଲେଜ, ଫୁଲନଖରା, କଟକ)

## ଦର୍ଶକଙ୍କ ପ୍ରଶଂସା ଉତ୍ସାହିତ କରୁଛି

ଖାଇବାକୁ କିଏ ବା ଭଲ ନ ପାଏ। ନିଜ କଥା କହିବି, ଭଲ ଖାଇବା ସହ ସମସ୍ତଙ୍କୁ ନୂଆ ନୂଆ ଖାଦ୍ୟ ରାନ୍ଧି ଖୁଆଇବାକୁ ମୋତେ ଭାରି ଖୁସି ଲାଗେ। ଆଉ ଏଥିପାଇଁ ଅନେକ ସମୟରେ ୟୁଟ୍ୟୁବ୍‌ରୁ ଆଇଡିଆ ନିଏ। ଥରେ ମୋ ମନରେ ବି ନିଜେ ରାନ୍ଧୁଥିବା ଖାଦ୍ୟର ରେସିପି ଅନ୍ୟମାନଙ୍କ ସହ ଶେୟାର କରିବାର ଇଚ୍ଛା ହେଲା। ଯେହେତୁ ଆମେ ସୁଦ୍ଧା ଶାକାହାରୀ, ତେଣୁ ଲୋକେ ଏହାର ରେସିପି ଲୋକଙ୍କୁ ଭଲ ଲାଗିବ ଭାବି ଗତବର୍ଷ ଲକ୍‌ଡାଉନ୍ ସମୟରେ 'ସଙ୍ଗୀତା କୁକ୍ ଏନ୍ ଭ୍ଲଗ୍' ନାମରେ ଏକ ଚ୍ୟାନେଲ୍ ଆରମ୍ଭ କଲି। ଘର ଖାଦ୍ୟ ରାନ୍ଧିବା ପରେ ଫ୍ରି ଟାଇମ୍ ମିଳିଲେ ଭିଡିଓ ପାଇଁ ଅଲଗା ରାନ୍ଧେ। ଏଥିପାଇଁ ସାମଗ୍ରୀ ଯୋଗାଡ଼ କରିବା, ଭିଡିଓ ରେକର୍ଡ କରିବା, ଏଡିଟିଂ ଆଦି ପାଇଁ ବହୁ ସମୟ ଲାଗିଥାଏ। ତେବେ ଏସବୁ ଲାଗି ପରିବାରର ସମ୍ପୂର୍ଣ୍ଣ ସହଯୋଗ ରହିଥିବାରୁ ବର୍ତ୍ତମାନ ସୁଦ୍ଧା ୪୦ରୁ ଅଧିକ ଭିଡିଓ ଅପ୍‌ଲୋଡ୍ କରିସାରିଛି। ଭିଡିଓ ଦେଖି ଯେବେ ଅନ୍ୟମାନେ ମୋ ରେସିପି ଟ୍ରାଏ କରନ୍ତି ଏବଂ ପଜିଟିଭ୍ ଫିଡ୍‌ବ୍ୟାକ୍ ଦିଅନ୍ତି ସେହି ଖୁସି ଅବର୍ଣ୍ଣନୀୟ। ସତ କହିବାକୁ ଗଲେ ଭ୍ୟୁୟର୍ସଙ୍କ ପ୍ରଶଂସା ହିଁ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଏ। ଆଗକୁ ଚ୍ୟାନେଲ୍ ଅଧିକ ଲୋକପ୍ରିୟ କରାଇବା ଲାଗି ନୂଆ ନୂଆ ରେସିପି ଶେୟାର କରିବି ଏବଂ ଭବିଷ୍ୟତରେ ଏହା ମୋ ପାଇଁ ଭଲ ରୋଜଗାରର ମାଧ୍ୟମ ହୋଇପାରିବ ବୋଲି ଆଶା ରହିଛି।

– **ସଙ୍ଗୀତା ମହାରଣା** (ୟୁଟ୍ୟୁବର, ତୁଳସୀ ନଗର, ବଲାଙ୍ଗୀର)








## ୟୁଥ୍ ଆଲର୍ଟ

# କମ୍ପ୍ୟୁଟରରେ କାମ କରୁଥିଲେ...



**ବର୍ତ୍ତମାନ କର୍ମଜୀବୀଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କ ପର୍ଯ୍ୟନ୍ତ ଅନେକଙ୍କୁ ଅଧିକାଂଶ ସମୟ କମ୍ପ୍ୟୁଟର ବ୍ୟବହାର କରିବାକୁ ପଡୁଛି। ଫଳରେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିବା, ଟାଇପ୍ କରିବା, କମ୍ପ୍ୟୁଟରକୁ ଚାହିଁବା ଇତ୍ୟାଦି ଯୋଗୁ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦେଉଛି। ଏହାକୁ ଦୂର କରିବା ଲାଗି କେତୋଟି ଘରୋଇ ଉପଚାର ଆପଣାଇଲେ ଅଧିକ ଉପକୃତ ହୋଇପାରିବେ...**

➤କମ୍ପ୍ୟୁଟରରେ କାମ କରିବା ବେଳେ ଭୁଲ ବସିବା ଶୈଳୀ ମଧ୍ୟ କେତେକାଂଶରେ ସ୍ପଣ୍ଡିଲାଇଟିସ୍ ପାଇଁ ଦାୟୀ। ତେଣୁ ଏକ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ। ଯଦି ବେକ, ଅଣ୍ଟା, ମେରୁଦଣ୍ଡ ଆଦିରେ ଯନ୍ତ୍ରଣା ଆରମ୍ଭ ହୁଏ, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ଜାଗାରୁ ଉଠି ଚଲାବୁଲା କରନ୍ତୁ।

➤ପ୍ରତିଦିନ ଯୋଗ କରିବା ଦ୍ୱାରା ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ ହୋଇଥାଏ। ବିଶେଷକରି ଶାଳଭାସନ, ବକ୍ରାସନ, ଅର୍ଦ୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ବେଶ୍ ଉପକାରୀ। ତେବେ କୌଣସି ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଏହାକୁ କରିବା ନିରାପଦ।

➤କମ୍ପ୍ୟୁଟରରେ ବେଶୀ ସମୟ କାମ କରି ଯଦି ବେକ କିମ୍ବା ଅନ୍ୟ ସ୍ଥାନରେ ଯନ୍ତ୍ରଣା ହେଉଥାଏ, ତେବେ ଉକ୍ତ ସ୍ଥାନରେ ଆଇସ୍ ପ୍ୟାକ୍ ଲଗାନ୍ତୁ। ନଚେତ୍ ଆପଣ ହିଟିଂ ପ୍ୟାଡ୍‌ରେ ବି ସେକି ପାରିବେ।

➤ଯେହେତୁ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି କାମ କରିବା ଦ୍ୱାରା ବେକ ଅଧିକ ପ୍ରଭାବିତ ହୋଇଥାଏ, ତେଣୁ ଏଥିରୁ ଉପଶମ ପାଇବା ଲାଗି ବିଭିନ୍ନ ପ୍ରକାରର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ କରନ୍ତୁ।



## ଏ ସପ୍ତାହର ପ୍ରଶ୍ନ

୧– ଡାଲ୍ ହ୍ରଦ............ ସହରରେ ଅବସ୍ଥିତ ?
୨– ଆଇଏସ୍ଯୁର ଫୁଲ୍‌ଫର୍ମ............... ?
୩– ଟିଆନ୍‌ଝୌ–୨......... ଦେଶର ସ୍ପେଶ୍‌କ୍ରାଫ୍ଟ ?
୪– ଡିଆର୍‌ଡିଓ ଦ୍ୱାରା ପରୀକ୍ଷଣ ହୋଇଥିବା ସ୍ୱଦେଶୀ ଆଣ୍ଟି ରେଡିଏଶନ୍ ମିସାଇଲ୍‌ର ନାମ............. ?
୫– ଖରାଦିନଯାକ ରହିଲୁ ବସି ଚତୁର୍ମାସିଆକୁ ............... ?

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ଡାଇଆମୋନିୟମ୍ ଫସ୍‌ଫେଟ୍
୩ ଅର୍ଜନ ଭୁଲାର
୪ ଲକ୍‌ହିଡ୍ ମାର୍ଟି ଏବଂ ବୋଇଂ
୫ ଓଡ଼ିଶା

## ଉତ୍ତରଦାତା



ପ୍ରତୀକ୍ଷା ରାଉତରାୟ, ଭୁବନେଶ୍ୱର



ଚିନ୍ମୟ କୁମାର ନାୟକ, ଆବୁଧାବି



ସୁଦୀପ୍ତ କୁମାର ବେହେରା, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦



### ସର୍ବାଧିକ ଜନଗହଳି ବନ୍ଦର

୧– ସାଙ୍ଘାଇ ପୋର୍ଟ.................... ସାଙ୍ଘାଇ
୨– ସିଙ୍ଗାପୁର ପୋର୍ଟ.................... ସିଙ୍ଗାପୁର
୩– ସେନ୍‌ଜେନ୍ ପୋର୍ଟ.................... ଚାଇନା
୪– ନିଙ୍ଗ୍‌ବୋ ପୋର୍ଟ .................... ଚାଇନା
୫– ପୋର୍ଟ ଅଫ୍ ବୁସାନ.................... ସାଉଥ୍ କୋରିଆ
୬– ପୋର୍ଟ ଅଫ୍ ହଂକଂ.................... ଚାଇନା
୭– ପୋର୍ଟ ଅଫ୍ ଗୁଆଙ୍ଗଝୌ .................... ଚାଇନା
୮– ପୋର୍ଟ ଅଫ୍ କିଙ୍ଗ୍‌ଡାଓ.................... ଚାଇନା
୯– ପୋର୍ଟ ଅଫ୍ ଦୁବାଇ.................... ଦୁବାଇ
୧୦– ପୋର୍ଟ ଅଫ୍ ଟିଆଞ୍ଜିନ୍.................... ଚାଇନା

## ଜାଣନ୍ତୁ ଦୁନିଆ

# ଲୁହା ଦାନ୍ତ ଥିବା ଜୀବ



**ପୃଥିବୀପୃଷ୍ଠରେ ଏଭଳି ଅନେକ ଜୀବ ଅଛନ୍ତି, ଯାହାର ବିଚିତ୍ର ଶାରୀରିକ ଗଠନ ମଣିଷକୁ ଆଶ୍ଚର୍ଯ୍ୟ କରିଥାଏ। ଠିକ୍ ସେଭଳି ଏକ ଜୀବ ହେଉଛି କ୍ରିପ୍ଟୋସିଟନ୍ ଷ୍ଟେଲେରି ବା ଓଣ୍ଡରିଂ ମିଟ୍‌ଲୋଫ୍। ଏହି ଜୀବର ଦାନ୍ତ ଲୁହାରେ ତିଆରି। ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...**

➔ଦାନ୍ତ ସାଧାରଣତଃ କ୍ୟାଲସିୟମ୍‌ରେ ତିଆରି ହୋଇଥିବା ବେଳେ ଏହି ଜୀବର ଦାନ୍ତ ଆଇରନ୍ ବା ଲୁହାରେ ତିଆରି ହୋଇଥିବା ଏକ ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି।

➔ଏହି ଭୟଙ୍କର ଜୀବଟି ନିଜ ଦାନ୍ତ ଦ୍ୱାରା ଅତି କଠିନ ଶିକାର ମଧ୍ୟ କରିପାରେ। ଏମିତିକି ଏହା ପଥରକୁ ମଧ୍ୟ ସହଜରେ ଦାନ୍ତରେ ଚୋବାଇ ଖାଇପାରେ। କେବଳ ଏତିକି ନୁହେଁ, ନିଜର ଶକ୍ତ ଦାନ୍ତ ପାଇଁ ଏହା ବଡ଼ ବଡ଼ ପଥରରେ ସୁଡ଼ଙ୍ଗ ମଧ୍ୟ କରିପାରେ।

➔ଏହା ଉଭୟ ସମୁଦ୍ର ଏବଂ ପଥୁରିଆ ସ୍ଥାନରେ ଦେଖିବାକୁ ମିଳେ।

➔ଏହା ଦେଖିବାକୁ ହାଲୁକା ଲାଲ୍ ଏବଂ ମାଟିଆ ରଙ୍ଗର ହୋଇଥିବା ବେଳେ ଏହାକୁ ହଠାତ୍ ଦେଖିଲେ ତଳେ ପଡ଼ିଥିବା ମାଂସ ପିଣ୍ଡୁଳାର ଭ୍ରମ ସୃଷ୍ଟି କରିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୬ ଜୁନ୍, ୨୦୨୧ Sambalpur, Sunday, June 6/2021

# ଭାରତ ବାହାରକୁ ଯିବ ଟି୨୦ ବିଶ୍ୱକପ୍

## ଆବୁଧାବି, ଦୁବାଇ, ଶାରଜା, ମସ୍କାଟରେ ମ୍ୟାଚ୍ ସମ୍ଭାବନା




**ନୂଆଦିଲ୍ଲୀ,୫।୬(ପି.ଟି.)**

ଆସନ୍ତା ଅକ୍ଟୋବର- ନଭେମ୍ବରରେ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍ ଭାରତରେ ନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏହି ମେଗା ଇଭେଣ୍ଟ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନକୁ ସ୍ଥାନାନ୍ତର ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନ୍ତରିକ ଭାବେ ଏ ନେଇ ପ୍ରସ୍ତୁତି ଆରମ୍ଭ କରିବାକୁ ଆଇସିସିକୁ ସୂଚନା ଦେଇଛି। ଭାରତରେ କୋଭିଡ୍-୧୯ ମହାମାରୀ ସ୍ଥିତି ଭୟାବହ ରହିଛି। ଏଭଳି ସ୍ଥିତିରେ ଭାରତରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବା ଏକପ୍ରକାର ଅସମ୍ଭବ ମନେହେଉଛି।

ୟୁଏଇ ପ୍ରଥମ ବିକଳ୍ପ ଭେନ୍ୟୁ ଭାବେ ଅନୁମୋଦନ ପାଇଛି। ଏବେ ଓମାନ ରାଜଧାନୀ ମସ୍କଟ ଚତୁର୍ଥ ଭେନ୍ୟୁ ଭାବେ ସାମିଲ ହୋଇଛି। ଆବୁଧାବି, ଦୁବାଇ ଓ ଶାରଜା ବିଶ୍ୱକପ ପାଇଁ ପ୍ରଥମ ୩ଟି ଭେନ୍ୟୁ ଭାବେ ଅନୁମୋଦନ ପାଇଥିଲା।

ବିଶ୍ୱକପ୍ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେବାକୁ ଆଇସିସି ବୋର୍ଡ ବୈଠକରେ ବିସିସିଆଇ ୪ ସପ୍ତାହର ସମୟ ଔପଚାରିକ ଭାବେ ମାଗିଥିଲା। ଆୟୋଜନ ଅଧିକାର ବଜାୟ ରଖିବା ସହ ଟୁର୍ନାମେଣ୍ଟକୁ ୟୁଏଇ ଓ ଓମାନରେ ଆୟୋଜନ କରିବା ନେଇ ଆଦୌ ଦ୍ୱିଧା କରାଯିବ ନାହିଁ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୧୬ଟି ଦଳକୁ ନେଇ ଆୟୋଜନ ହେବାକୁଥିବା ଏହି ବିଶ୍ୱକପ୍‌ର ପ୍ରିଲିମିନାରି ରାଉଣ୍ଡ ମ୍ୟାଚ୍‌ଗୁଡିକ ମସ୍କାଟରେ ଆୟୋଜନ ହେବ। ଯାହାଫଳରେ ୟୁଏଇର ୩ଟି ଗ୍ରାଉଣ୍ଡରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବାକିଥିବା ୩୧ଟି ମ୍ୟାଚ୍ ଆୟୋଜନ ହେବାରେ କୌଣସି ସମସ୍ୟା ରହିବ ନାହିଁ।

ଯଦି ଆଇପିଏଲ୍ ଅକ୍ଟୋବର ୧୦ ତାରିଖରେ ଶେଷ ହୁଏ ତା'ହେଲେ ବିଶ୍ୱକପର ୟୁଏଇ ଲେଗ୍ ନଭେମ୍ବରରେ ଆରମ୍ଭ ହୋଇପାରିବ। ଫଳରେ ବିଶ୍ୱକପ୍ ପାଇଁ ପିଚ୍‌ର ପୁନର୍ବିନ୍ୟାସ ତଥା ପ୍ରସ୍ତୁତି ପାଇଁ ୩ ସପ୍ତାହର ସମୟ ମିଳିଯିବ ଓ ଇତିମଧ୍ୟରେ ଓମାନରେ ବିଶ୍ୱକପର ପ୍ରଥମ ସପ୍ତାହ ମ୍ୟାଚ୍‌ଗୁଡିକ ଆୟୋଜନ ହୋଇପାରିବ। ଏବେ ଭାରତ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି ବୋଲି ଅଧିକାଂଶ ଆଇସିସି ହୃଦୟଙ୍ଗମ କରିଛନ୍ତି। ତେବେ ଅକ୍ଟୋବର ଓ ନଭେମ୍ବରରେ କିଭଳି ସ୍ଥିତି ହୋଇଥିବ ସେ ନେଇ କହିବା କଷ୍ଟକର।

ବ୍ୟବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତରେ ପ୍ରତିଦିନ ୧,୨୦,୦୦୦ କରୋନା ମାମଲା ରିପୋର୍ଟ ହେଉଛି। ଏହା ଏପ୍ରିଲ ଶେଷ ଓ ଚଳିତ ମାସ ପ୍ରାରମ୍ଭରେ ଆସୁଥିବା କରୋନ ମୁକାବିଲାର ପାଖାପାଖି ଏକ ତୃତୀୟାଂଶ। ଯଦି କରୋନାର ତୃତୀୟ ଲହର ଆସେ ତା'ହେଲେ ଅକ୍ଟୋବରରେ ସ୍ୱାସ୍ଥ୍ୟାବସ୍ଥା କିପରି ହେବ ତାହା ଅନୁମାନ କରିବା କଷ୍ଟକର ହେବ। ଏପରିସ୍ଥଳେ ୨୮ ଜୁନ୍‌ରେ ବିଶ୍ୱକପ୍ ଆୟୋଜନ ନେଇ କିପରି କୁହାଯାଇପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି। ପୁଣି ଦ୍ୱିତୀୟ ପ୍ରଶ୍ନ ହେଉଛି ସେପ୍ଟେମ୍ବରରେ ବିସିସିଆଇ ୮ଟି ଦଳ ବିଶିଷ୍ଟ ଆଇପିଏଲ୍‌କୁ ଆୟୋଜନ କରିବାକୁ ଦ୍ୱନ୍ଦ୍ୱରେ ରହୁଛି। ଏଭଳି ଅବସ୍ଥାରେ ଟି୨୦ ବିଶ୍ୱକପ୍ ଗୋଟିଏ ମାସ ମଧ୍ୟରେ କିପରି ଆୟୋଜନ ହୋଇପାରିବ। ମୌସୁମୀ ଉପରେ କୋଭିଡ୍-୧୯ର କୌଣସି ପ୍ରଭାବ ରହିବ ନାହିଁ ବୋଲି ବିସିସିଆଇ କର୍ମକର୍ତ୍ତା ଜାଣନ୍ତି। ଏହି ଟୁର୍ନାମେଣ୍ଟରେ ୨୪୦୦ କୋଟି ଟଙ୍କାର ରାଜସ୍ୱ ନେଇ ପ୍ରଶ୍ନ ରହିଛି। ଯଦି ଭାରତରେ କରୋନା ସ୍ଥିତିରେ ସୁଧାର ନ ଆସେ ତା'ହେଲେ ବିଦେଶୀ ତାରକା ଖେଳାଳିମାନେ କିପରି ଭାରତ ଆସିବେ ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ତେଣୁ ଏହି ଖେଳାଳିମାନେ ଆଇପିଏଲ୍ ଖେଳିବାକୁ ନିଶ୍ଚିତ ଭାବେ ୟୁଏଇ ଆସିବେ ଓ ପରେ ସେଠାରେ ଟି୨୦ ବିଶ୍ୱକପ୍ ଖେଳିବାକୁ ପସନ୍ଦ କରିବେ।

# ଭାରୋତ୍ତୋଳକ ଚୁମାକ୍ ସସ୍‌ପେଣ୍ଡ

**ଲାଉସାନେ, ୫।୬(ଏପି)**


ଦିମିତ୍ରୋ ଚୁମାକ୍

ୟୁରୋପିଆନ ୱେଟ୍‌ଲିଫ୍ଟିଂ ଚାମ୍ପିୟନ ଦିମିତ୍ରୋ ଚୁମାକ୍‌ଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ହୋଇଥିବା ଡୋପ୍ ଟେଷ୍ଟରୁ ସେ ନିଜକୁ ଦୂରେଇ ରଖିବା ଲାଗି ପ୍ରୟାସ କରିଥିଲେ। ଏଥିପାଇଁ ସେ ଲାଞ୍ଚ ଯାଚିଥିବା

## ଡୋପିଂ ଟେଷ୍ଟ ଲାଞ୍ଚ ମାମଲା

ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) କହିଛି। ଏପ୍ରିଲରେ ୧୦୯ କେଜି କାଟେଗୋରିରେ ୟୁରୋପିଆନ ଟାଇଟଲ ଜିତିବା ପରେ ୟୁକ୍ରେନ୍‌ର ଏହି ଭାରୋତ୍ତୋଳକଙ୍କୁ ଟୋକିଓ ଗେମ୍ସ ପାଇଁ ଜଣେ ପଦକ ଦାବିଦାର ବୋଲି ବିବେଚନା କରାଯାଉଛି। ଏହାଥିଲା ତାଙ୍କ କ୍ୟାରିୟରର ତୃତୀୟ ମହାଦେଶୀୟ ସ୍ୱର୍ଣ୍ଣ ପଦକ। ଇଣ୍ଟରନ୍ୟାଶନାଲ ୱେଟ୍‌ଲିଫ୍ଟିଂ ଫେଡେରେଶନ ପାଇଁ ଡ୍ରଗ୍ ଟେଷ୍ଟିଂ କାର୍ଯ୍ୟ କରୁଥିବା ଆଇଟିଏର ଅଭିଯୋଗ ଅନୁସାରେ ଚୁମାକ୍‌ଙ୍କୁ ମେ' ୬ରେ ଡ୍ରଗ୍ ଟେଷ୍ଟିଂ ସାମ୍ପଲ ପାଇଁ କୁହାଯାଇଥିଲା। ସେ ସାମ୍ପଲ ଦେବାକୁ ମନା କରିବା ସହ ଏହାକୁ ଏଡାଇ ଦେବାକୁ ଚାହିଁଥିଲେ। ଟେଷ୍ଟିଂ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା ଡୋପିଂ କଣ୍ଟ୍ରୋଲ ଅଫିସରମାନଙ୍କୁ ସେ ଲାଞ୍ଚ ଯାଚି ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଏଥିରୁ ସନ୍ଦେହ କରାଯାଉଛି ଯେ ଚୁମାକ୍ ନିଷିଦ୍ଧ ଦ୍ରବ୍ୟ ସେବନ କରିଛନ୍ତି କିମ୍ବା ଚେଷ୍ଟା କରିଛନ୍ତି। ଏହାଛଡ଼ା ଆଣ୍ଟି ଡୋପିଂ ପ୍ରକ୍ରିୟାରେ ଟ୍ୟାମ୍ପରିଂ କରିବା ଲାଗି ପ୍ରୟାସ କରିଛନ୍ତି। ଏହି ସବୁ ଅଭିଯୋଗରୁ ଶୁଣାଣି ହେଲା ପର୍ଯ୍ୟନ୍ତ ୟୁକ୍ରେନର ଏହି ଭାରୋତ୍ତୋଳକ ସସ୍‌ପେଣ୍ଡ ରହିବେ। ଏହି ଘଟଣାରେ ତାଙ୍କ କୋଚ୍ ମିଖାଇଲୋ ମାତ୍‌ସୋଖାଙ୍କୁ ମଧ୍ୟ ସସ୍‌ପେଣ୍ଡ କରାଯାଇଛି। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଦଶନ୍ଧି ଦଶନ୍ଧି ଧରି ୱେଟ୍‌ଲିଫ୍ଟିଂରେ ଷ୍ଟେରଏଡ୍‌ର ବ୍ୟବହାର ନଜରକୁ ଆସିଛି। ଅଲିମ୍ପିକ୍ସ ଓ କେତେକ ପ୍ରମୁଖ ଇଭେଣ୍ଟରେ ଡୋପିଂ ପାଇଁ କେତେଜଣ ଅଗ୍ରଣୀ ଆଥ୍‌ଲେଟ୍ ସସ୍‌ପେଣ୍ଡ ମଧ୍ୟ ହୋଇଛନ୍ତି।

# ପ୍ରଥମ ଟେଷ୍ଟ: ନ୍ୟୁଜିଲାଣ୍ଡ ଅଗ୍ରଣୀ

**ଲର୍ଡ୍ସ,୫।୬**



ଓଲି ପୋପ୍‌ଙ୍କ ଉଇକେଟ ପତନ ପରେ ଟିମ୍ ସୌଦି।

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୨୨.୪ ଓଭରରେ ୩୭୮ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ

## ସୌଦିଙ୍କୁ ୬ ଉଇକେଟ

ଇନିଂସ ଆରମ୍ଭ କରି ଶନିବାର ଚତୁର୍ଥ ଦିବସ ଚା'ପାନ ବିରତି ସୁଦ୍ଧା ୧୦୧.୧ ଓଭରରେ ୨୭୫ ରନକରି ଅଲଆଉଟ ହୋଇଛି। ଫଳରେ ନ୍ୟୁଜିଲାଣ୍ଡ ୧୦୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ବର୍ଷା କାରଣରୁ ତୃତୀୟ ଦିନର ଖେଳ ଧୋଇଯାଇଥିଲା। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିଥିଲା। ଦଳ ତରଫରୁ ୨୯ ବର୍ଷୀୟ ଓପନର ଡେଭନ କନ୍‌ୱେ ୨୦୦ ରନର ଶତକୀୟ ଇନଂସ ଖେଳି ଇତିହାସ ସୃଷ୍ଟି କରିଥିଲେ। ଲର୍ଡ୍ସରେ ପଦାର୍ପଣରେ ଦ୍ୱିଶତକ ହାସଲ କରି ସେ ରେକର୍ଡ କରିଥିଲେ। ଯାହାଫଳରେ ନ୍ୟୁଜିଲାଣ୍ଡ ଅଗ୍ରଣୀ ହେବାର ସୁଯୋଗ ହାସଲ କରିଛି।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୧୧/୨ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଓପନର ରୋରି ବର୍ନ୍ସ ୫୯ ରନରୁ ଖେଳ ଆରମ୍ଭ କରି ୧୩୨ ରନର ଲଢୁଆ ଶତକୀୟ ଇନିଂସ ଖେଳି ଶେଷ ଉଇକେଟ ଭାବେ ଟିମ୍ ସୌଦିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଜୋ ରୁଟ୍ ୪୨, ଓଲି ରବିନ୍‌ଶନ ୪୨, ଓଲି ପୋପ ୨୨, ଷ୍ଟୁଆର୍ଟ ବ୍ରଡ୍ ୧୦ ରନକରି ଆଉଟ ହୋଇଥିଲେ ଓ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ନ ଥିଲେ। ଡମ୍ ସିବ୍‌ଲି, ଡାନ ଲରେନ୍ସ, ଉଇକେଟକିପର ବ୍ୟାଟ୍ସମ୍ୟାନ ଜେମ୍ସ ବ୍ରେସି ଓ ମାର୍କ ଉଡ୍ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ସର୍ବାଧିକ ୬, କାଏଲ ଜେମିସନ ୩ ଓ ନିଲ ୱାଗନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୨୨.୪ ଓଭରରେ ୩୭୮ ଅଲ୍‌ଆଉଟ। ଇଂଲଣ୍ଡ ପ୍ରଥମ ଇନିଂସ- ୧୦୧.୧ ଓଭରରେ ୨୭୫ ଅଲ୍‌ଆଉଟ (ରୋରି ବର୍ନ୍ସ- ୧୩୨, ଜୋ ରୁଟ୍- ୪୨, ଓଲି ରବିନ୍‌ଶନ- ୪୨, ଟିମ ସୌଦି- ୬/୪୩, କାଏଲ ଜେମିସନ- ୩/୮୫)।

# ଦୋହାରେ ମିଡ୍ ଫିଲ୍ଡର ଅନିରୁଦ୍ଧଙ୍କୁ କରୋନା



ଅନିରୁଦ୍ଧ ଥାପା

**ନୂଆଦିଲ୍ଲୀ, ୫।୬ (ପି.ଟି.):** ଭାରତୀୟ ଫୁଟ୍‌ବଲ ଦଳର ମିଡ୍‌ଫିଲ୍ଡର ଅନିରୁଦ୍ଧ ଥାପା କରୋନା ସଂକ୍ରମିତ ହୋଇଛନ୍ତି। କୋଭିଡ୍ ଟେଷ୍ଟରୁ ପଜିଟିଭ ଜଣାପଡ଼ିବା ପରେ ଦୋହାସ୍ଥିତ ଟିମ୍ ହୋଟେଲରେ ଏକ ସ୍ୱତନ୍ତ୍ର ରୁମ୍‌ରେ ସେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଦୋହାଠାରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ଏସିଆନ ଚାମ୍ପିୟନ କାତାରଠାରୁ ୦-୧ ଗୋଲରେ ପରାଜିତ ହୋଇଥିଲା। ଉଭୟ ବିଶ୍ୱକପ୍ ଓ ଏସିଆନ କପ୍ ପାଇଁ ମିଳିତ ଭାବେ ଖେଳାଯାଉଥିବା କ୍ୱାଲିଫାୟର୍ସରୁ ଏହା ଅନ୍ୟତମ ମ୍ୟାଚ୍ ଥିଲା। ଏହାର ଦିନକ ପୂର୍ବରୁ ଅର୍ଥାତ୍ ବୁଧବାର କୋଭିଡ୍ ଟେଷ୍ଟ ଫଳାଫଳ ବାହାରିଥିଲା। ଚେନ୍ନାଇନ୍ ଏଫ୍‌ସି ଏହି ୨୩ ବର୍ଷୀୟ ଖେଳାଳିଙ୍କର ଆଉ କିଛିଦିନ ପରେ କରୋନା ଟେଷ୍ଟ ହେବ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ଅନିରୁଦ୍ଧ ଭାରତ ପାଇଁ ୨୦ଟି ମ୍ୟାଚ ଖେଳିଛନ୍ତି। ଭାରତ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ଦୌଡ଼ରୁ ବାଦ୍ ପଡ଼ିସାରିଛି।

# ଲେକ୍‌ରେକ୍‌ଙ୍କୁ ପୋଲ୍ ପୋଜିଶନ

**ବାକୁ, ୫।୬ (ଏପି):** ଆଜରବୈଜାନ ଫର୍ମୁଲାୱାନ ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଫଳରେ ରବିବାର ସେ ଷ୍ଟାର୍ଟିଂ ପୋଜିଶନରୁ ରେସ ଆରମ୍ଭ କରିବେ। ଲେକ୍‌ରେକ୍ ୧ ମିନିଟ ୪୧.୨୧୮ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ତାଙ୍କ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଚାମ୍ପିୟନଶିପ୍ ଲିଡର ତଥା ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଓ ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ରହିଥିଲେ। ବାକୁ ଟ୍ରାକ୍‌ରେ ସିରିଜ ଦୁର୍ଘଟଣା ଦେଖିବାକୁ ମିଳିଥିଲା। ଫଳରେ ୪ଥର ରେଡ୍ ଫ୍ଲାଗ୍ ହୋଇଥିଲା। ଲେକ୍‌ରେକ୍ କ୍ରମାଗତ ଦ୍ୱିତୀୟ ଗ୍ରାଁ ପ୍ରିରେ ପୋଲ ପୋଜିଶନ ହାସଲ କରିପାରିଛନ୍ତି। ଦୁଇ ସପ୍ତାହ ପୂର୍ବେ ମୋନାକୋ ଗ୍ରାଁ ପ୍ରିର କ୍ୱାଲିଫାଇଂ ରେସ୍‌ର ଶେଷ ଭାଗରେ ତାଙ୍କ ଫେରାରି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତଥାପି ସେ ତାଙ୍କ ଘରୋଇ ଟ୍ରାକ୍‌ରେ ପୋଲ ପୋଜିଶନ ହାସଲ କରିଥିଲେ। ଷ୍ଟାର୍ଟିଂ ଟ୍ରାକ୍‌ରୁ ରେସ୍ ଆରମ୍ଭ କରିବା ସୁଯୋଗ ରହିଥିଲେ ମଧ୍ୟ ଠିକଣା ସମୟରେ ତାଙ୍କ କାର୍ ମରାମତି କାର୍ଯ୍ୟ ଶେଷ ହୋଇ ନ ପାରିବାରୁ ସେ ରେସ୍‌ରେ ଭାଗ ନେଇପାରି ନ ଥିଲେ।

# ଚତୁର୍ଥ ରାଉଣ୍ଡରେ ଜୋକୋଭିଚ୍, ନାଡାଲ

## ଫ୍ରେଞ୍ଚ୍ ଓପନ ଟେନିସ

**ପ୍ୟାରିସ୍,୫।୬**


ନୋଭାକ୍ ଜୋକୋଭିଚ୍


ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ଶନିବାର ସପ୍ତମ ଦିବସରେ ପ୍ରବେଶ କରିଛି। ପୁରୁଷ ସିଙ୍ଗଲ୍ସରେ ଟପ୍‌ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍, ତୃତୀୟ ସିଡ୍ ସ୍ପେନର ରାଫାଲ ନାଡାଲ, ଇଟାଲୀର ଅଣସିଡ୍ ଖେଳାଳି ଲୋରେଞ୍ଜୋ ମୁସେଟି, ଆମେରିକାର ୧୮ତମ ସିଡ୍ ଖେଳାଳି ଜାନିକ ସିନର, ଜର୍ମାନୀର ଜାନ ଲେନାର୍ଡ ଷ୍ଟ୍ରଫ୍, ଦଶମ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନ ସେମାନଙ୍କ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ନାଡାଲ ତୃତୀୟ ରାଉଣ୍ଡରେ ବ୍ରିଟେନର କାମେରନ ନୋରିଙ୍କୁ ୬-୩, ୬-୩, ୬-୩ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଜୋକୋଭିଚ ୬-୧, ୬-୪, ୬-୧ ସେଟ୍‌ରେ ଲିଥୁଆନିଆର ୯୩ ର୍‍ୟାଙ୍କ୍‌ର ଖେଳାଳି ରିକାର୍ଡାସ ବେରନାକିସ୍‌ଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱାଦଶ ବର୍ଷ ପାଇଁ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଥର ସଫଳ ହେଲେ ଜୋକୋଭିଚ୍ ଦ୍ୱିତୀୟଥର ପାଇଁ ଫ୍ରେଞ୍ଚ୍ ଓପନ ଓ ମୋଟ ଉପରେ ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ। ସେହିପରି ମୁସେଟି ୩-୬, ୬-୪, ୬-୩, ୩-୬, ୬-୩ ସେଟ୍‌ରେ ଇଟାଲୀର ମାର୍କୋ ସେକିନାଟୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଇସ୍ନର ୬-୧, ୭-୫, ୬-୩ ସେଟ୍‌ରେ ସ୍ୱିଡେନର ୱାଇମେରଙ୍କୁ ୬-୧, ୭-୫, ୬-୩ ସେଟ୍‌ରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଷ୍ଟ୍ରଫ୍ ୬-୪, ୭-୬, ୬-୨ ସେଟ୍‌ରେ ସ୍ପେନର ଅଲକାରାଜ ଗାର୍ଭିଆଙ୍କୁ ତୃତୀୟ ରାଉଣ୍ଡରେ ହରାଇ ଆଗକୁ ବଢିଛନ୍ତି। ସେହିପରି ସ୍ୱାର୍ଜମ୍ୟାନ ୬-୪, ୬-୨, ୬-୧ ସେଟ୍‌ରେ ଜର୍ମାନୀର ଫିଲିପ୍ କୋହେଲସ୍କ୍ରେଇବରଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

### କେନିନ, କ୍ରେଜସିକୋଭାଙ୍କ ଅଗ୍ରଗତି

ମହିଳା ସିଙ୍ଗଲ୍ସରେ ଚତୁର୍ଥ ସିଡ୍ ମାନ୍ୟତାପ୍ରାପ୍ତ ଆମେରିକାର ସୋଫିଆ କେନିନ୍ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେ ନିଜ ଦେଶରେ ୨୮ତମ ସିଡ୍ ଜେସିକା ପେଗୁଲାଙ୍କୁ ୪-୬, ୬-୧, ୬-୪ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଚେକ ଗଣରାଜ୍ୟର ବାରବୋରା କ୍ରେଜସିକୋଭା ୬-୩, ୬-୨ ସେଟ୍‌ରେ ପଞ୍ଚମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ଅଗ୍ରଗତି କରିଛନ୍ତି। ଫ୍ରେଞ୍ଚ୍ ଓପନ ପ୍ରଥମ ସପ୍ତାହରେ ଭିଟୋଲିନା ସପ୍ତମ ଟପ୍-୧୦ ସିଡ୍ ଖେଳାଳିଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ସେହିପରି ଆମେରିକାର ସ୍ଲୋଆନ ଷ୍ଟିଫେନ୍ସ ୬-୩, ୭-୫ ସେଟ୍‌ରେ କାରୋଲିନା ମୁଚୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୟୁକ୍ରେନର ମାର୍ଟା କୋସିଟ୍ୟୁକ ୬-୧, ୬-୨ରେ ଭାରଭାରା ଗ୍ରାଚେଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## କେଶରିଆ ହିନ୍ଦୁବାହିନୀ ରାଜ୍ୟ ସଭାପତିଙ୍କୁ ଆକ୍ରମଣ

**ବଲାଙ୍ଗୀର ଅଫିସ:** ଗୋରୁଚାଲାଣ ରୋକିବାକୁ ଯାଇଥିବାବେଳେ ମୁରିବାହାଲ ଠାରେ କେଶରିଆ ହିନ୍ଦୁବାହିନୀର ରାଜ୍ୟ ସଭାପତି ସନ୍ତୋଷ ଭୋଳ ଓ ତାଙ୍କ ସାଥୀ ମୁରିବାହାଲ ବ୍ଲକ ସଭାପତି, ଉପସଭାପତିଙ୍କୁ ଗାଈଚାଲାଣ କରୁଥିବା କିଛି ଲୋକ ଶୁକ୍ରବାର ଅତର୍କିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଭୋଳ ଓ ତାଙ୍କ ସାଥୀମାନେ ଆହତ ହୋଇଥିବା ଜଣାପଡିଛି। ଘଟଣା ପରେ ଭୋଳଙ୍କ ପକ୍ଷରୁ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଏହାପରେ ଏସପି ଅଫିସକୁ ଆସି ଦାବିପତ୍ର ଦିଆଯାଇଛି । ଆକ୍ରମଣକାରୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନହେଲେ କେଶରିଆ ହିନ୍ଦୁବାହିନୀ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି ।

## ସଂକ୍ଷେପରେ

### ଗଣ୍ଡଗୋଳ, ଥାନାରେ ୨ ମାମଲା

**ବଲାଙ୍ଗୀର ଅଫିସ, ୫।୬:** ବଲାଙ୍ଗୀର ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗରପଡାରେ ମାରପିଟ, ଗଣ୍ଡଗୋଳ ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି । ସୁନୀଲ ମିଶ୍ର ଅଭିଯୋଗରେ ଏକ ମାମଲା(ନଂ.୩୧୧/୨୧) ଓ ବିଶାନ୍ତ ପଶାୟତଙ୍କ ଅଭିଯୋଗ ଅନୁସାରେ ଦ୍ୱିତୀୟ ମାମଲା (ନଂ.୩୧୨/୨୧) ରୁଜୁ ହୋଇଛି। ଘଟଣାର ତଦନ୍ତ କରାଯାଉଛି ବୋଲି ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ କହିଛନ୍ତି।

### ବଡଖମାରରୁ ୧୦୦ସ୍ୱାବ୍ ନମୁନା ସଂଗ୍ରହ

**ଅମରପାଲି, ୫।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତର ବଡଖମାର ଗ୍ରାମରେ ଶନିବାର ଶହେ ଜଣଙ୍କର ସ୍ୱାବ ସଂଗ୍ରହ କରାଯାଇଛି। ସେଥିରୁ ୫୦ ଆଣ୍ଟିଜେନ ଓ ୫୦ ଆରଟିପିସିଆର ଟେଷ୍ଟ। କ୍ରମାଗତଭାବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗାଁରେ ସ୍ୱାବ ସଂଗ୍ରହ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ବୀରମହାରାଜପୁର ଡାକ୍ତରଖାନାର କୋଭିଡ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତ୍ରିନାଥ ମେହେର, ବବିତା ମେହେର ଓ ଓମ ପ୍ରକାଶ ମହାପାତ୍ର ପ୍ରମୁଖ ସ୍ୱାବ ସଂଗ୍ରହ କରିଥିଲେ।

### ବିଦ୍ୟୁତ୍ ଆଘାତରେ ବାଳକ ମୃତ

**ଟିଟିଲାଗଡ଼, ୫।୬(ଡି.ଏନ.ଏ.):** ବିଦ୍ୟୁତ୍‌ଘାତରେ ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ରଘୁନାଥପଡାର ଓମ ଦଣ୍ଡସେନା(୮) ନାମକ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି । ଘରେ ଚାଲିଥିବା କୁଲରକୁ ଓମ ଛୁଇଁ ଦେବା ପରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛିଟିକି ପଡିଥିଲେ। ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଟିଟିଲାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୬/୨୧)ରୁଜୁ ହୋଇଛି ।

### କଫ୍ ସିରଫ ଜବତ, ଜଣେ ଗିରଫ

**ଖପ୍ରାଖୋଲ(ଡି.ଏନ.ଏ):** ଖପ୍ରାଖୋଲ ଥାନା ଶାନ୍ତିପୁର ଗାଁରେ ଶୁକ୍ରବାର ରାତିରେ ଚଢାଉ କରି ଖପ୍ରାଖୋଲ ପୋଲିସ ବେଆଇନ କଫ୍ ସିରପ ବିକିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଶାନ୍ତିପୁର ଗାଁର ସରୋଜ ସାହୁ(୨୯)। ତାଙ୍କ ଘରୁ ୧୨ବୋତଲ ଏସକୋରି କଫ୍ ସିରଫ, ୨ ବୋତଲ ଖୋଲା କଫ୍ ସିରପ୍, ଗୋଟିଏ ଷ୍ଟ୍ରିପ୍ ଏଫ୍ କୋଲାମ୍ ନିଶା ଟାବଲେଟ୍ ପୋଲିସ୍ ଜବତ କରିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ ୮୩/୨୧)ରୁଜୁ ହୋଇଛି।

### ଶତାୟୁ ମହିଳାଙ୍କ ମୃତ୍ୟୁ

**ଅତାବିରା, ୫।୬ (ଡି.ଏନ.ଏ):** ପରିବେଶ ପ୍ରତି ଧ୍ୟାନ ଦେବା ସହ ଲୋକମାନଙ୍କୁ ସଚେତନ କରୁଥିବା ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଶତାୟୁ ବୃଦ୍ଧା କିଶୋରୀ ଝାଙ୍କରଙ୍କ ଶନିବାର ପରଲୋକ ହୋଇଛି। ସେ ପ୍ରତିଦିନ ଭୋର୍‌ରୁ ଉଠି ଖମାରୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ରାସ୍ତା ସଫେଇ କରୁଥିଲେ। ତାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପୁତ୍ର ଚିନ୍ତାମଣି ଝାଙ୍କର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ କିଶୋରୀଙ୍କ ବିୟୋଗରେ ବସନ୍ତ ବାରିକ, ପଞ୍ଚାନନ ତରିଆ, ନାଗା ଗହିର, ଭାରତ ଗହିର, ହୃଷିକେଶ ଖମାରୀ, ଗୌନ୍ତିଆ ମଦନମୋହନ ଦାଶ, ବଦ୍ରି ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

### ସ୍ୱେଚ୍ଛାସେବୀ କାର୍ତ୍ତିକଙ୍କ ପରଲୋକ

**ବାଉଁଶୁଣୀ, ୫।୬ (ଡି.ଏନ.ଏ):** ବୌଦ୍ଧ ବ୍ଲକ ତାଲସରଡା ପଞ୍ଚାୟତ ଅନ୍ତର୍ଗତ ଡମ୍ବୁରୁଗଡ ବାସିନ୍ଦା ତଥା ତାଲସରଡା ପଞ୍ଚାୟତର ସରପଞ୍ଚ କାଞ୍ଚନ ମହାକୁଡଙ୍କ ସ୍ୱାମୀ କାର୍ତ୍ତିକ ମହାକୁଡ (୪୬)ଙ୍କ ଶନିବାର ପରଲୋକ ଘଟିଛି । ସେ ବୌଦ୍ଧ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ପରେ ବରଗଡ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ନିଆଯିବା ବେଳେ ରେଢ଼ାଖୋଲ ନିକଟରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ବିୟୋଗରେ ସାହାଜପାଲ ତଥା ବାଉଁଶୁଣୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ବିଭିନ୍ନ ସଂଗଠନ ସହ ଜଡିତ ଥିବା ବେଳେ ଜଣେ ସ୍ୱେଚ୍ଛାସେବୀ ଭାବେ ଅଞ୍ଚଳରେ ପରିଚିତ ଥିଲେ ।

# ଧାନକିଣା ଟାର୍ଗେଟ୍ ବଢୁନି, ଚାଷୀ ଅସନ୍ତୋଷ

**ଲୋଇସିଂହା, ୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପ୍ୟାକ୍ସ ଅଧୀନ ଚାଷୀମାନେ ଟାର୍ଗେଟ ବୃଦ୍ଧି ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ଗତ ମେ ୩୧ତାରିଖରେ ଫେରାଦ ହୋଇଥିଲେ। ଇତିମଧ୍ୟରେ ୬ଦିନ ବିତିଯାଇଥିଲେ ସୁଦ୍ଧା ଟାର୍ଗେଟ ବୃଦ୍ଧି କରାଯାଇନାହିଁ। ପ୍ୟାକ୍ସରେ ଧାନବିକ୍ରି ଅପେକ୍ଷାରେ ପଡିଥିବା ୩ହଜାର କୁଇଣ୍ଟାଲ ଧାନକୁ ନେଇ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଝଡବର୍ଷା ଲାଗି ରହିଥିବାରୁ ଧାନ ଫସଲ ନଷ୍ଟ ଆଶଙ୍କା ସୃଷ୍ଟି ହୋଇଛି । କୁଶମେଲ (ପ୍ୟାକ୍ସ)ରେ ୧୧ଖଣ୍ଡ ଗ୍ରାମର ୭୩ଜଣ ଚାଷୀ ଉଠା ଜଳସେଚନ ଓ ପାତାଳ ବୋରିଂ ଜରିଆରେ ପ୍ରାୟ ଦେଢଶହ ଏକରରୁ ଅଧିକ ଜମିରେ ରବିଧାନ ଚାଷ କରି ବିକ୍ରି ସକାଶେ ପଞ୍ଜୀକୃତ ହୋଇଛନ୍ତି। ପଞ୍ଜୀକୃତ ଚାଷୀଙ୍କ ମୋଇବାଲକୁ ମେ ୨୪ତାରିଖରେ ଧାନକ୍ରୟ ପାଇଁ ମ୍ୟାସେଜ ଦିଆଯାଇଥିଲା। ଏହିକ୍ରମରେ ଚାଷୀମାନେ ପ୍ୟାକ୍ସକୁ ଧାନବିକ୍ରି ପାଇଁ ଆଣିଛନ୍ତି। ହେଲେ ମାତ୍ର ପ୍ରଥମ ପର୍ଯ୍ୟାୟରେ ୨ଶହ କୁଇଣ୍ଟାଲ ଧାନକିଣିବାକୁ ପ୍ରଶାସନ ପକ୍ଷରୁ ଟାର୍ଗେଟ ଦିଆଯାଇଥିଲା । ଏହାକୁ ନେଇ ଧାନବିକ୍ରି ପାଇଁ ଆଣିଥିବା ଚାଷୀ ଅଡୁଆରେ ପଡିଥିଲେ । ଗତ ମେ ୩୧ରେ ଚାଷୀମାନେ ପ୍ୟାକ୍ସ ୬ହଜାର କୁଇଣ୍ଟାଲ ଟାର୍ଗେଟ ଦାବିରେ ଜିଲା ଯୋଗାଣ ଅଧିକାରୀ ବିକ୍ରମ କୁମାର ମାଝିଙ୍କୁ ଫେରାଦ ହୋଇଥିଲେ। ହେଲେ ଆଧ୍ୟାବଧି ଟାର୍ଗେଟ ବୃଦ୍ଧି କରାଯାଇନାହିଁ। ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଧାନକିଣି ପ୍ରଶାସନ ଚୁପ ହୋଇ ବସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏବେବି ପ୍ୟାକ୍ସରେ କୌସ୍ତୁବ ସାହୁ,ବାଳକୃଷ୍ଣ ପଣ୍ଡା, ଅବନୀ ତ୍ରିପାଠୀ, ଗୌର ମିଶ୍ର, ସୁଧୀର ସାହୁ, ଇନ୍ଦ୍ରଜିତ୍ ସାହୁଙ୍କ ପରି ଚାଷୀଙ୍କ ୩ ହଜାର କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ପଡି ରହିଛି। ସେହିପରି ବ୍ଲକର ସରଗାଡ ପ୍ୟାକ୍ସରେ ମଧ୍ୟ ତଦ୍ରୁପ ଅବସ୍ଥା ଲାଗିରହିଥିବାରୁ ଚାଷୀମାନେ ଗତ ଗୁରୁବାର ଜିଲା ଯୋଗାଣ ଅଧିକାରୀ ମାଝିଙ୍କୁ ସାକ୍ଷାତ କରି କ୍ଷୋଭ ପ୍ରକାଶ କରିଥିଲେ । ପ୍ରଶାସନ ପକ୍ଷରୁ ଜିଲାରେ ରବିଧାନ କିଣିବା ପାଇ ୧ ଲକ୍ଷ କୁଇଣ୍ଟାଲ ଧାର୍ଯ୍ୟ ଦେଇଥିବାବେଳେ ସରକାରଙ୍କ ପକ୍ଷରୁ ମାତ୍ର ୧୪ ହଜାର କୁଇଣ୍ଟାଲ ଟାର୍ଗେଟ ଦେବା ପରିତାପର ବିଷୟ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

**କୁଶମେଲ ପ୍ୟାକ୍ସ**

## ମଣ୍ଡିରେ ଚାଷୀଙ୍କ ହୋହଲ୍ଲା

**କୋକସରା,୫।୬(ଡି.ଏନ.ଏ.)**

କୋକସରା ବ୍ଲକ କାଶିବାହାଲ ମଣ୍ଡିରେ ଧାନ କିଣାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏନେଇ ମଣ୍ଡିରେ ଶନିବାର ଚାଷୀଙ୍କ ମଧ୍ୟରେ ହୋ ହାଲ୍ଲା ହେବାର ଦେଖିବାକୁ ମିଳିଥିଲା। ଅନେକ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ରଖିଥିବା ବେଳେ ସେମାନଙ୍କ ଧାନ ଉଠାଯାଉନାହିଁ। ଅପରପକ୍ଷରେ ଫଲ୍ସ ଏଣ୍ଟ୍ରି କରି ଧାନ କିଣା ଚାଲିଛି । ପ୍ରାୟ ୨ ହଜାର କୁଇଣ୍ଟାଲ ଧାନ ମଣ୍ଡିକୁ ନ ଆସି ଫଲ୍ସ ଏଣ୍ଟ୍ରି ହୋଇଥିବା ପପୁ ବେମାଲ ନାମକ ଜଣେ ଚାଷୀ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରଛନ୍ତି। ଏନେଇ କାଶିବାହାଲ ଡିଇଓ ସାଗର ବେହେରାଙ୍କୁ ପଚାରିବାରେ ଫଲ୍ସ ଏଣ୍ଟ୍ରିକୁ ଅସ୍ୱୀକାର କରିଛନ୍ତି । ତେବେ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଶୀଘ୍ର ଧାନ ଉଠାଣ କରିବାକୁ ଚାଷୀମାନେ ଦାବି କରି ଛନ୍ତି ।



ମଣ୍ଡି ପରିସରରେ ଚାଷୀମାନେ ହୋ ହଲ୍ଲା କରୁଛନ୍ତି ।

# କଳାହାଣ୍ଡି ଗୋଁଣ୍ଡ ସମାଜର ସାଧାରଣ ବୈଠକ

**କେସିଙ୍ଗା, ୫।୬ (ଡି.ଏନ.ଏ.)**

କଳାହାଣ୍ଡି ଗୋଁଣ୍ଡ ସମାଜର ସାଧାରଣ ସଭା ଶୁକ୍ରବାର ପ୍ରଦେଶ ସଭାପତି ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲା ସଭାପତି ପଦ୍ମନ ପାତ୍ର ସ୍ୱାଗତ କରିଥିବା ବେଳେ ଜିଲା ମହାସଚିବ ଲୋଚନ ଧରୁଆ, ପ୍ରଦେଶ ଶିକ୍ଷା ମହାସିଚବ ମୀନକେତନ ମାଝୀ ଓ ସଂଗଠନ ମହାସଚିବ ପ୍ୟାରୀମୋହନ ନାୟକ ପରିଚାଳନା କରିଥିଲେ। ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଖାମସିଂହ ମାଝୀ ଏକତା ଉପରେ ସ୍ମରଣ କରାଇ ଶିକ୍ଷା, ଆର୍ଥିକ, ବ୍ୟବସାୟିକ ଓ ସାମ୍ବିଧାନିକ ଅଧିକାର ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆସନ୍ତା ୨୪ରେ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ପାଳନ ଓ ବଡଦେଓ ପାଠାଗାର ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଉପାନ୍ତ ଅଞ୍ଚଳରେ ନେଟୱାର୍କ ଉପଲବ୍ଧ କରିବା ପାଇଁ ଦାବି କରିଥିଲେ। ଏହି ସଭାରେ ଖଗେନ୍ଦ୍ର ମାଝୀ, ଦିଲୀପ ମାଝୀ, ଲକ୍ଷ୍ମୀକାନ୍ତ ମାଝୀ, ମହେଶ୍ୱର ମାଝୀ, ହରେକୃଷ୍ଣ ମାଝୀ, ତୁଳସୀରାମ ମାଝୀ, ଲବଣୀ ଝାଙ୍କର, ସୁବାଷ ଚନ୍ଦ୍ର ମାଝୀ, ପ୍ରଦେଶ ଉପସଭାନେତ୍ରୀ ଦମୟନ୍ତୀ ମହାପାତ୍ର ପ୍ରମୁଖ ଅନ୍‌ଲାଇନ ମାଧମରେ ଶିକ୍ଷାକୁ ସରକାର ଗୁରୁତ୍ୱ ଦେବାକୁ ମତପୋଷଣ କରିଥିଲେ। ଶେଷରେ ଅଧ୍ୟାପକ ଡୋଲାମଣିଧରୁଆ ଧନ୍ୟବାଦ ଦେଇଥିଲେ।

## ଗଜଲକ୍ଷ୍ମୀ ପୂଜା କମିଟି ବାଣ୍ଟିଲା ରନ୍ଧାଖାଦ୍ୟ

**ଲୋଇସିଂହା, ୫।୬(ଡି.ଏନ.ଏ.)**

ଲକ୍‌ଡାଉନ କଟକଣା ଯୋଗୁ ଲୋଇସିଂହା ସହରର ଦୋକାନ ବଜାର, ହୋଟେଲ ବନ୍ଦ ରହିଛି । ଏଥିଯୋଗୁ ଲୋଇସିଂହା ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ତାଙ୍କ ପରିଜନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଲୋଇସିଂହା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଡାକ୍ତରଖାନା ପରିସରରେ ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ ହୋଇଛି । ପୂଜା କମିଟି କର୍ମକର୍ତ୍ତା ବୀରେନ ପଧାନ, କୁନା ବାରିକ, ପ୍ରୀତିରଞ୍ଜନ ସାହୁ, ସରୋଜ ବିଶ୍ୱାଳ, ସମରଜିତ୍ ସାହାଣୀଙ୍କ ସମେତ କର୍ମକର୍ତ୍ତା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ଓ ପରିଜନଙ୍କୁ ରନ୍ଧାଖାଦ୍ୟ ବାଣ୍ଟିଥିଲେ। ଏହାସହ ପୂଜା କମିଟି କର୍ମକର୍ତ୍ତା ଲୋଇସିଂହା ସହରର ବିଭିନ୍ନ ସ୍ଥାନରେ ଥିବା ଅସହାୟଙ୍କୁ ଖାଦ୍ୟ ପ୍ରଦାନ କରିଛନ୍ତି। ପ୍ରତ୍ୟହ ଦୁଇବେଳା ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କୁହାଯାଇଛି।

# ସଇଁତଳାରେ ଗଡ଼ିଲା ରାଜସ୍ୱ ରଥ

**ସଇଁତଳା, ୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ତହସିଲ ତରଫରୁ ଶନିବାର ଗାଁକୁ ଗାଁ ଯାଇ ଲୋକଙ୍କୁ ପଟ୍ଟା, ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ସହ ବିଭିନ୍ନ ପ୍ରକାର ରାଜସ୍ୱ ସେବା ଯୋଗାଇବା ଲକ୍ଷ୍ୟରେ 'ଆମ ତହସିଲ ଆମ ଗାଁରେ' ରଥର ଶୁଭାରମ୍ଭ କରାଯାଇଛି । ଲୋକେ ତହସିଲ କାର୍ଯ୍ୟାଳୟରେ ଜାତି ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର, ଜମି ପଟ୍ଟା, ବାସିନ୍ଦା ପ୍ରମାଣପତ୍ର ପାଇଁ ଆବେଦନ କରିଥାନ୍ତି। ରଥ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ତହସିଲ କାର୍ଯ୍ୟାଳୟରେ ମିଳୁଥିବା ସମସ୍ତ ପ୍ରକାର ସେବା ଯୋଗାଇବ। ତହସିଲଦାର ଦାୟିତ୍ୱରେ ଥିବା କଣ୍ଟାବାଞ୍ଜି ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ ତହସିଲ କାର୍ଯ୍ୟାଳୟ ପରିସରରେ ଏହି ରାଜସ୍ୱ ରଥର ଶୁଭାରମ୍ଭ କରିଥିଲେ। ନାଜିର ଦଳଗଞ୍ଜନ ଜାଲ, ରାଜସ୍ୱ ନିରୀକ୍ଷକ ସରୋଜ ଜାଲ, ଡିଇଓ ଲିଙ୍ଗରାଜ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ସଇଁତଳା ବ୍ଲକ ଅନ୍ତର୍ଗତ ଡେଣ୍ଟିଲିପାଲି, ଟୁର୍ଚ୍ଚାଉପେର ଓ ଡୁଙ୍ଗୁରିପାଲି ଗ୍ରାମକୁ ରାଜସ୍ୱ ରଥ ଯାଇ ତହସିଲଦାର ଧରୁଆଙ୍କ ଉପସ୍ଥିତିରେ ୧୫ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା ।




ଜଣେ ବ୍ୟକ୍ତିଙ୍କୁ ଜମିପଟ୍ଟା ପ୍ରଦାନ କରାଯାଉଛି ।

## ରାସ୍ତା ପାର୍ଶ୍ୱକୁ ଓଲଟିଲା ଆଳୁ ଓ ଧାନ ବୋଝେଇ ଟ୍ରକ୍

**କୁନାଗଡ,୫।୬(ଡି.ଏନ୍.ଏ.)**

କୁନାଗଡ-ଭବାନୀପାଟଣା ୨୬ନମ୍ବର ଜାତୀୟ ରାଜପଥର ଶଗଡା ନଦୀ ନିକଟରେ ଶନିବାର ସକାଳେ ଏକ ଆଳୁ ବୋଝେଇ ଟ୍ରକ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଛି। ଏହି ଦୁର୍ଘଟଣାରେ ଟ୍ରକ ଚାଳକ ସୁରକ୍ଷିତ ରହିଥିବା ବେଳେ ହେଲପର ଆହତ ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପଶ୍ଚିମବଙ୍ଗରୁ ଏହି ଟ୍ରକ (ନଂଡବ୍ଲୁ ବି ୩୩-ସି ୭୦୪୭) କୁନାଗଡକୁ ଆସୁଥିବା ବେଳେ ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଟ୍ରକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସେହିପରି ଅପରାହ୍ନରେ କଳମପୁର ବ୍ଲକ ପଣ୍ଡିଗାଁ ମଣ୍ଡିରୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ ତାଳପଦର ଛକ ନିକଟରେ ରାସ୍ତା କଡକୁ ଭାରସାମ୍ୟ ହରାଇ ଓଲଟି ପଡିଛି। ଫଳରେ ଅଳ୍ପକେ ଟ୍ରକ ଚାଳକ ବର୍ତ୍ତି ଯାଇଛନ୍ତି ।

# କେନ୍ଦୁପତ୍ର କର୍ମଚାରୀଙ୍କ ସମସ୍ୟା ନେଇ ଦାବିପତ୍ର

**ନୂଆପଡା ଅଫିସ, ୫।୬**

ବଲାଙ୍ଗୀର ସର୍କଲ ସିସିଏଫ୍ (କେନ୍ଦୁପତ୍ର) ଶନିବାର ଖଡିଆଳ ଗସ୍ତରେ ଆସି ଖଡିଆଳ ଫରେଷ୍ଟ ଡାକ ବଙ୍ଗଳାରେ ପହଞ୍ଚିଥିଲେ। ଏହି ସମୟରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆଳ ଡିଭିଜନ ପକ୍ଷରୁ ସମ୍ପାଦକ ଯଦୁମଣି ପାଣିଗ୍ରାହୀ ନୂଆପଡା ଜିଲାର ହଜାର ହଜାର କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ସିଜିନାଲ ଷ୍ଟାଫଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ତାଙ୍କ ସହିତ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦୁଇ ହଜାର କେରି ବଦଳରେ ପାଞ୍ଚ ଶହ କେନ୍ଦୁପତ୍ର ତୋଳିଥିବା ତୋଳାଳିଙ୍କୁ ସାମାଜିକ କଲ୍ୟାଣ ଯୋଜନାରେ ସାମିଲ, ଡିଭିଜନର ପ୍ରତ୍ୟେକ ସେକ୍‌ସନରେ ସର୍କଲ ଚେକର ନିଯୁକ୍ତି, ଖଡିଆଳ ଡିଭିଜନକୁ ପୂର୍ଣ୍ଣାଙ୍ଗ ପ୍ରୋସେସ୍ ଡିଭିଜନ କରିବା, ସିଜିନାଲ ଷ୍ଟାଫଙ୍କ ୨୦୧୯ର ବର୍ଦ୍ଧିତ ବକେୟା ଦରମା ତୁରନ୍ତ ପ୍ରଦାନ, ଜିଲା ବାହାର ପିଲାମାନଙ୍କୁ ନିଯୁକ୍ତି ପାଇଁ ଚାଲିଥିବା ମସୁଧା ଆଦିକୁ ଦୃଢ଼ ନିନ୍ଦା କରିବା ସହିତ ଏଥିରେ ସିସିଏଫ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରାଯାଇଥିଲା। ଏସବୁ ଦାବି ଉପରେ ଉପରିସ୍ଥ ପଦାଧିକାରୀଙ୍କୁ ଜଣାଇବୁ ବୋଲି ସିସିଏଫ୍ ପ୍ରତିଶ୍ରୁତି ଦେଇଥିଲେ ।



# ବୃକ୍ଷରୋପଣ ହିଁ ବଡ଼ ଆହ୍ୱାନ

**ବରଗଡ଼ ଅଫିସ୍,୫।୬**

ଜନସଂଖ୍ୟା ବୃଦ୍ଧି ପାଉଛି । ଅନ୍ୟପଟେ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି। ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି ଏବଂ ଏଥିପାଇଁ ଜୀବଜଗତ ଧ୍ୱଂସାଭିମୁଖୀ ହେଉଛି। ଏଭଳି କ୍ଷେତ୍ରରେ ବୃକ୍ଷରୋପଣ ହିଁ ପରିବେଶକୁ ସନ୍ତୁଳିତ ରଖିବାରେ ସହାୟକ ହୋଇ ପାରିବ। ବରଗଡ଼ ସହର ବଗେଇବିରା ନିକଟ କଜଳିବିଜଲି ଜରାନିବାସରେ ଶନିବାର ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ବନୀକରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ସେହିପରି ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରରେ ନିଗମାନନ୍ଦ ବିହାର ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାୟକ, ବରିଷ୍ଠ ସଦସ୍ୟ ତଥା ଜିଲା ରଜକ ସମାଜ ସଭାପତି ଅର୍ଜୁନ ସେଠଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ପୌର ପରିଷଦ ଏବଂ ସୋଫା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ମୁଖ୍ୟରାସ୍ତାର ରକ୍ତ କାଞ୍ଚନ ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନା, ସବ୍ ରେଜିଷ୍ଟ୍ରାର ସଦାକର କୁମ୍ଭାର, ସୋଫା ସଭାପତି ଦିବ୍ୟଶଙ୍କର ଦେବତା, ଅଧ୍ୟାପକ ପତିତପାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଲୋଇସିଂହା,(ଡି.ଏନ.ଏ.):** ଲୋଇସିଂହା ଥାନା ନଅଗାଁ(ଖ)ସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ଶନିବାର ପାଳିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥିଭାବେ ଯୋଗଦେଇ ଚାରା ଲଗାଇଥିଲେ। ଏହି ଅବସରରେ ସେ ବ୍ୟାପକଭାବେ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। କରୋନା ସଚେତନତା ପାଇଁ ଲୋଇସିଂହା ଓ ଆଗଲପୁର ବ୍ଲକରେ କାର୍ଯ୍ୟ କରୁଥିବା ମାହେଶ୍ୱରୀ ସଂଗଠନର ସ୍ୱେଚ୍ଛାସେବୀମାନଙ୍କୁ ଅକ୍ସିଜେନ ସିଲିଣ୍ଡର, ପଲ୍ସ ଅକ୍ସିମିଟର ଆଦି ପ୍ରଦାନ କରିଥିଲେ ।

**ବଲାଙ୍ଗୀର ଅଫିସ:** କୁରୁଲସ୍ଥିତ ରାମଜୀ ହାଇସ୍କୁଲଠାରେ ବଲାଙ୍ଗୀର ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ମାସ୍କ ଏବଂ ସାନିଟାଇଜର ବଣ୍ଟନ କରାଯାଇଥିଲା । ଏହି ସ୍କୁଲକୁ ରାଜ୍ୟ ସଭା ସାଂସଦ ସୁବାସ ସିଂ ପୌଷ୍ୟସ୍କୁଲଭାବେ ଗ୍ରହଣ କରିଛନ୍ତି। ତାଙ୍କ ଅନୁରୋଧକ୍ରମେ ରୋଟାରିଆନ ବିଷ୍ଣୁପ୍ରସାଦ କେଡିଆଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ କ୍ଲବ ସଭାପତି ରାଜେଶ ଜୈନ, ସମ୍ପାଦକ କହ୍ନେୟାଲାଲ ଅଗ୍ରୱାଲ, ମନୋନୀତ ସମ୍ପାଦକ ସୁଶୀଲ ଅଗ୍ରୱାଲ, ପ୍ରତିଷ୍ଠା ସଭ୍ୟ ଓମ୍ ପ୍ରକାଶ କାଉଣ୍ଟିଆ, ସଙ୍ଗୀତ ଅଗ୍ରୱାଲ, ବଳରାମ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ ଯୋଗଦେଇଥିଲେ ।

ରାମଜୀ ହାଇସ୍କୁଲରେ ଗାନ୍ଧୀ ସ୍ମୃତି କମିଟି ସଦସ୍ୟ କରୋନା ମହାମାରୀ ନିୟମକୁ ମାନି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଶିକ୍ଷକ ନାଏକ, ବଲାଙ୍ଗୀର ୟୁଥ ଆକ୍ସନ କମିଟି ସଭାପତି ବିନୋଦ କାଳସାଏ, ସୁଧିର ମିଶ୍ର, ଜୁନିୟର ରେଡକ୍ରସ ସୋସାଇଟିର ରାମନାରାୟଣ ଦାଶ, ଯୁବକବି ଅର୍ଜୁନ ସାହୁ, କିଶୋର ବରିହା, ପ୍ରଶାନ୍ତ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ ।

**ଟିଟିଲାଗଡ଼,(ଡି.ଏନ.ଏ):** ଟିଟିଲାଗଡ ଅଦାଲତ ପରିସରରେ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜକୁମାର ଦାଶ ଚାରାରୋପଣ କରିଥିଲେ। ଜେଏମଏଫସି ଲିପ୍ସା ରାଉତ, ବାର ସଂଘ ସଭାପତି ପ୍ରଭାସ ବହିଦାର, ସମ୍ପାଦକ ମହେଶ ମହାନ୍ତି, ଟିଟିଲାଗଡ ଡେପୁଟି ରେଞ୍ଜର ଯୁଧିଷ୍ଠିର ବାରିକ, ଫରେଷ୍ଟର ବୃନ୍ଦାବନ କୁମ୍ଭାର, ପୁଷ୍ପାଞ୍ଜଳି ଯୋଷୀ ପ୍ରମୁଖ କାର୍ଯକ୍ରମରେ ସାମିଲ ହୋଇଥିଲେ। କୁମୁଡା ପାହାଡ ସୁରକ୍ଷା ସମିତି ପକ୍ଷରୁ ସାଧାରଣ ସମ୍ପାଦକ ପ୍ରକୃତିମିତ୍ର ଉପେନ୍ଦ୍ର ବାଗଙ୍କ ନେତୃତ୍ୱରେ କୁମୁଡା ପାହାଡରେ ଚାରାରୋପଣ କରାଯାଇଥିଲା। ଟିଟିଲାଗଡ ସରକାରୀ ବାଳକ ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡାଙ୍କ ନେତୃତ୍ୱରେ ବୃକ୍ଷ ଦେବତାଙ୍କୁ ପୂଜାର୍ଚ୍ଚନା, ଚାରାରୋପଣ କରାଯାଇଛି।

**ଖପ୍ରାଖୋଲ(ଡି.ଏନ.ଏ):** ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ତରଣୀ ସୁନା, ତହସିଲଦାର ଧିରୋଜ ପାତ୍ର, ଆଇସିଡିଏସ୍ ସୁପରଭାଇଜର ପଙ୍କଜିନି ମିଶ୍ର, ସୁମିତ୍ରା ମାଝୀ, ଜିପିଇଓ ସୁଶାନ୍ତ କୁମାର ପାଣି, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ ବ୍ଲକ ପରିସରରେ ଚାରା ରୋପଣ କରାଯାଇଥିଲା ।

**ତରଭା,(ଡି.ଏନ.ଏ):** ତରଭା ଏଇଏସ କଲେଜ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ମିନତି ମିଶ୍ର ଓ ପ୍ରାକ୍ତନ ଅଧକ୍ଷା ସଞ୍ଜୁକ୍ତା ବାଇ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ସାଇ ଫାଉଣ୍ଡେସନ ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ କୋଭିଡ୍ ନିୟମକୁ ପାଳନ କରି ସାମାଜିକ ଦୂରତା ବଜାୟ ରଖି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଟ୍ରଷ୍ଟ ଅଧକ୍ଷ ଭୋଳା କୁମାର ବର୍ମା, ସଭାପତି ମିତ୍ରବ୍ରତ ମିଶ୍ର, ଜନାର୍ଦ୍ଦନ ଥନାପତି ସହଯୋଗ କରିଥିଲେ ।

**ଖଡିଆଳ,(ଡି.ଏନ.ଏ):** ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଓ ଖଡିଆଳ ଥାନା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଲିଜା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପରିଚାଳନା ଅଧକ୍ଷ ଡ. ଫଣିନ୍ଦ୍ରମ ଦେଓ ଯୋଗଦେଇଥିଲେ। ସେହିପରି ଖଡିଆଳ ଥାନା ପରିସରରେ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ଏବଂ ପୋଲିସ କର୍ମଚାରୀମାନେ ବୃକ୍ଷରୋପଣ କରି ପରିବେଶର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ ।

**ନୂଆପଡା ଅଫିସ:** ସିନାପାଲି ବ୍ଲକ ନଙ୍ଗଲବୋଡ ସ୍ଥିତ ଆଶ୍ରମ ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ଯଶୋଦା ମାଝୀ ସଭାପତିତ୍ୱ କରିଥିବା ବେଳେ ୟାର ଅନୁଷ୍ଠାନ ଖଡିଆଳର ସଂଯୋଜକ ଅରୁଣ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଦ୍ୟାଳୟ ପରିସରରେ ବରଗଛ ଓ ଅଶ୍ୱସ୍ତ ଗଛ ଚାରା ରୋପଣ କରିଥିଲେ।

**ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ବନଖଣ୍ଡ ପକ୍ଷରୁ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି.ରଘୁନାଥ ରାଓ,ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ଓ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ବନଖଣ୍ଡ ପକ୍ଷରୁ ଫ୍ରେଣ୍ଡସିପ କ୍ଲବ ସହଭାଗିତାରେ ଆୟୋଜିତ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବନଖଣ୍ଡ ଅଧିକାରୀ ସେଠୀ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ। ଅନ୍‌ଲାଇନରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଲାଲକୃଷ୍ଣ ସାହୁ ପ୍ରଥମ,କିଷାନ କୁମାର ମିଶ୍ର ଦ୍ୱିତୀୟ ଓ ଆଲୋକିକା ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସାଇ ଶ୍ରଦ୍ଧାସୁମନ ମହାକୁଳ ପ୍ରଥମ,ମନିଷା ପଟ୍ଟନାୟକ ଦ୍ୱିତୀୟ ଓ ରମାକାନ୍ତ ମେହେର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବର୍ଗରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ସାଇ ପ୍ରତୀକ ବେହେରା ପ୍ରଥମ ଓ ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗାର ଛାତ୍ର ଶୁଭ୍ରଜିତ ମେହେର ଓ କୃତ୍ତିକା ପ୍ରତ୍ୟା ପାଣିଗ୍ରାହୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

**କେସିଙ୍ଗା,(ଡି.ଏନ.ଏ):** କେସିଙ୍ଗା ବ୍ଲକ ବାଲସିଂସ୍ଥିତ ଜବାହାର ଉଚ୍ଚ ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ବିଶ୍ୱ ପରିବେଶ ଦିବସ ଉପରେ ନିଜର ମତ ରଖିଥିଲେ ।





ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବୃକ୍ଷରୋପଣ(ବାମ), ଟିଟିଲାଗଡ଼ କୋର୍ଟ ପରିସରରେ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜକୁମାର ଦାଶ ଚାରାରୋପଣ କରୁଛନ୍ତି।